ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୬୩
୩୦ ଜାନୁଆରୀ, ୨୦୨୬ ଶୁକ୍ରବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...
ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ
Pages-8
Price ₹ 5.00
Vol. 17, Issue No. : 263
30th January, 2026 Friday
Kendrapara
Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଅଶକ୍ତସ୍ତୁ ଭବେତ୍‌ସାଧୁ-ର୍ବ୍ରହ୍ମଚାରୀ ଚ ନିର୍ଦ୍ଧନଃ**
**ବ୍ୟାଧିଷ୍ଟୋ ଦେବଭକ୍ତଶ୍ଚ ବୃଦ୍ଧାନାରୀ ପତିବ୍ରତା ।**

ଶକ୍ତି-ସାମର୍ଥ୍ୟହୀନ ପୁରୁଷ ସାଧୁ ହୋଇଥାଏ, ନିର୍ଦ୍ଧନ ହୁଏ ବ୍ରହ୍ମଚାରୀ, ରୋଗାକ୍ରାନ୍ତ ବ୍ୟକ୍ତି ଦେବଭକ୍ତ ହୋଇଥାଏ ଏବଂ ବୃଦ୍ଧା ସ୍ତ୍ରୀ ହୋଇଥାଏ ପତିବ୍ରତା।

# ୟୁଜିସିର ନୂଆ ନିୟମ: ସୁପ୍ରିମ୍‌କୋର୍ଟଙ୍କ ରୋକ

**ନୂଆଦିଲ୍ଲୀ,୨୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ୟୁଜିସିର ନୂଆ ନିୟମ ବିରୋଧରେ ସାରା ଦେଶରେ ବିରୋଧ ଜାରି ରହିଛି। ଗୁରୁବାର ପ୍ରଧାନ ପର୍ଯ୍ୟନ୍ତ, ୨୦୧୨ର ପୁରୁଣା ୟୁଜିସି ନିୟମାବଳୀ କାର୍ଯ୍ୟକାରୀ ହେବ। କୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରି ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୯ ତାରିଖକୁ ଧାର୍ଯ୍ୟ କରିଛନ୍ତି।

**ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଜାରି ରହିବ ୨୦୧୨ ନିୟମାବଳୀ**
**ନିୟମ ଅସ୍ପଷ୍ଟ ଏବଂ ଅପବ୍ୟବହାର ବିପଦ ରହିଛି: କୋର୍ଟ**



ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଛାତ୍ରଙ୍କ ଭିତରେ ଭେଦଭାବ ସହ ଜଡିତ ୟୁଜିସି ଇକ୍ୱିଟି ରୁଲ୍ସର ନୂଆ ରେଗୁଲେସନକୁ ଚ୍ୟାଲେଞ୍ଜ ଦେଉଥିବା ଜନସ୍ୱାର୍ଥ (ପିଆଇଏଲ) ଉପରେ ଶୁଣାଣି କରିଛନ୍ତି। କୋର୍ଟ ଏହି ମାମଲାରେ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି ଓ ସଲିସିଟର ଜେନେରାଲଙ୍କୁ କହିଛନ୍ତି ସେମାନେ ନିଜର ପକ୍ଷର ରଖନ୍ତୁ ତଥା କମିଟି ଗଠନ ଉପରେ ବିଚାର କରନ୍ତୁ। ସେ

ଶୁଣାଣି ବେଳେ ନ୍ୟାୟମୂର୍ତ୍ତି ଜୟମାଲ୍ୟ ବାଗଚୀ କହିଛନ୍ତି, ସମ୍ବିଧାନର ଧାରା ୧୫(୪)ରାଜ୍ୟକୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପାଇଁ ବିଶେଷ ଆଇନ ତିଆରି କରିବାର ଅଧିକାର ଦେଇଥାଏ। ତେବେ ସେ ଏହା ମଧ୍ୟ କହିଛନ୍ତି ଯେ, ଆବେଦନକାରୀଙ୍କ ଚିନ୍ତା ବୁଝିପାରୁଛନ୍ତି କିଭଳି ପ୍ରଗତିଶୀଳ ଆଇନରେ ପ୍ରତିଗାମୀ ଆଭିମୁଖ୍ୟ କାହିଁକି ଗ୍ରହଣ କରାଯିବା ଦରକାର। ନ୍ୟାୟମୂର୍ତ୍ତି ବାଗଚି ଉଦାହରଣ ଦେଇ କହିଛନ୍ତି ତାଙ୍କୁ ଆଶା ରହିଛି ଭାରତ-ଆମେରିକା ଭଳି ସ୍ଥିତି ଆଡକୁ ଯିବନି, ଯେଉଁଠି କେବେ ଶ୍ୱେତ ଏବଂ ଅଣଶ୍ୱେତ ଛାତ୍ରଙ୍କ ପାଇଁ ଅଲଗା ଅଲଗା ସ୍କୁଲ ଥିଲା। ଏହା ଉପରେ ପ୍ରଧାନ ବିଚାରପତି ଟିପ୍ପଣୀ ଦେଇ କହିଛନ୍ତି, ଏଭଳି ପରିସ୍ଥିତିର ଦୁରୁପଯୋଗ କରିହେବ।

ଆବେଦନକାରୀଙ୍କ ଓକିଲ ଯୁକ୍ତି ଦେଇଥିଲେ ଯେ କିଛି ରାଜନୈତିକ ନେତାଙ୍କ ବୟାନ, ଯେଉଁଥିରେ ସାଧାରଣ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଫି ଦେବାକୁ ପଡିବ, ତାହା ଆହୁରି ଚିନ୍ତାର କାରଣ ହୋଇଛି। ଶୁଣାଣି ସମୟରେ, ଓକିଲ କହିଥିଲେ ଯେ ନିୟମର ଧାରା ୩ସିର ପରିଭାଷାକୁ ଚ୍ୟାଲେଞ୍ଜ କରାଯାଇଛି କାରଣ ଏହା ଜାତିଭିତ୍ତିକ ଭେଦଭାବକୁ ପ୍ରୋତ୍ସାହିତ କରେ। ବରିଷ୍ଠ ଓକିଲ ବିଷ୍ଣୁ ଶଙ୍କର ଜୈନ ଯୁକ୍ତି ଦେଇଥିଲେ ଯେ ଏହି ବ୍ୟବସ୍ଥା ସମ୍ବିଧାନର ଧାରା ୧୪ ଏବଂ ୧୯କୁ ଉଲ୍ଲଂଘନ କରେ। ସେ ଯୁକ୍ତି କରିଥିଲେ ଯେ ଶିକ୍ଷା କ୍ଷେତ୍ରରେ ଏପରି ଭେଦଭାବ ସମାଜରେ ବିଭାଜନକୁ ଆହୁରି ଗଭୀର କରିବ।

ପ୍ରଧାନ ବିଚାରପତି ଆଶ୍ଚର୍ଯ୍ୟ ପ୍ରକାଶ କରି ପଚାରିଲେ ଯେ ସାଧାରଣ ବର୍ଗ ଏହି ନିୟମ ପରିସରଭୁକ୍ତ ନୁହେଁ କି ? ଉତ୍ତରରେ, ଓକିଲ ସ୍ପଷ୍ଟ ଭାବରେ କହିଥିଲେ ଯେ ସାଧାରଣ ବର୍ଗର ଛାତ୍ରମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି, ସଲିସିଟର ଜେନେରାଲ ଦୟାକରି ଏହି ଘଟଣାର ତଦନ୍ତ କରିବା ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଏକ କମିଟି ଗଠନ କରିବା ବିଷୟରେ ବିଚାର କରନ୍ତୁ ଯାହା ଦ୍ୱାରା ସମାଜ କୌଣସି ବୈଷମ୍ୟ ବିନା ଏକାଠି ବିକାଶ କରିପାରିବ। ଆମର ସ୍ୱାଧୀନତାର ୭୫ ବର୍ଷରୁ ଅଧିକ ବିତିଗଲାଣି, ତଥାପି ଆମେ ଏବେ ବି ଜାତିଗତ ବୈଷମ୍ୟ ସହିତ ସଂଘର୍ଷ କରୁଛୁ। ଆନ୍ତଃଜାତୀୟ ବିବାହ ହେଉଛି ଏବଂ ଛାତ୍ରମାନେ ବିଶ୍ୱବିଦ୍ୟାଳୟରେ ଏକାଠି ପାଠ (ଶେଷ ପୃଷ୍ଠା ଦେଖନ୍ତୁ)

## ଭିଜିଲାନ୍ସ ଜାଲରେ ଏସସିବି ଡାକ୍ତର

**କଟକ,୨୯।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଭିଜିଲାନ୍ସ ଜାଲରେ ଏସସିବି ହେପାଟୋଲୋଜି ବିଭାଗର ଆସୋସିଏଟ ପ୍ରଫେସର ଡାକ୍ତର ସନାତନ ବେହେରା। ୨ଲକ୍ଷ ୬୩ହଜାର ଟଙ୍କା ନେଇ ଯାଉଥିବାବେଳେ ଡାକ୍ତର ବେହେରାଙ୍କୁ ଗୁରୁବାର ଅପରାହ୍ନରେ ମାଡ଼ିବସିଲା ଭିଜିଲାନ୍ସ । ବିଭାଗକୁ ସାମଗ୍ରୀ ଯୋଗାଣ ପାଇଁ ବିଡ଼ରଙ୍କ ଠାରୁ ଲାଂଚ ନେଇଥିବା ଅଭିଯୋଗ ହୋଇଥିଲା। ସରକାରୀ କ୍ୱାଟର୍ସକୁ ଡା ବେହେରା ହିରୋହୁଣ୍ଡା ଆକ୍ଟିଭା (ଓଡ଼ି୦୫ବିଏସ୭୩୦୯)ରେ ଟଙ୍କା ନେଇ ଯାଉଥିବାବେଳେ ସ୍ଥାନୀୟ କାଠଗୋଲା ସାହି-ମେଡ଼ିକାଲ ରୋଡ଼ରେ ଭିଜିଲାନ୍ସ ଟିମ ତାଙ୍କୁ ମାଡ଼ି ବସିଥିଲା । ଟଙ୍କାର ଉତ୍ସ ସଂପର୍କରେ ଡାକ୍ତର ତଥ୍ୟ ଦେଇ ପାରିନଥିଲେ । ଏହାପରେ ଡାକ୍ତର ବେହେରାଙ୍କ ଠାରୁ ଭିଜିଲାନ୍ସ ଟିମ ସମସ୍ତ ଟଙ୍କା ଜବତ କରିଥିଲା । ପରେ ପରେ ଡାକ୍ତର ବେହେରାଙ୍କୁ ଅଟକ ରଖି ତାଙ୍କ ସହ ସଂପୃକ୍ତ ୩ଟି ସ୍ଥାନରେ ଆୟ ବର୍ହିଭୂତ ସଂପତ୍ତି ଠୁଳ ଆଶଙ୍କାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି (ଶେଷ ପୃଷ୍ଠା ଦେଖନ୍ତୁ)



## ସୁଡଙ୍ଗ ଖୋଳି ୭୦ଲକ୍ଷର ସିଗାରେଟ୍ ଚୋରି

**କାମାକ୍ଷାନଗର,୨୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅଧ ରାତିରେ ଆସି ଗୋଦାମ ପଛପଟ କାନ୍ଥରେ ୨ ଫୁଟର ସୁଡ଼ଙ୍ଗ ଖୋଳିଲେ। ଗୋଦାମ ଭିତରେ ପଶିଲେ ଦୁଇ ଦୁର୍ବୃତ୍ତ। ୭୦ ଲକ୍ଷ ଟଙ୍କାର ସିଗାରେଟ୍ ବୋହିନେଲେ। ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ଗୋଦରବିଲି ଗାଁ ସ୍ଥିତ ମା' କାମାକ୍ଷୀ ଏଣ୍ଟରପ୍ରାଇଜେସ୍ ଗୋଦାମ ଗୃହରୁ ଲୁଟ୍ ହୋଇଛି। ଦୁଇ ଜଣ ସିକ୍ୟୁରିଟି ଗାର୍ଡଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି ପୋଲିସ।

ସୂଚନାଯୋଗ୍ୟ ଯେ, ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ଗୋଦରବିଲି ଗାଁ ସ୍ଥିତ ମା' କାମାକ୍ଷୀ ଏଣ୍ଟରପ୍ରାଇଜେସ୍ ଗୋଦାମ ଗୃହରୁ ୭୦ ଲକ୍ଷ ଟଙ୍କାର ସିଗାରେଟ୍ ଲୁଟି ନେଇଯାଇଛନ୍ତି ଦୁର୍ବୃତ୍ତ। ବୁଧବାର ବିଳମ୍ବିତ ରାତିରେ ଗୋଦାମ ଗୃହ ପଛପଟ କାନ୍ଥରେ ସୁଡଙ୍ଗ କରି ଦୁର୍ବୃତ୍ତ ଲୁଟ୍ କରିଛନ୍ତି। ତେବେ ସିସିଟିଭି କ୍ୟାମେରାରେ ୨ ଜଣ ଦୁର୍ବୃତ୍ତ ରହିଥିବା ଦେଖିବାକୁ ମିଳିଛି। ଏ ନେଇ ଅଭିଯୋଗ ପରେ ତୁମୁସିଙ୍ଗା ପୋଲିସ ଏବଂ ଜିଲ୍ଲା ଫୋରେନସିକ୍ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି। କିଭଳି ସିକ୍ୟୁରିଟି ବ୍ୟବସ୍ଥା ସହ ସିସିଟିଭି କ୍ୟାମେରା ଥିଲେ ମଧ୍ୟ ଏତେ ବଡ଼ ଧରଣର ଚୋରି ହୋଇଛି ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଦାମ ଗୃହରୁ ପଛପାଖ କାନ୍ଥ ଭାଙ୍ଗି ପ୍ରାୟ ଦୁଇ ଫୁଟର ସୁଡଙ୍ଗ କରି ଲୁଟିନେଲେ ଦୁର୍ବୃତ୍ତ।

ସେପଟେ ବୁଧବାର କାମାକ୍ଷାନଗର ଅନନ୍ତପୁର ସାହିରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଚୋର। ପୋଲିସ ଦୁଇ ଜଣ ସିକ୍ୟୁରିଟି ଗାର୍ଡକୁ ଅଟକ ରଖି ପଚରାଉଚରା ଚଳାଇଛି । ଅଞ୍ଚଳରେ ବାରମ୍ବାର ଚୋରିକୁ ନେଇ ଚିନ୍ତାରେ ଅଛନ୍ତି ଅଞ୍ଚଳବାସୀ।

# ଭାରତର ଜିଡିପି ଅଭିବୃଦ୍ଧି ୬.୮ରୁ ୭.୨% ରହିବ

**ନୂଆଦିଲ୍ଲୀ,୨୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆରମ୍ଭ ହୋଇଛି ସଂସଦର ବଜେଟ ଅଧିବେଶନ। ଆଜି ସଂସଦରେ ଉପସ୍ଥାପିତ ହୋଇଛି ଅର୍ଥନୈତିକ ସର୍ଭେ ରିପୋର୍ଟ। କେନ୍ଦ୍ର

**ଅର୍ଥନୈତିକ ସର୍ଭେ ରିପୋର୍ଟ**



ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ର ଆର୍ଥିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କରିଛନ୍ତି। କେନ୍ଦ୍ରୀୟ ବଜେଟ ଉପସ୍ଥାପନ ପୂର୍ବରୁ ସରକାର ଅର୍ଥବ୍ୟବସ୍ଥାକୁ ନେଇ ଏହି ଆର୍ଥିକ ଆକଳନ ଉପସ୍ଥାପନ କରିଛନ୍ତି। ଏହା ପରେ ମଧ୍ୟାହ୍ନରେ ମୁଖ୍ୟ ଆର୍ଥିକ ପରାମର୍ଶଦାତା (ସିଇଏ) ଭି.ଅନନ୍ତ ନାଗେଶ୍ୱରନ୍ ପ୍ରେସ କନଫ୍ରେନ୍ସରେ କହିଛନ୍ତି, ଯେଉଁଥିରେ ସେ ଆର୍ଥିକ ସର୍ବେକ୍ଷଣର ପ୍ରତିଟି ଦିଗକୁ ବିସ୍ତାର ଭାବରେ କହିଛନ୍ତି। ସେ କହିଛନ୍ତି, ଭାରତର ଆର୍ଥିକ ବିକାଶର ବେଗ ଦ୍ରୁତ ହୋଇଛି। ଦରଦାମ୍ ବୃଦ୍ଧିରେ ମଧ୍ୟ ହ୍ରାସ ଘଟିଛି। ସେ କହିଛନ୍ତି, ଏହି ସଂଖ୍ୟା କହୁଛି ଘରୋଇ ଆବଶ୍ୟକତା ମଜବୁତ ରହିଛି ଓ ଆର୍ଥିକ ବର୍ଷ ୨୦୨୬ ପର୍ଯ୍ୟନ୍ତ ଦାମ୍ ଖୁବ୍ କମ୍ ହୋଇଯିବ। ୨୦୨୭ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧାର ହାର ୬.୮ରୁ ୭.୨% ମଧ୍ୟରେ ରହିବ। ବିଶ୍ୱ ଅର୍ଥନୀତିକ ଦୁର୍ବଳ ଅବସ୍ଥାରେ ଥିଲେ ହେଁ ଭାରତର ଅଭିବୃଦ୍ଧି ଆଶାତୀତ ଭାବେ ଭଲ ରହିବ।

ଆର୍ଥିକ ସର୍ବେକ୍ଷଣ ଉପରେ ଏକ ବିସ୍ତୃତ ପ୍ରସ୍ତୁତି ଦେଇ ସିଇଓ କହିଛନ୍ତି ବାସ୍ତବିକ ଜିଡିପି ବୃଦ୍ଧି ଲଗାତାର ବଢିବାରେ ଲାଗିଛି। ଏହା ଦ୍ୱାଦଶରୁ ୨୦ ତମ ଆର୍ଥିକ ବର୍ଷ ବେଳେ ହାରାହାରି ୬.୪% ଥିଲା, ଯାହାକି ୨୫ ତମ ଆର୍ଥିକ ବର୍ଷରେ ବଢି ୬.୫%ହୋଇଯାଇଛି। ୨୬ ତମ ଆର୍ଥିକ (ଶେଷ ପୃଷ୍ଠା ଦେଖନ୍ତୁ)

## ସାମାନ୍ୟ ଧୂଳି ଉଡ଼ିବାରୁ ହତ୍ୟା

**ଭଦ୍ରକ,୨୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଧାନ ପେଡ଼ାକୁ ନେଇ ବିବାଦ। ବାକି ଥିଲା ଆଉ ୧୦ ବସ୍ତା। ହେଲେ ତା'ପୂର୍ବରୁ ଘଟିଲା ଅଘଟଣ। ଧାନ ଧୂସ ପାଇଁ ମାରିଦେଲେ ମଇଁଷିଆଳ। ସଂଘବଦ୍ଧ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଥିବାର ଅଭିଯୋଗ ଆସିଛି। ଭଦ୍ରକ ଜିଲ୍ଲା ପୀରହାଟ ଥାନା ଅଧିକ ଶ୍ୟାମସୁନ୍ଦର ଗାଁରୁ ଆସିଛି ଏପରି ଅଭାବନୀୟ ଘଟଣା।

ଖବର ଅନୁଯାୟୀ, ଶ୍ୟାମସୁନ୍ଦର ଗାଁର ବିଜୟ ବେହେରା ପରିବାର ବୁଧବାର ସଂଧାରେ ଧାନ କଟା ମେସିନରେ ଧାନ ଅମଳ କରୁଥିଲେ। ପାଖରେ ମଇଁଷି ଗୋଠ ଥିବାରୁ ଧାନ ଧୂଳି ଉଡ଼ିଥିଲା। ଯାହାକ ମଇଁଷି ଗୋଠ ମାଲିକ ବିରୋଧ କରିଥିଲେ। ଏହି ଘଟଣାକୁ ନେଇ ମଇଁଷି ଗୋଠ ମାଲିକ ଓ ବିଜୟଙ୍କ ମଧ୍ୟରେ ବଚସା ହୋଇଥିଲା। (ଶେଷ ପୃଷ୍ଠା ଦେଖନ୍ତୁ)

# ସୁନେତ୍ରା ହେବେ ଉପମୁଖ୍ୟମନ୍ତ୍ରୀ !

**ମୁମ୍ବାଇ,୨୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁ ପରେ ଏନସିପି ଦଳ ଅଜିତଙ୍କ ପତ୍ନୀ ସୁନେତ୍ରା ପାୱାରଙ୍କୁ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପଦରେ ବସାଇବା ପାଇଁ ପ୍ରସ୍ତାବ ଦେବ ବୋଲି ଜଣାପଡିଛି। ସୁନେତ୍ରା ମଧ୍ୟ ଅଜିତଙ୍କ ଆସନରୁ ନିର୍ବାଚନ ଲଢ଼ିପାରନ୍ତି। ବରିଷ୍ଠ ଏନସିପି ନେତା ଏବଂ ମହାରାଷ୍ଟ୍ର ଏଫଡିଏ ମନ୍ତ୍ରୀ ନରହରି ଜିରୱାଲ ଗୁରୁବାର କହିଛନ୍ତି, ଲୋକମାନେ ସୁନେତ୍ରା ପାୱାରଙ୍କୁ ରାଜ୍ୟ ମନ୍ତ୍ରାଳୟକୁ ଆଣିବା ପାଇଁ ଚାହାନ୍ତି।

ମିଳିଥିବା ସୂଚନାନୁଯାୟୀ, ପ୍ରଫୁଲ ପଟେଲ, ଛଗନ ଭୁଜବଳ, ଧନଞ୍ଜୟ ମୁଣ୍ଡେ ଓ ସୁନୀଲ ତତକରେ ଆଜି ଉକ୍ତ ପ୍ରସଙ୍ଗରେ ସୁନେତ୍ରା ପାୱାରଙ୍କ ସହ ଆଲୋଚନା କରିଛନ୍ତି। ଅଜିତ ପାୱାରଙ୍କ ଅନ୍ତିମ ସଂସ୍କାର ଶେଷ ହେବାର କିଛି ଘଣ୍ଟା ପରେ ଆଜି ସେମାନେ ବାରାମତିରେ ସୁନେତ୍ରାଙ୍କୁ ସାକ୍ଷାତ୍ କରି ତାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ନେବା ପାଇଁ ଅନୁରୋଧ କରିଛନ୍ତି। ତେବେ ଭୁଜବଳ ପରେ ସାମ୍ବାଦିକଙ୍କୁ ସୂଚନା ଦେଇ କହିଥିଲେ ଯେ ଏହା ଏକ ସୌଜନ୍ୟମୂଳକ ସାକ୍ଷାତ୍ ଥିଲା ଏବଂ ଏଥିରେ କୌଣସି ରାଜନୈତିକ ଆଲୋଚନା ହୋଇନାହିଁ।

ଏନସିପି ନେତାମାନେ ମଧ୍ୟ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସଙ୍କୁ ଭେଟି ଏନସିପିର ପ୍ରସ୍ତାବ ଓ ଭବିଷ୍ୟତ ଯୋଜନା ସଂକ୍ରାନ୍ତରେ ଆଲୋଚନା କରିବେ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ (ଶେଷ ପୃଷ୍ଠା ଦେଖନ୍ତୁ)

# ଗୁଟ୍‌ଖା ବେପାରରେ ଛୋଟ ଦୋକାନୀ ମୋହରା

**ଭୁବନେଶ୍ୱର,୨୯।୧**
**ତଥ୍ୟ**

ଗୁଟ୍‌ଖା ବ୍ୟବସାୟ ଜାରି ରଖିବା ପାଇଁ ବଡବଡ ଗୁଟ୍‌ଖା କାରବାରୀମାନେ ଏବେ ଛୋଟଛୋଟ ଦୋକାନୀଙ୍କୁ ମୋହରା କରିଛନ୍ତି । ଛୋଟ ଦୋକାନୀମାନଙ୍କୁ ମତାଇ ସରକାରଙ୍କ ବିରୁଦ୍ଧରେ ବୟାନ ଦେବାକୁ ବାଧ କରୁଛନ୍ତି । ଏଥିପାଇଁ ସୋସିଆଲ ମିଡିଆର ସହାୟତା ନିଆଯାଉଥିବାବେଳେ ପେଟ ପାଟଣାର ଆଳ ଦେଖାଇ ଛୋଟ ଦୋକାନୀମାନେ ବି ସରକାରୀ ବାବୁମାନଙ୍କୁ ବିରୋଧ କରିବାକୁ ପଛାଉ ନାହାନ୍ତି ।

ରାଜ୍ୟରେ ଗୁଟ୍‌ଖା ପ୍ରସ୍ତୁତି, ମହଜୁଦ ଓ ବିକ୍ରି ଉପରେ ୧୨ବର୍ଷ ତଳେ ଅର୍ଥାତ୍ ୨୦୧୩ ମସିହାରେ ସ୍ୱାସ୍ଥ୍ୟ ବିଭାଗ କଟକଣା ଜାରି କରିଥିଲେ । ହେଲେ ସେହି କଟକଣା ଏକ ପ୍ରକାର ନାଲିଫିତା ତଳେ ରହିଯାଇଥିଲା । ସେହି ସ୍ୱାସ୍ଥ୍ୟ ବିଭାଗ ଏବେ ପୁଣିଥରେ ଅନୁରୂପ କଟକଣା ଥିବା ବିଜ୍ଞପ୍ତି ଜାରି କରିଛନ୍ତି । ଏଥର କିନ୍ତୁ ବିଜ୍ଞପ୍ତି ଜାରି ପରେ ପ୍ରଶାସନ ପୂରା ଦମ୍‌ରେ ଗୁଟ୍‌ଖା ବିକ୍ରି ଉପରେ ଚଢାଉ ଜାରି ରଖିଛି ।

ପ୍ରଶାସନର କଡା ମନୋଭାବ ଦେଖିବା ପରେ ପାଇକାରୀ ଗୁଟ୍‌ଖା ବ୍ୟବସାୟୀମାନେ ନିଜର ବେପାର ବଞ୍ଚାଇବାପାଇଁ ଛୋଟ ଛୋଟ ବେପାରୀଙ୍କ ସହାୟତା ନେଉଛନ୍ତି । ଫଳରେ ଯେଉଁଠାରେ ଗୁଟ୍‌ଖା ବେପାର ଉପରେ ଚଢଉ ହେଉଛି ସେଠାରେ ଛୋଟ ଛୋଟ ବ୍ୟବସାୟୀମାନେ ସେମାନଙ୍କୁ ଧରି ଫାଇନ୍ ଆଦାୟ ବଦଳରେ ବଡ ବେପାରୀମାନଙ୍କୁ ଧରିବାପାଇଁ କହୁଛନ୍ତି । ସେମାନଙ୍କ ଏହି ଯୁକ୍ତି ସମ୍ବଳିତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । କିଛି ଲୋକ ମଧ୍ୟ ସେମାନଙ୍କ କଥାରେ ଦମ୍ ଅଛି ବୋଲି କହି ବଡ ବ୍ୟବସାୟୀଙ୍କୁ ଧରିବାକୁ ମତ ଦେଉଛନ୍ତି ।

ସାଧାରଣ ଲୋକଙ୍କ ଏଭଳି ମନୋଭାବକୁ ଠଉରାଇ ବଡ ବ୍ୟବସାୟୀମାନେ ଖସିବାକୁ ସୁଯୋଗ ଖୋଜୁଛନ୍ତି । ସେମାନେ ହଠାତ୍ ବଜାରରୁ ନିଜ ନିଜ ଗୁଟ୍‌ଖାକୁ ଲୁଚାଇ ଦେଇଛନ୍ତି । ଯେଉଁସବୁଠାରେ ବଡ ଗୁଟ୍‌ଖା ବେପାରୀଙ୍କ ସାମଗ୍ରୀ ଜବତ ହେଉଛି ତାହା ରାଜ୍ୟରେ ମହଜୁଦ ଥିବା ଗୁଟ୍‌ଖାର କାଣିଚାଏ ବୋଲି କୁହାଯାଉଛି ।

ଉଲ୍ଲେଖନୀୟ ଯେ ରାଜ୍ୟରେ ଯେତିକି ଗୁଟ୍‌ଖା ଓ ତମାଖୁ ଜାତୀୟ ପାନମସଲା ବିକ୍ରି ହେଉଛି ସେଥିରୁ ରାଜ୍ୟ ସରକାର ବର୍ଷକୁ ପ୍ରାୟ ୧୦୦୦ କୋଟି ଟଙ୍କାର ରାଜସ୍ୱ ପାଉଛନ୍ତି । ସ୍ୱାସ୍ଥ୍ୟ ବିଭାଗ କଟକଣା ଜାରି କରିଥିଲେ ମଧ୍ୟ ଅର୍ଥ ବିଭାଗ ଟିକସ ଆଦାୟ କରୁଛନ୍ତି । ଦେଶର ୧୭ଟି ରାଜ୍ୟରୁ ଓଡ଼ିଶାକୁ ଗୁଟ୍‌ଖା ଆସୁଥିବାରୁ ଏହି ବିପୁଳ ପରିମାଣର ରାଜସ୍ୱ (ଶେଷ ପୃଷ୍ଠା ଦେଖନ୍ତୁ)

## ଆୟବା ଆରଆଇ ଅଫିସ୍‌ରେ ଉଡ଼ିଲାନି ଜାତୀୟ ପତାକା

**କେନ୍ଦ୍ରାପଡ଼ା,୨୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ତହସିଲ ଅଧିନ ଆୟବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ ହୋଇନାହିଁ କି ଜାତୀୟ ପତାକା ଉଡିନାହିଁ। ସରକାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ ହେବ ବୋଲି ନିର୍ଦ୍ଦେଶ ଦେଇଥିବା ବେଳେ ସେହି ନିର୍ଦ୍ଦେଶ ଏଠାରେ ପାଳନ ହୋଇନଥିବା ଅଭିଯୋଗ ହୋଇଛି। ଏନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ସେଦିନ ଆୟବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ଗେଟ ଖୋଲାଯାଇନନାହିଁ କି ସାଧାରଣତନ୍ତ୍ର ଦିବସ ପାଳନ ହୋଇନାହିଁ। ଜାତୀୟ ପତାକା ମଧ୍ୟ ଉତ୍ତୋଳନ ହୋଇନଥିବା ସମ୍ପର୍କରେ ସ୍ଥାନୀୟ ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ବୁଦ୍ଧିଜିବୀଙ୍କ ମହଲରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି। ସୁମନ୍ତ ରାଉତ, ଭାସ୍କର ସାହୁ, ରାଜିବ ସ୍ୱାଇଁ, ସୁକାନ୍ତ ପ୍ରଧାନ, ରାମଚନ୍ଦ୍ର ସାହୁ ଓ ସୁଧାକର ନାୟକ ପ୍ରମୁଖ ଏନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେବି ତାହା ସମ୍ଭବ ହୋଇପାରିନି। ଏସମ୍ପର୍କରେ କେନ୍ଦ୍ରାପଡା ତହସିଲଦାର କୁଇନି ଜେନାଙ୍କୁ ପଚାରିବାରେ ସେ କହିଥିଲେ ଯେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବାଣୀକ୍ଷେତ୍ରରୁ ବିରଜାକ୍ଷେତ୍ରକୁ ସଂଯୋଗ କେବେ ?

**କେନ୍ଦ୍ରାପଡ଼ା,୨୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା ଦେଇ ଖଣିଜ ସମ୍ପଦରେ ପୂର୍ଣ୍ଣ ଯାଜପୁର ଜିଲ୍ଲା ଓ ଜଗତସିଂହପୁର ଜିଲ୍ଲାର ବୃହତ ପାରାଦ୍ୱୀପ ବନ୍ଦର କୁ ୫୩ନମ୍ବର ଜାତୀୟ ରାଜପଥ ଓ ହରିଦାସପୁର-ପାରାଦ୍ୱୀପ ରେଳପଥ ସଂଯୋଗ କରୁଛି । ଫଳରେ ଗୋଟିଏ ପଟରେ ଯାଜପୁର ଜିଲ୍ଲାର ଓ ଅନ୍ୟପଟରେ ଜଗତସିଂହପୁର ଜିଲ୍ଲାର ଅର୍ଥନୀତି ସମୃଦ୍ଧ ହେଉଛି । ହେଲେ ଏହି ପ୍ରମୁଖ ସଡ଼କପଥ ହେଉ କି ରେଳପଥ ହେଉ କେନ୍ଦ୍ରାପଡ଼ା ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧିରେ ଏଯାଏ ସହାୟକ ହୋଇ ପାରିନାହିଁ । କାରଣ ଏହି ଜିଲ୍ଲାରେ ଏଥିନେଇ କୌଣସି ସୁଯୋଗ ସୃଷ୍ଟି ହୋଇପାରିନାହିଁ । ଏହି ଜିଲ୍ଲାରେ ନା' ଅଛି କୌଣସି ଖଣିଜ ସମ୍ପଦ ନା' ଅଛି କୌଣସି କଳକାରଖାନା !

ଅନ୍ୟପକ୍ଷରେ ଦେଖିଲେ ଉକ୍ତ ରାଜପଥ ତିନୋଟି ଜିଲ୍ଲାର ଆଭ୍ୟନ୍ତରଣ ଯୋଗାଯୋଗରେ ବିଶେଷ ସହାୟକ ହେଉନାହିଁ । ବଣ ପାହାଡ଼ ଘେରା ରଜ୍ୟର ପଶ୍ଚିମାଂଚଳ ହେଉ କି ଦକ୍ଷିଣାଂଚଳ ହେଉ ଅଥବା ଉତ୍ତରାଂଚଳ ହେଉ ସବୁ ଜିଲ୍ଲାକୁ ରେଳପଥ, ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ଏଭଳି ଭାବେ ସଂଯୁକ୍ତ ହୋଇଛି ଯେଉଁ ଜିଲ୍ଲାର ସଦର ମହକୁମାକୁ ହେଉ କି ଦର୍ଶନୀୟ ସ୍ଥାନକୁ ହେଉ ଅଥବା ଯେକୌଣସି ଆଭ୍ୟନ୍ତରଣ ଅଂଚଳକୁ ହେଉ ଅନାୟସରେ ଯାତାୟତ କରିବାରେ କୌଣସି ଅସୁବିଧା ନାହିଁ । କିନ୍ତୁ ଉପକୂଳବର୍ତ୍ତୀ ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ଆଭ୍ୟନ୍ତରଣ ଯୋଗାଯୋଗ ଅତ୍ୟନ୍ତ ଦୁର୍ବଳ । ଏକଦା ତିନୋଟି ଯାକ ଜିଲ୍ଲା ଅବିଭକ୍ତ କଟକ ଜିଲ୍ଲାରେ ଅନ୍ତର୍ଭୂକ୍ତ ଥାଇ ମଧ୍ୟ ଏହି ଅଂଚଳର ଆଭ୍ୟନ୍ତରଣ ଯୋଗାଯୋଗ କ୍ଷେତ୍ରରେ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ ।

**ଅର୍ଥନୀତିକୁ ବଳ ଦେବ ପ୍ରସ୍ତାବିତ ପର୍ଯ୍ୟଟନ କରିଡର୍**

ଏପରିକି ଉପକୂଳବର୍ତ୍ତୀ ଏହି ତିନୋଟି ଜିଲ୍ଲାର ସଦର ମହକୁମାକୁ ସଂଯୋଗୀକରଣ ରାସ୍ତାଟିଏ ସମ୍ଭବ ହୋଇପାରିନାହିଁ । ଆବଶ୍ୟକ ହେଲେ ଲୋକେ ଜାତୀୟ ରାଜପଥରେ ଅନେକ ପଥ ଯାଇ ଏକାଧିକ ରାସ୍ତା ବଦଳାଇ ଗନ୍ତବ୍ୟସ୍ଥଳରେ ପହଂଚୁଛନ୍ତି । ନଚେତ ଅନେକ ଗାଁ ରାସ୍ତା ଦେଇ କୌଣସିମତେ ଯାତାୟତ କରିଥାନ୍ତି । ନବେ ଦଶକରେ ଜିଲ୍ଲା ପୁନଃର୍ଗଠନ ପରେ ଯାଜପୁର ଜିଲ୍ଲାର ଆରାଧ୍ୟ ଦେବୀ ପ୍ରସିଦ୍ଧ ମା' ବିରଜା ଓ କେନ୍ଦ୍ରାପଡ଼ା ଜିଲ୍ଲାର ଆରାଧ୍ୟ ବଡ଼ଠାକୁର ପ୍ରସିଦ୍ଧ ସିଦ୍ଧ ଶ୍ରୀଶ୍ରୀବଳଦେବଜୀଉ ଓ ଜଗତସିଂହପୁର ଜିଲ୍ଲାର ଆରାଧ୍ୟ ଦେବୀ ପ୍ରସିଦ୍ଧ ମା' ଶାରଳାଙ୍କ ପୀଠକୁ ଏକ ସ୍ୱତନ୍ତ୍ର ରାଜପଥରେ ସଂଯୁକ୍ତ କରିବା ପାଇଁ ବିଜୁବାବୁଙ୍କ ସରକାର ଚିନ୍ତା କରିଥିଲେ । ଏହା ଉପକୂଳ ଓଡ଼ିଶାର ପର୍ଯ୍ୟଟନ ଗୁରୁତ୍ୱ ବୃଦ୍ଧି କରିବା ସହିତ ତିନୋଟି ଜିଲ୍ଲାର ଆଭ୍ୟନ୍ତରଣ ଯୋଗାଯୋଗକୁ ସୁଦୃଢ଼ କରିବ ଏବଂ ଜିଲ୍ଲାଗୁଡ଼ିକର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇ ପାରିବ ବୋଲି କୁହାଯାଇଥିଲା । କିନ୍ତୁ ଏହା ଆଗକୁ ବଢିପାରିନଥିଲା । ଦୀର୍ଘ ବର୍ଷ ପରେ ବି ଯଦିଓ ଅନେକ ନଦୀନାଳରେ ସେତୁ ନିର୍ମାଣ ହୋଇଛି ତଥାପି ଉପକୂଳବର୍ତ୍ତୀ ଏହି ଜିଲ୍ଲା ର ସଦର ମହକୁମାକୁ ନିର୍ଦ୍ଦିଷ୍ଟ ରାସ୍ତାଟିଏ ନାହିଁ । ପୂର୍ବରୁ ଗୋଟିଏ ଜିଲ୍ଲାରେ ଥିଲେ ମଧ୍ୟ ପର୍ଯ୍ୟଟକମାନଙ୍କୁ ଏକକାଳୀନ ସଂପୃକ୍ତ ଅଂଚଳର ଐତିହ୍ୟ, କୀର୍ତ୍ତିରାଜୀକୁ ପରିଦର୍ଶନ କରିବାର ସୁଯୋଗ ସୃଷ୍ଟି ହୋଇ ପାରିନାହିଁ । ଏବେ ସମୟ ଯଥେଷ୍ଟ ଆଗକୁ ବଢିଛି । ଜିଲ୍ଲା ଜିଲ୍ଲା, ରାଜ୍ୟ ରାଜ୍ୟ ଓ ଦେଶ ଦେଶ ମଧ୍ୟରେ ସଂପର୍କର ନୂଆ ପରିଭାଷା ସୃଷ୍ଟି ହୋଇଛି । ଗୋଟିଏ ଅଂଚଳ ସହିତ ଅନ୍ୟ ଗୋଟିଏ ଅଂଚଳକୁ ସଡ଼କପଥ, ରେଳପଥ ଓ ଆକାଶପଥରେ ସଂଯୁକ୍ତ କରିବାକୁ ସବୁମତେ ଉଦ୍ୟମ ହେଉଛି । ହେଲେ ଏହି ତିନୋଟି ଜିଲ୍ଲାକୁ ଗୋଟିଏ ସଡ଼କରେ ସଂଯୁକ୍ତ କରାଯିବାରେ କୌଣସି ବାଧା ନଥିଲାବେଳେ (ଶେଷ ପୃଷ୍ଠା ଦେଖନ୍ତୁ)

## ଅଫିସରଙ୍କ ମନମାନିରୁ ଠିକାଦାରଙ୍କୁ ମିଳୁନି ବକେୟା: ଅଫିସ୍ ସାମ୍ନାରେ ଗଣଧାରଣା

**କେନ୍ଦ୍ରାପଡ଼ା,୨୯।୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଇଛାପୁରୁ ନିକରେ ଥିବା ଗ୍ରାମୀଣ ପାନୀୟ ଜଳ ଯୋଗାଣ ମୁଖ୍ୟ କାର୍ଯ୍ୟାଳୟ ସମୁଖରେ ଧାରଣା ଦେଇଛି ତୁଳସୀକ୍ଷେତ୍ର ପାନୀୟ ଜଳ ଯୋଗାଣ ଓ ପରିମଳ ଠିକାଦାର ସଂଘ। ଜିଲ୍ଲାରେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଠିକାଦାରି କରୁଥିବା ୨୨ ଜଣ ଠିକାଦାର ସେମାନଙ୍କ ବକେୟା ବିଲ ଦେଢ ବର୍ଷ ହେବ ନପାଇବାରୁ ବିଭାଗୀୟ ଅଫିସ ସମୁଖରେ ଧାରଣାରେ ବସିଛନ୍ତି। ଧାରଉଦ୍ଧାର କରି କୋଟି କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଶେଷ କରି ଘରେ ଘରେ ଶୁଦ୍ଧ ପାନୀୟ ଜଳ ପହଁଚାଇବା ପରେ ଏହି ଠିକା ସଂସ୍ଥାମାନଙ୍କ ବିଲ ସରକାର ଦେଉନାହାନ୍ତି ବୋଲି ଠିକାଦାରମାନେ ଅଭିଯୋଗ କରିଛନ୍ତି। ଦେଢ ବର୍ଷ ହେଲା ଠିକାସଂସ୍ଥାଗୁଡିକୁ ଟଙ୍କାଟିଏ ମଧ ଦିଆଯାଇ ନାହିଁ। ଓଡିଶା ରେ ପାନୀୟ ଜଳ ଯୋଗାଣ ପାଇଁ ୮୦୦ ଠିକାସଂସ୍ଥା କାମ କରିଛନ୍ତି। ଏନେଇ ଠିକାଦାର ମାନେ ବିଭାଗର ଉଚ୍ଚ ପଦସ୍ଥ ଅଫିସରଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଛନ୍ତି। ହେଲେ ଯେଉଁ କୋଟି କୋଟି ଟଙ୍କା ବିଭାଗକୁ ଆସୁଛି ଅଧିକାରୀ ମାନେ ସେହି ଟଙ୍କାକୁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନେଇଥିବା ବାହାର ରାଜ୍ୟର ଠିକାସଂସ୍ଥାକୁ ପ୍ରଦାନ କରି ଦେଉଛନ୍ତି। ଗ୍ରାମାଞ୍ଚଳରେ ଠିକାଦାରି କରିଥିବା ଠିକାସଂସ୍ଥା ଗୁଡିକ ଟଙ୍କା ନପାଇବାରୁ ବହୁ ଅସୁବିଧାର ସମୁଖିନ ହେଉଛନ୍ତି। ବାହାର ରାଜ୍ୟର ଠିକାସଂସ୍ଥାମାନେ ପ୍ରାୟ ୪୦ ହଜାର କୋଟି ଟଙ୍କାର କାମ ଓଡିଶାରେ ନେଇଛନ୍ତି । କନ୍ତୁ ଗ୍ରାମାଂଚଳରେ ପାନୀୟ ଜଳ ଯୋଗାଣ କାମ ନେଇଥିବା ଏହି ଠିକାଦାର ମାନଙ୍କ ବକେୟ ଅର୍ଥ ପ୍ରାୟ ୧ ହଜାର କୋଟି ଟଙ୍କା ହେବ । ଏହା ସହ କାମ ହୋଇଥିବା ପ୍ରକଳ୍ପର ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ଏହି ଠିକାଦାର ମାନଙ୍କ ଉପରେ ଏଗ୍ରିମେଣ୍ଟ କରାଯାଇଛି । ପ୍ରକଳ୍ପର ମୋଟର ସଜଡା ହେବା ଓ ମୋଟର ଚାଳକ ମାନଙ୍କୁ ମାସିକ ଦରମା ଦେବା ଦାୟିତ୍ୱ ଏହି ଠିକାଦାର ମାନଙ୍କ ଉପରେ ରହିଛି । ଏଥିପାଇଁ ବିଭାଗ ପ୍ରକଳ୍ପ ମୂଲ୍ୟର (ଶେଷ ପୃଷ୍ଠା ଦେଖନ୍ତୁ)

# ରାସ୍ତାକଡରେ ଝୁଲନ୍ତା ମୃତଦେହ



**ଗୋଲାମୁଣ୍ଡା: ଏକ୍ସପ୍ରେସ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା କେଗାଁ ଥାନା ଅନ୍ତର୍ଗତ ବରାମୁଣ୍ଡ ନିକଟସ୍ଥ ରାସ୍ତା କଡରେ ଥିବା ଶିଶୋ ଗଛରୁ ଝୁଲନ୍ତା ମୃତ ଦେହ ଉଦ୍ଧାର କରିଛି କେଗାଁ ପୋଲିସ। ମୃତକ ଜଣକ ହେଲେ ଜୁନାଗଡ଼ ଥାନା ଅନ୍ତର୍ଗତ ଦାବଝରଣ ଗ୍ରାମର ସନ୍ତୟ ଶବରଙ୍କ ପୁଅ ଈଶ୍ୱର ଶବର ବୋଲି ଜଣାପଡିଛି। ସୂଚ୍ନାରୁ ପ୍ରକାଶ ଈଶ୍ୱର ଶବର ତାଙ୍କର ମାଉସୀ ଘର ବରାମୁଣ୍ଡ ଗ୍ରାମକୁ ଆସିଥିଲେ। ତାଙ୍କର ମାନସିକ ଦୁର୍ବଳତା ଯୋଗୁଁ ଏପରି ଘଟଣା ଘଟିଛି ବୋଲି ଚ଼ର୍ଚ୍ଚା ହେଉଛି। ପରିବାର ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଥିଲେ। ମୃତକର ମାଁ କୁନ୍ତଳା ଶବର କେଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୋଗକୁ ଭିତ୍ତି କରି କେଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବଟିକୁ ଜବତ କରି ଥିଲେ। ପୋଲିସ କେଶ ନଂ ୧/୨୦୨୬ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପ ଖଣ୍ଡ ଚ଼ିକିତ୍ସାଳୟକୁ ପଠାଇଥିବା କେଗାଁ ଆଇଆଇସି ସଂଗୀତା ବେକ ସୂଚ଼ନା ଦେଇଛନ୍ତି।



## ସରକାରୀ ବସ ସମ୍ପ୍ରସାରଣ ଓ ଟିକେଟ ବୁକିଙ୍ଗ କାଉଣ୍ଟର ଦାବି



**ରେଢ଼ାଖୋଲ: ଏକ୍ସପ୍ରେସ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲରୁ ସମ୍ବଲପୁରକୁ ସରକାରୀ ବସ ସେବା ଯୋଗାଇବା ଦାବିକୁ ନେଇ ରେଢ଼ାଖୋଲ ପ୍ରେସ କ୍ଲବ ତରଫରୁ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ରେଢ଼ାଖୋଲ ଉପଖଣ୍ଡର ଜନସାଧାରଣ ଶିକ୍ଷା, ବ୍ୟବସାୟ, ସ୍ୱାସ୍ଥ୍ୟ ସେବା ପାଇଁ ସମ୍ବଲପୁର, ବୁର୍ଲା, କଟକ, ଭୁବନେଶ୍ୱର, ବ୍ରହ୍ମପୁର ପ୍ରତ୍ୟେକ ଦିନ ଯିବା ଆସିବା କରିଥାନ୍ତି। ଯାତ୍ରୀଙ୍କ ସୁବିଧା ପାଇଁ ରେଢ଼ାଖୋଲ ସହରରେ ଏକ ସରକାରୀ ବସର ଅଗ୍ରିମ ଟିକେଟ ବୁକିଙ୍ଗ କାଉଣ୍ଟର, ରେଢ଼ାଖୋଲ ଠାରୁ ସମ୍ବଲପୁର ସହରକୁ ସକାଳୁ ଏକ ନୂତନ ଭାବରେ ସରକାରୀ ବସ ଚ଼ଳାଚ଼ଳ ସେବା ଯୋଗାଇ ଦେବା, ସମ୍ବଲପୁର ଠାରୁ କଟକକୁ ଯାଉଥିବା ବସକୁ ଭୁବନେଶ୍ୱରକୁ ସମ୍ପ୍ରସାରଣ କରିବା, ଫୁଲବାଣୀରୁ ସମ୍ବଲପୁରକୁ ଚ଼ଳାଚ଼ଳ ଦୁଇଟି ବସ ବୁର୍ଲା ମେଡିକାଲ ଦେଇ ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବା ଆଦି ଦାବିକୁ ନେଇ ପ୍ରେସ କ୍ଲବର ସଦସ୍ୟମାନେ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ତା'ସହିତ ସମ୍ବଲପୁର ଜିଲ୍ଲାପାଳ, ମୁଖ୍ୟ ପ୍ରବନ୍ଧକ ଓଡିଶା ରାଜ୍ୟ ସଡକ ପରିବହନ ନିଗମ, ବାଣିଜ୍ୟ ଓ ପରିବହନ ସଚ଼ିବ, ଓଡିଶା ସରକାର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ, ଓଡିଶା ସରକାରଙ୍କୁ ମଧ୍ୟ ଲିଖିତ ଭାବରେ ଜଣାଇଛନ୍ତି। ଏଥିରେ ପ୍ରେସ କ୍ଲବର ସଭାପତି ଶଙ୍କର ପୃଷ୍ଟି, ସମ୍ପାଦକ ତପନ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ଯଶୋବନ୍ତ ନାରାୟଣ ସାହୁ, ସହ ସମ୍ପାଦକ କନ୍ଦର୍ପ ବେହେରା, ଉପଦେଷ୍ଟା ଜୟନ୍ତ ଖଡ଼ିରତ୍ନ, ବରିଷ୍ଠ ସାମ୍ବାଦିକ ସୁଶାନ୍ତ ନାଗ, ପ୍ରସନ୍ନ ପ୍ରଧାନ, ସରୋଜ କୁମାର ସାହୁ, ରଶ୍ମି ରଞ୍ଜନ ଖଡ଼ିରତ୍ନ, ଅନିଲ ପୃଷ୍ଟି, ସୁଧୀର ସୁନା, ଗଜାନନ ଭେସରା, ରଶ୍ମିତା ରାଉତ, ସରୋଜ ରାଉତ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ସାମିଲ ରହିଥିଲେ।

## ଦିଗହରା ଶାସନ ପାଇଁ କନ୍ଧମାଳ ଜିଲ୍ଲାରେ ବିକାଶ ଠପ୍

**ଫୁଲବାଣୀ: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟରେ ମୋହନ ନେତୃତ୍ୱାଧୀନ ସରକାରଙ୍କୁ ଆଉ କିଛି ଦିନପରେ ଦୁଇବର୍ଷ ପୂରିବାକୁ ଯାଉଥିବା ବେଳେ ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାରେ ବିକାଶ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଆଜିକୁ ଦୁଇବର୍ଷ ପାଖେଇବ ମୋହନ ସରକାର କ୍ଷମତାସିନ ହେବା ପରେ କନ୍ଧମାଳ ଜିଲ୍ଲା ପ୍ଲାନିଂ କମିଟି (ଡିପିସି)କୁ




ଯୋଜନା ବୋର୍ଡ ଗଠନ ହୋଇ ନଥିବାରୁ ପୂର୍ବବର୍ଷରେ ଆସିଥିବା ଅନୁଦାନ ମଧ୍ୟ ଖର୍ଚ୍ଚ ହୋଇ ପାରୁନାହିଁ। ତତ୍କାଳୀନ ବିଜେଡି ସରକାରଙ୍କ କାର୍ଯ୍ୟକାଳରେ ଗଠିତ ଜିଲ୍ଲା ଯୋଜନା

### ୧୫ ବର୍ଷରେ ମିଳିଥିଲା ୨୭୦ କୋଟି

ପୁନର୍ଗଠନ କରାଯାଇ ପାରିନାହିଁ, ତେଣୁ ଜିଲ୍ଲାର ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ପ୍ଲାନିଂ କମିଟି ବା ଜିଲ୍ଲା ଯୋଜନା ବୋର୍ଡ ବୈଠକ ଡକାଯାଇ ପାରୁନ ଥିବା କଥା ଦୁର୍ଭାଗ୍ୟ ଜନକ ଅଟେ। ନୂତନ ଜିଲ୍ଲା ଯୋଜନା ବୋର୍ଡ ଗଠନ ହୋଇ ନପାରିନ ଥିବା ଯୋଗୁଁ 'କନ୍ଧମାଳ-ଗଜପତି ବିକାଶ ଯୋଜନା'ରେ ଅନୁଦାନ ଆସିବା ବନ୍ଦ ହୋଇଯାଇଥୀବା କଥା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ ପ୍ରକାଶ କରିଛନ୍ତି, ତେଣୁ ଜିଲ୍ଲାକୁ ୨୦୨୪-୨୫ ଓ ୨୦୨୫-୨୬ରେ ପାଣ୍ଠି ଏଯାଏଁ ଆସିପାରିନାହିଁ। ନୂତନ ବୋର୍ଡ ୨୦୨୪ରୁ ସମ୍ପୂର୍ଣ୍ଣ ଅଚ଼ଳ ଅବସ୍ଥାରେ ପଡ଼ିରହିଛି।

କନ୍ଧମାଳ ଜିଲ୍ଲା ଭଳି ବଣ ପାହାଡ଼ ଘେରା ଦୁର୍ଗମ ଓ ଅନଗ୍ରସର ଜିଲ୍ଲାର ବିକାଶ ପାଇଁ ୨୦୦୯-୧୦ ଆର୍ଥିକବର୍ଷରେ 'ବିଜୁ କନ୍ଧମାଳ-ଗଜପତି ବିକାଶ ଯୋଜନା'କୁ ତତ୍କାଳୀନ ନବୀନ ସରକାର ଆରମ୍ଭ କରିଥିଲେ। ଏହି ଜିଲ୍ଲାକୁ ସ୍ୱତନ୍ତ୍ର ଅନୁଦାନ ଯୋଗାଉଥିଲେ ହେଲେ ବର୍ତ୍ତମାନ ରାଜ୍ୟରେ ବିଜେପି ନେତୃତ୍ୱାଧୀନ ମୋହନ ସରକାର ଆସିବା ପରେ ଏହି ଯୋଜନାର ନାମ ବଦଳି 'କନ୍ଧମାଳ-ଗଜପତି ବିକାଶ ଯୋଜନା' ହୋଇଛି ସତ ହେଲେ କାର୍ଯ୍ୟକାରୀ ଶୂନ ଘରେ ପହଁଚ଼ିଛି।

ଏହି ଯୋଜନା ମାଧ୍ୟମରେ କନ୍ଧମାଳ ଜିଲ୍ଲାର ଭିତ୍ତଭୂମି, ସଡ଼କ, ବିଜୁଳି, ପାନୀୟଜଳ ଓ ଜୀବନ ଜୀବିକାର ବିକାଶ ନିମନ୍ତେ ପ୍ରତିବର୍ଷ ୧୮ କୋଟି ଟଙ୍କାର ଅନୁଦାନ ଆସିଥାଏ। ୨୦୦୯-୧୦ ଆର୍ଥିକବର୍ଷରୁ ୨୦୨୩-୨୪ ଆର୍ଥକବର୍ଷ ମଧ୍ୟରେ ମୋଟ ୧୫ ବର୍ଷରେ ୨୭୦ କୋଟି ଟଙ୍କାର ଆର୍ଥିକ ଅନୁଦାନ ଆସିଛି। ସରକାର ଦେଇଥିବା ଅନୁଦାନ ଟଙ୍କା କେଉଁ କେଉଁ ଭାବରେ ଖର୍ଚ୍ଚ ହୋଇଛି କି ନାହିଁ ତାହା ବି ବର୍ତ୍ତମାନ ସରକାର ଦେଖିପାରୁନାହାନ୍ତି କି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆଗ୍ରହୀ ନୁହନ୍ତି ତାହା ଜିଲ୍ଲା ବାସୀଙ୍କ ପାଇଁ ଉପହାସ ପରି ମନେ ହେଉଛି।

କନ୍ଧମାଳ ଜିଲ୍ଲାକୁ ଯେଉଁ ୧୮ କୋଟି ଟଙ୍କାର ଅନୁଦାନ ଆସିଥାଏ, ସେଥିମଧ୍ୟରୁ ରାଜ୍ୟ ସେକ୍ଟର ୧୨ କୋଟି ଓ ଜିଲ୍ଲା ସେକ୍ଟର ପାଇଁ ୬ କୋଟିର ବ୍ୟବସ୍ଥା ରହିଥାଏ। ହେଲେ ଆଜକୁ ଦୁଇବର୍ଷ ପାଖେଇବ ଡିପିସି ଗଠନ ହୋଇ ପାରି ନଥିବାରୁ ଜିଲ୍ଲାକୁ ଅନୁଦାନ ଆସିବା ବନ୍ଦ ହୋଇଯାଇଛି। କନ୍ଧମାଳ ଭଳି ଅପହଞ୍ଚ ଓ ଅନଗ୍ରସର ଜିଲ୍ଲାରେ ପାନୀୟ ଜଳଯୋଗାଣ, ରାସ୍ତାଘାଟ ଓ ପୋଲ ନିର୍ମାଣର ଜରୁରୀ ଆବଶ୍ୟକତା ଥିବାବେଳେ ଏହି ଯୋଜନା ବନ୍ଦ ହୋଇଯିବା ଜିଲ୍ଲାବାସୀଙ୍କୁ ବ୍ୟଥିତ କରିଛି, ଉନ୍ନୟନ ମୂଳକ କାର୍ଯ୍ୟ ଜିଲ୍ଲାରେ ଠପ ହୋଇରହିଛି। ଏଣୁ କନ୍ଧମାଳ ଜିଲ୍ଲାର ବିକାଶ କରିବାକୁ ହେଲେ ରାଜ୍ୟ ସରକାର ତୁରନ୍ତ ନୂତନ ଡିପିସି ଗଠନ କରି କନ୍ଧମାଳକୁ ଯଥା ଶୀଘ୍ର ଅନୁଦାନ ପ୍ରଦାନକରନ୍ତୁ ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ଚ଼ନ୍ଦ୍ରଶେଖର ପରିଡ଼ା ଦାବି କରିଛନ୍ତି। ଯଦି ସରକାର କନ୍ଧମାଳ ଜିଲ୍ଲାରେ ତୁରନ୍ତ ଡିପିସି ବା ଯୋଜନା ବୋର୍ଡ ପୁନର୍ଗଠନ ନ କରନ୍ତି ତାହେଲେ ଆଗାମୀ ଦିନରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏହି ପ୍ରସଙ୍ଗକୁ ନେଇ ଜନ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ପରିଡ଼ା ଚେତାବନୀ ଦେଇଛନ୍ତି।

### ଦାୟିତ୍ୱହୀନ ସରକାରୀ ବାବୁ

## ୩ ଘଣ୍ଟା ବନ୍ଦୀ ଜୀବନ ବିତାଇଲେ ୩ ଗ୍ରାମବାସୀ



**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ହିନ୍ଦୋଳ ଉପଖଣ୍ଡରେ କିଛି ସରକାରୀ ବାବୁଙ୍କର ଦାୟିତ୍ୱହୀନ କାର୍ଯ୍ୟକୁ ନେଇ ହିନ୍ଦୋଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ସବ୍-ରେଜିଷ୍ଟର କାର୍ଯ୍ୟାଳୟ ସରକାରୀ ବାବୁଙ୍କ ଦାୟିତ୍ୱହୀନ କାର୍ଯ୍ୟ ପାଇଁ ୩ ଘଣ୍ଟା ବନ୍ଦୀ ଜୀବନ ବିତାଇଲେ ୩ ଗ୍ରାମବାସୀ। ସୂଚନା ଅନୁଯାୟୀ ହିନ୍ଦୋଳ ବ୍ଲକ୍ ନବକିଶୋରପୁର ପଞ୍ଚାୟତ ଅନ୍ତର୍ଗତ ବସନ୍ତିଆ ଅଞ୍ଚଳର ବଟକୃଷ୍ଣ ସାହୁ (୬୫) ଓ ଜଗନ୍ନାଥ ବାରିକ (୪୦) କୌଣସି କାର୍ଯ୍ୟରେ ହିନ୍ଦୋଳ ଉପନିବନ୍ଧକ (ସବ୍-ରେଜିଷ୍ଟର) କାର୍ଯ୍ୟାଳୟ ଆସି କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ କାହାକୁ କିଛି ନଜଣାଇ ସମସ୍ତ କର୍ମଚାରୀ ଓ ଅଧିକାରୀ ଅଫିସ୍ ତାଲାପକାଇ ସମୟ ପ୍ରାୟ ୧୨ଟାରୁ କୁଆଡେ ଚାଲିଯାଇଥିଲେ। ମାତ୍ର ଉପରୋକ୍ତ ବ୍ୟକ୍ତିଦ୍ୱୟ ଅଫିସ୍ ଭିତରେ ରହିଯାଇଥିଲେ। ପ୍ରାୟ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସେମାନେ ବନ୍ଦୀ ଅବସ୍ଥାରେ କାର୍ଯ୍ୟାଳୟ ଭିତରେ ଫସି ରହିଥିବା ଦେଖିବାକୁ ମିଳିଥିଲା। ଅଫିସ୍ ତାଲା ପକାଇ କର୍ମଚାରୀମାନେ ନରସିଂହପୁର ଅଞ୍ଚଳକୁ ଭୋଜି କରିବାକୁ ଯାଇଥିବା ଶୁଣିବାକୁ ମିଳିଥିଲା। କୌଣସି ସରକାରୀ ଛୁଟି ନଥିବାବେଳେ କିପରି କାର୍ଯ୍ୟାଳୟରେ ୩ଜଣ ଲୋକଙ୍କୁ ତାଲା ପକାଇ ଭୋଜି କରିବାକୁ ପଳାଇଲେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି ଦାୟିତ୍ୱହୀନ କାର୍ଯ୍ୟକୁ ନେଇ ବୁଦ୍ଧିଜୀବୀ ମହଲରେ ଦୃଢ଼ ନିନ୍ଦା କରାଯିବା ସହ ସଂପୃକ୍ତ କର୍ମଚାରୀ ଓ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଅଳିଆଗଦାରୁ ନବଜାତ ଶିଶୁକନ୍ୟା ଉଦ୍ଧାର

**ବଲାଙ୍ଗୀର: ଏକ୍ସପ୍ରେସ ନ୍ୟୁଜ୍**

ଅଳିଆଗଦାରୁ ଏକ ନବଜାତ ଶିଶୁକନ୍ୟା ଉଦ୍ଧାର ହୋଇଛି। ଏପରି ଏକ ଘଟଣା ଘଟିଛି ବଲାଙ୍ଗୀର ଜିଲ୍ଲା ସଇଁତଳା ଥାନା ଅନ୍ତର୍ଗତ ଧରପଗଡ଼ ଗ୍ରାମରେ। ଗାଁର ଏକ ଅଳିଆଗଦାରେ ନବଜାତ ଶିଶୁକନ୍ୟା ପଡ଼ିଥିବା ଦେଖିଥିଲେ କିଛି ସ୍ଥାନୀୟ ଲୋକେ। ଦେଖିବା ପରେ ଶିଶୁକନ୍ୟାକୁ ଉଦ୍ଧାର କରି ସ୍ଥାନୀୟ ଅଙ୍ଗନୱାଡ଼ି ଓ ଆଶାକର୍ମୀକୁ ଦେଇଥିଲେ। ତେବେ ଶିଶୁକୁ କିଏ ଜନ୍ମ କରି ଅଳିଆଗଦାରେ ଫିଙ୍ଗି ଦେଇଛି ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଯାହାକୁ ନେଇ ଗାଁରେ ଚ଼ର୍ଚ୍ଚା ଜୋର୍ ଧରିଛି।

## ସିସିଟିଭି ଭାଙ୍ଗି କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟ୍

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନନ୍ତପୁର ସାହିରେ ବଡ଼ ଧରଣର ଲୁଟ ଦେଖିବାକୁ ମିଳିଛି। ପ୍ରାୟ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତି ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଅବସରପ୍ରାପ୍ତ ରେଙ୍ଗାଳି କର୍ମଚାରୀ ଗୋବିନ୍ଦ ଚନ୍ଦ୍ର ମଲ୍ଲଙ୍କ ପରିବାର ଲୋକେ ମେଡିକାଲ କାର୍ଯ୍ୟରେ ଯାଇଥିବା ବେଳେ ଦୁର୍ବୃତ୍ତମାନେ ଲୁଟ କରିଛନ୍ତି। ଘରେ ଲାଗିଥିବା ସିସିଟିଭି କ୍ୟାମେରାକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ପ୍ରାୟ ୬ଶହ ଗ୍ରାମ ସୁନା ଅଳଙ୍କାର, ପିତଳ ସାମଗ୍ରୀ, ନଗଦ ୩୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ ହୋଇଥିବା ଜଣାପଡିଛି। ଖବର ପାଇ ଘଟଣା



ସ୍ଥଳରେ କାମାକ୍ଷାନଗର ଥାନା ଅଧିକାରିଣୀ ଚାରୁଲତା ବେହେରା ଓ ଏସ୍ଆଇ ଜିତେନ୍ଦ୍ର କୁମାର ମହାନ୍ତି ଟିମ୍ ସହ ଢେଙ୍କାନାଳ ଜିଲ୍ଲା ଫରେନ୍ସିକ ସାଇଂଟଫିକ ଟିମ, ସନ୍ଧାନୀ କୁକୁର ଏବଂ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରି ଦେଇଛନ୍ତି। ସିସିଟିଭି ଫୁଟେଜରେ ମୁଖା ପିନ୍ଧା ୪ଜଣ ବ୍ୟକ୍ତି କାରରେ ଆସି ଲୁଟ୍ କରି ଫେରାର ହୋଇଯାଇଥିବା ତଦନ୍ତରୁ ଜଣାପଡିଛି।

### ବାଣିଜ୍ୟ

## ଅଭୂତପୂର୍ବସ୍ତରରେ ସୁନା-ରୁପା ଦର

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ସୁନା ଏବଂ ରୂପାର ମୂଲ୍ୟ ଅଭୂତପୂର୍ବସ୍ତରକୁ ବୃଦ୍ଧି ପାଇଥିଲା। କାରଣ ନିବେଶକମାନେ ଜାରି ରହିଥିବା ଭୂରାଜନୈତିକ ଉତ୍ତେଜନା ଏବଂ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ସୁରକ୍ଷିତ ସ୍ୱର୍ଗ ସମ୍ପତ୍ତି ଖୋଜୁଥିବାରୁ ଅନ୍ତର୍ଜାତୀୟ ସୁନା ବଜାର ରେକର୍ଡ ଭାଙ୍ଗିଥିଲା। ସ୍ପଟ୍ ସୁନା ପ୍ରତି ଆଉନ୍ସ ୫,୬୦୦ ଛୁଇଁଥିଲା, ପ୍ରାୟ ୫,୫୯୧.୬୧ ଆନ୍ତାନକାଳ ଉଚ୍ଚତା ଛୁଇଁବା ପରେ, ପ୍ରାୟ ୫,୫୧୧.୭୯ କାରବାର କରୁଥିଲା। ଯାହା ସରକାରୀ ଋଣ ଚ଼ିନ୍ତା, ଭୂରାଜନୈତିକ ବିପଦ ଏବଂ ନିରନ୍ତର କେନ୍ଦ୍ରୀୟ ବ୍ୟାଙ୍କ କ୍ରୟ ଦ୍ୱାରା ପରିଚ଼ାଳିତ ଏକ ଦୃଢ଼ ବୃଦ୍ଧିକୁ ପ୍ରତିଫଳିତ କରେ। ରୂପା ମଧ୍ୟ ଦୃଢ଼ ରହିଥିଲା, ପ୍ରତି ଆଉନ୍ସ ୧୧୯.୩୪ ଛୁଇଁଲା ପୂର୍ବରୁ ୧୧୮.୦୬ ପାଖାପାଖି ସ୍ଥିର ହୋଇଥିଲା, ବିଶ୍ୱବ୍ୟାପୀ ପ୍ରବଳ ଚ଼ାହିଦା, ସୀମିତ ଯୋଗାଣ ଏବଂ ଗତି କ୍ରୟ ଦ୍ୱାରା ଅଧିକ ବୃଦ୍ଧି ପାଇଥିଲା। ବିଶ୍ଳେଷକମାନେ ଉଲ୍ଲେଖ କରିଛନ୍ତି ଯେ ଏହି ସପ୍ତାହରେ ସୁନା ୧୦%ରୁ ଅଧିକ ବୃଦ୍ଧି ପାଇଛି, ଏବଂ ବିଶ୍ୱ ବଜାରରେ ଏହି ବର୍ଷ ରୂପା ୬୦%ରୁ ଅଧିକ ବୃଦ୍ଧି ପାଇଛି।



ଭାରତରେ, ଗୁରୁବାର ଘରୋଇ ସୁନା ବଜାରରେ ବିଶ୍ୱ ମୂଲ୍ୟ ବୃଦ୍ଧି ଏବଂ ମୁଦ୍ରା ଗତିର ପ୍ରଭାବ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇଥିଲା। ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମସିଏକ୍ସ)ରେ, ସୁନା ଫ୍ୟୁଚ଼ର୍ ମୂଲ୍ୟ ୬% ବୃଦ୍ଧି ପାଇ ପ୍ରତି ୧୦ ଗ୍ରାମ ୧,୭୫,୮୬୯ରେ ପହଞ୍ଚିଛି, ଯେତେବେଳେ ରୂପା ଫ୍ୟୁଚର୍ ମୂଲ୍ୟ ୬% ବୃଦ୍ଧି ପାଇ ସର୍ବକାଳୀନ ସର୍ବାଧିକ ୪,୦୭,୪୫୬ରେ ପହଞ୍ଚିଛି। ଭାରତୀୟ ଟଙ୍କା ଯଥେଷ୍ଟ ଦୁର୍ବଳ ହେବା ଫଳରେ ଏହି ତୀବ୍ର ବୃଦ୍ଧି ଘଟିଛି, ଯାହା ଆମଦାନୀ ହୋଇଥିବା ସୁନାର ମୂଲ୍ୟକୁ ବୃଦ୍ଧି କରିଛି ଏବଂ କ୍ରୟ ଆଗ୍ରହକୁ ଆହୁରି ବୃଦ୍ଧି କରିଛି। ବାଣିଜ୍ୟର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ, ଏମସିଏକ୍ସ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୧.୮ ଲକ୍ଷ ପାଖାପାଖି ପହଞ୍ଚିଛି ଏବଂ ରୂପା ଇତିହାସରେ ପ୍ରଥମ ଥର ପାଇଁ ପ୍ରତି କିଲୋ ୪ ଲକ୍ଷ ଅତିକ୍ରମ କରିଛି। ବଜାର ଡିଲର୍ କହିଛନ୍ତି ଯେ ବୃଦ୍ଧିର ଗତି ଅସାଧାରଣ ଭାବରେ ଶକ୍ତିଶାଳୀ ଥିଲା, ଅନ୍ତର୍ଜାତୀୟ ବଜାରରୁ ସଙ୍କେତ ଏବଂ ମୁଦ୍ରା ନୀତି ନିଷ୍ପତ୍ତି ପରେ ପ୍ରାରମ୍ଭିକ ବାଣିଜ୍ୟରେ ସୁନା ପ୍ରାୟ ୧୦,୦୦୦ ବୃଦ୍ଧି ପାଇଛି।

ସମଗ୍ର ଭାରତରେ ଭୌତିକ ସୁନା ମୂଲ୍ୟ ମଧ୍ୟ ଉଚ୍ଚ ରହିଛି, ସାଧାରଣ ଖୁଚୁରା ହାର ପୂର୍ବ ଅଧିବେଶନ ତୁଳନାରେ ଗୁରୁତ୍ୱପୂର୍ଣ୍ଣ ଲାଭ ଦେଖାଉଛି। ପ୍ରମୁଖ ସହରଗୁଡ଼ିକରେ, ୨୪ କ୍ୟାରେଟ୍ ସୁନା ପ୍ରତି ଗ୍ରାମ ୧୭,୮୮୫ ପାଖାପାଖି, ୨୨ କ୍ୟାରେଟ୍ ପ୍ରତି ଗ୍ରାମ ୧୬,୩୯୫ ପାଖାପାଖି ଏବଂ ୧୮ କ୍ୟାରେଟ୍ ପ୍ରତି ଗ୍ରାମ ୧୩,୪୧୪ ପାଖାପାଖି କାରବାର ହେଉଥିଲା, ଯାହା ପୂର୍ବ ଦିନ ତୁଳନାରେ ପ୍ରତ୍ୟେକ ଗ୍ରାମ ୧,୦୦୦ରୁ ଅଧିକ ବୃଦ୍ଧିକୁ ପ୍ରତିଫଳିତ କରେ। ପ୍ରତି ୧୦ ଗ୍ରାମ ଆଧାରରେ, ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରାୟ ୧,୭୮,୮୫୦ ଏବଂ ୨୨ କ୍ୟାରେଟ୍ ସୁନା ୧,୬୩,୯୫୦ ପାଖାପାଖି ଥିଲା, ଉଭୟ ପୂର୍ବ ଦିନ ତୁଳନାରେ ୧୦,୦୦୦ରୁ ଅଧିକ ବୃଦ୍ଧି ପାଇଛି, ଯାହା ଉଚ୍ଚ ମୂଲ୍ୟସ୍ତରରେ ମଧ୍ୟ ଘରୋଇ ଚ଼ାହିଦାର ଶକ୍ତିକୁ ସ୍ପଷ୍ଟ କରିଥାଏ।

ଓଡ଼ିଶାରେ, ଜାତୀୟ ଧାରା ସହିତ ସମାନ ଭାବରେ ସୁନା ଏବଂ ରୂପା ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିଥିବା ସୂଚ଼ନା ଦିଆଯାଇଛି। ଭୁବନେଶ୍ୱରରେ, ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ଗ୍ରାମ ପ୍ରାୟ ୧୭,୮୮୫ ଥିଲା, ଯାହା ପୂର୍ବ ବାଣିଜ୍ୟ ଅଧିବେଶନ ତୁଳନାରେ ପ୍ରାୟ ୧,୧୭୭ ବୃଦ୍ଧି ପାଇଥିଲା, ଯେତେବେଳେ ୨୨ କ୍ୟାରେଟ୍ ସୁନା ପ୍ରାୟ ୧୬,୩୯୫ ପ୍ରତି ଗ୍ରାମ ରହିଛି, ଯାହା ପ୍ରାୟ ୧,୦୮୦ ବୃଦ୍ଧି ପାଇଛି। ୧୦ ଗ୍ରାମ ଆଧାରରେ, ୨୪ କ୍ୟାରେଟ୍ ସୁନା ପ୍ରାୟ ୧୧,୭୭୦ ଏବଂ ୨୨ କ୍ୟାରେଟ୍ ସୁନା ପ୍ରାୟ ୧୦,୮୦୦ ବୃଦ୍ଧି ପାଇ ସ୍ଥାନୀୟ ଅଳଙ୍କାର ମୂଲ୍ୟକୁ ଅଭୂତପୂର୍ବ ସର୍ବୋଚ୍ଚସ୍ତରରେ ପହଞ୍ଚାଇ ଦେଇଛି। ଓଡ଼ିଶାରେ ମଧ୍ୟ ରୂପା ବୃଦ୍ଧି ପାଇଛି, ରୂପା କିଲୋଗ୍ରାମ ପ୍ରତି ୪.୧୦ ଲକ୍ଷ ପାଖାପାଖି କାରବାର ହୋଇଛି, ଯାହା ଏମସିଏକ୍ସ ବେଞ୍ଚମାର୍କ ଏବଂ ଭୌତିକ ବଜାରରେ ଐତିହାସିକ ରେକର୍ଡସ୍ତର ଉପରେ ପ୍ରାୟ ୧୭,୪୨୬ର ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧିକୁ ପ୍ରତିଫଳିତ କରୁଛି। ଡିଲରମାନେ କହିଛନ୍ତି ଯେ ଏହି ତୀବ୍ର ଉର୍ଦ୍ଧ୍ୱଗାମୀ ଗତି ତୁରନ୍ତ ଖୁଚୁରା ଚ଼ାହିଦାକୁ ପ୍ରଭାବିତ କରୁଛି, କାରଣ ଅନେକ ପାରମ୍ପରିକ କ୍ରେତା ହେଜ୍ ଏବଂ ପୋର୍ଟଫୋଲିଓ ବିବିଧତା ପାଇଁ ନିବେଶକମାନେ କିଣିବା ଜାରି ରଖିଥିଲେ ମଧ୍ୟ ଉଚ୍ଚ ମୂଲ୍ୟ ବିନ୍ଦୁରେ କ୍ରୟ କରିବାରେ ବିଳମ୍ବ କରିଛନ୍ତି।

## ବେଳାଭୂମି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ବ୍ରହ୍ମପୁର,୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଗୋପାଳପୁର ବେଳାଭୂମି ମହୋତ୍ସବର ଆଜିର ଦ୍ୱିତୀୟ ସଂଧ୍ୟାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚ଼ାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିର ସାନ୍ଧ୍ୟ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।

ଗୋପାଳପୁର ବେଳାଭୂମି ଗଞ୍ଜାମ ଜିଲ୍ଲା ସହିତ ମୋର ଅନେକ ସ୍ମୃତି ଜଡିତ। ଅନେକ ବର୍ଷ ତଳେ ଖଲ୍ଲିକୋଟ ମହାବିଦ୍ୟାଳୟ ସାମ୍ନାରେ ହୋଇଥିବା ବିଶାଳ ପ୍ରତିବାଦ ସଭା ଆଜିବି ମୋ ସ୍ମୃତି ପଟରେ ଜୀବନ୍ତ ରହିଛି। ଦୁଇ ବର୍ଷ ଧରି ଆୟୋଜିତ ହୋଇ ନଥିବା ମହୋତ୍ସବ ଆଜି ଆପଣମାନଙ୍କ ସମସ୍ତଙ୍କ ଆନ୍ତରିକ ଉଦ୍ୟମ ଫଳରେ ପୁଣି ଥରେ ଆରମ୍ଭ ହୋଇଛି। ଓଡ଼ିଶା ତଥା ଓଡ଼ିଶା ବାହାରେ ଅନେକ ମହୋତ୍ସବ ଦେଖିଛି, କିନ୍ତୁ ମୁଁ ଆଜିର ସମୁଦ୍ର ଆରତୀ ଓ ଅନ୍ୟାନ୍ୟ ଆୟୋଜନ ଦେଖିକି ସ୍ପଷ୍ଟ କହିପାରେ ଗୋପାଳପୁର ମହୋତ୍ସବ ଦେଶରେ ଅନ୍ୟତମ ଶ୍ରେଷ୍ଠ ମହୋତ୍ସବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ସେ ମଧ୍ୟ କହିଥିଲେ ସାମୁଦ୍ରିକ ସୌନ୍ଦର୍ଯ୍ୟ କଡରେ ସାଂସ୍କୃତିକ ସୌନ୍ଦର୍ଯ୍ୟ ମୋତେ ଅଭିଭୂତ କରିଛି। ଗଞ୍ଜାମ ଜିଲ୍ଲା କେବଳ କଳା ସାହିତ୍ୟ ସଂସ୍କୃତିରେ ପରିପୂର୍ଣ୍ଣ ନୁହେଁ ଏହା ସୌର୍ଯ୍ୟ, ସାହସ ଓ ସଂଗ୍ରାମୀଙ୍କ ମାଟି। ଆଧୁନିକ ଓଡ଼ିଶା ଗଠନ କରିବାରେ ଯେଉଁ ଧର୍ମପଦମାନଙ୍କର ଆବଶ୍ୟକ ରହିଛି ସେହି ବୀର ପୁରୁଷମାନଙ୍କୁ ଗଞ୍ଜାମ ମାଟି ପୁଣି ଥରେ ସୃଷ୍ଟି କରୁ। ନୂଆ ଓ ସଶକ୍ତ ଓଡ଼ିଶା ଗଠନର କର୍ଣ୍ଣଧାର ସାଜୁ ଗଞ୍ଜାମ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଆଶାବ୍ୟକ୍ତ କରିଥିଲେ। ଭାରତୀୟ ନୌବାହିନୀ ଏବଂ ତଟରକ୍ଷା ବାହିନୀର ପ୍ରଦର୍ଶନୀର ସେ ପ୍ରଶଂସା କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚ଼ନ୍ଦ୍ର ପାତ୍ର ଯୋଗଦେଇ କହିଛନ୍ତି ଯେ କଳା ଓ ସଂସ୍କୃତିର ପବିତ୍ର ମାଟି ହେଉଛି ଗଞ୍ଜାମ। ଗଞ୍ଜାମ ମାଟି ହିଁ ଏଭଳି ଅନନ୍ୟ ଓ ଅନବଦ୍ୟ ମହୋତ୍ସବର ଆୟୋଜନ କରିପାରେ। ଚ଼ଳିତ ବର୍ଷ ଭଳି ମହୋତ୍ସବ ଦ୍ୱାରା ଜିଲ୍ଲାର କଳା, ସାହିତ୍ୟ ଓ ସଂସ୍କୃତିର ପୁନଃ ଅଭ୍ୟୁଦୟ ଘଟିବ ଏକଥା ରେ ଦ୍ୱିମତ ନାହିଁ। ବିଭିନ୍ନ ଉଦାହରଣ ମାଧ୍ୟମରେ ଆତ୍ମନିର୍ଭର ଭାରତ, ଅପରେସନ ସିନ୍ଦୂର ଓ ଡିଆରଡିଓ ବୈଜ୍ଞାନିକମାନଙ୍କ ସଫଳତା ସମ୍ପର୍କରେ ମଧ୍ୟ ସେ ଆଲୋକପାତ କରିଥିଲେ। ଆଗାମୀ ଭବିଷ୍ୟତରେ ଭାରତକୁ ବିଶ୍ୱର ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିବାରେ କେହି ରୋକି ପାରିବେ ନାହିଁ ସେ କହିଥିଲେ। ମହୋତ୍ସବର ମୁଖ୍ୟ ମାର୍ଗଦର୍ଶକ ତଥା ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ବନାରସରୁ ଆସିଥିବା ପଣ୍ଡିତଙ୍କ ଭକ୍ତିପୂର୍ଣ୍ଣ ସମୁଦ୍ର ଆଳତି ଆଗନ୍ତୁକମାନଙ୍କୁ ସବୁଠାରୁ ଅଧିକ ଆକର୍ଷିତ କରୁଛି। ବୈଦ୍ୟୁତିକ ଓ ମୁଦ୍ରିତ ଗଣମାଧ୍ୟମ ସହିତ ସାମାଜିକ ଗଣମାଧ୍ୟମ ଏ ମହୋତ୍ସବକୁ ଆଜି ବିଶ୍ୱର କୋଣ-ଅନୁକୋଣକୁ ନେଇଯାଇଛନ୍ତି ତେଣୁ ସେମାନେ ସାଧୁବାଦର ପାତ୍ର ବୋଲି ସେ କହିଛନ୍ତି। ଛତ୍ରପୁର ବିଧାୟକ କୃଷ୍ଣଚ଼ନ୍ଦ୍ର ନାୟକ, ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ, ଜିଲ୍ଲା ପରିଷଦର ଅଧକ୍ଷା ଅଞ୍ଜଳୀ ସ୍ୱାଇଁ, ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଏ. ଜାନକୀ ରାମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଆଇନକୁ ଖୋଲା ଉଲ୍ଲଂଘନ

**ନିଆଳୀ: ଏକ୍ସପ୍ରେସ ନ୍ୟୁଜ୍**

ନିଆଳୀ ବ୍ଲକ ବିଳାଶୁଣୀ ପଡିଆରେ ଚ଼ାରିଗୋଟି ପଞ୍ଚାୟତର ଦଳୀୟ କର୍ମୀ ଓ ମିଶ୍ରଣ ପର୍ବରେ ଆସିଥିବା କର୍ମୀମାନଙ୍କୁ ନେଇ ମିଶ୍ରଣ ପର୍ବ କରାଯାଇଥିଲା। ଏହି କର୍ମୀ ସମ୍ମିଳନୀରେ ନିଆଳୀ ବିଧାୟକ ଛବି ମଲ୍ଲିକ ଯୋଗ ଦେଇଥିବାରୁ ତାଙ୍କୁ ପାଛୋଟି ନେବା ନିମନ୍ତେ କର୍ମୀମାନେ ବାଜା, ବାଣ, ନଦିଆ କୀର୍ତ୍ତନ ଓ ଡାକ ବାଜି ଯନ୍ତ୍ରବଜାଇ ବିଦ୍ୟାଳୟ ପରିସର ଆଗରେ ଆଇନ ଉଲ୍ଲଂଘନ କରି ପିଲାମାନଙ୍କ ପାଠ ପଢାରେ ବ୍ୟାଘାତ ସୃଷ୍ଟି କରିଥିଲେ। ଏହି ମିଶ୍ରଣ ପର୍ବରେ ଉପସ୍ଥିତ ଥିବା ଅତିଥିମାନେ ସଭାଉପରେ ବସି କୋମଳମତୀ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟକୁ ପାଠ ପଢିବାକୁ ନଯାଇ ଅତିଥିମାନଙ୍କୁ ଖୁସିକରିବାକୁ ମଞ୍ଚ ଉପରେ ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ପତାକା ଧରି ବିଭିନ୍ନ ନାଚ଼ଗୀତରେ ମସଗୁଲ ହୋଇଥିଲେ। ଏ ନେଇ ବୃଦ୍ଧିଜିବି ମହଲରେ ତୀବ୍ରଅଶୋନ୍ତୋଷ ପ୍ରକାଶ ପାଇଛି।



### ସିନେମାଫିନେମା ଟିଭିଫିବି

## ଫିଲ୍ମ ଇଣ୍ଡଷ୍ଟ୍ରିରେ ମହିଳାଙ୍କର ରହିଛି ଏକ୍ସପାଏରୀ ଡେଟ୍

ଅଭିନେତ୍ରୀ ମୋନା ସିଂହ ତାଙ୍କ ଫିଲ୍ମ 'ବର୍ଡର ୨'ର ସଫଳତାକୁ ନେଇ ବେଶ ଖୁସି ଅଛନ୍ତି। ଖୁବ୍ ଶୀଘ୍ର 'କୋହରା'ର ଦ୍ୱିତୀୟ ସିଜିନରେ ସେ ନଜର ଆସିବେ। ନିକଟରେ ତାଙ୍କ ଚ଼ରିତ୍ର ଏବଂ ଫିଲ୍ମ ଇଣ୍ଡଷ୍ଟ୍ରିର ବୟସ୍କ କଳାକାରଙ୍କ ବିଷୟରେ ଅଭିନେତ୍ରୀ କଥା ହୋଇଛନ୍ତି।

ପିଟିଆଇ ସହିତ କଥାବାର୍ତ୍ତା ସମୟରେ, ମୋନା ୪୦ ବର୍ଷ ବୟସରେ ମଧ୍ୟ ପରଦାରେ ୫୦ ଏବଂ ୬୦ ବର୍ଷର ଚ଼ରିତ୍ର ନିଭାଇବା ବିଷୟରେ କହିଛନ୍ତି। ସେ କହିଛନ୍ତି, ପରଦାରେ ମୁଁ ମୋର ବୟସ ବିଷୟରେ ଚ଼ିନ୍ତା କରିନାହିଁ କାରଣ ମୁଁ ବହୁତ ଆତ୍ମବିଶ୍ୱାସୀ ଏବଂ ମୁଁ ଜାଣିଛି ଯେ ମୁଁ କିଏ। ମୋତେ କିଛି ପ୍ରମାଣ କରିବାକୁ ପଡ଼େ ନାହିଁ, ତେଣୁ ମୁଁ ରିସ୍କ ନେଇ ଚ଼ାଲିଥାଏ। ଲୋକମାନେ ପ୍ରାୟତଃ ମୋତେ ପଚ଼ାରନ୍ତି, ତୁମେ ପରଦାରେ ଏତେ ବୃଦ୍ଧ କାହିଁକି ଦେଖାଯାଉଛ ? ମୁଁ କହେ ଯେ ଏହା କିଛି ଫରକ ପଡ଼େ ନାହିଁ। ଏହି ଚ଼ରିତ୍ରରେ ମୁଁ ଅଭିନୟ କରୁଛି ଏବଂ ଏହା ମୋତେ ପ୍ରକୃତରେ ଉତ୍ସାହିତ କରୁଛି।

ଅଭିନେତ୍ରୀ ସ୍ୱୀକାର କରିଛନ୍ତି ଯେ ଇଣ୍ଡଷ୍ଟ୍ରିରେ ଲୋକମାନେ ବୟସ୍କ କଳାକାରଙ୍କୁ ଭଲ ଭୂମିକା ଦେବାକୁ ସଂକୋଚ଼ କରନ୍ତି। ସେ କହିଛନ୍ତି, କେବଳ ଏହି ଇଣ୍ଡଷ୍ଟ୍ରିରେ ମହିଳାଙ୍କର ଏକ ଏକ୍ସପାଏରୀ ଡେଟ୍ ଥାଏ। ଏହା ବହୁତ ଦୁଃଖଦର କଥା। ୬୦ ବର୍ଷ ବୟସର ପୁରୁଷମାନେ ଏବେ ବି ରୋମାଣ୍ଟିକ ଭୂମିକାରେ ଅଭିନୟ କରିପାରିବେ, କିନ୍ତୁ ମହିଳାମାନେ କରିପାରିବେ ନାହିଁ। ମୁଁ କେବେ ଏ ବିଷୟରେ ବହୁତ ଚ଼ିନ୍ତା କରିନଥିଲି।

ତେବେ ଜାନୁଆରୀ ୨୩ରେ ରିଲିଜ୍ ହୋଇଥିବା ଫିଲ୍ମ 'ବର୍ଡର ୨'ରେ ମୋନା ସିଂହ ସନ୍ନି ଦେଓଲଙ୍କ ପତ୍ନୀ ଭୂମିକାରେ ଅଭିନୟ କରିଛନ୍ତି। ଏଥିପାଇଁ ତାଙ୍କୁ ଖୁବ୍ ପ୍ରଶଂସା ମିଳିଛି। ଫିଲ୍ମଟି ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରୁଛି, ଛଅ ଦିନରେ ୨୧୩ କୋଟି ରୋଜଗାର କରିଛି।

## ଆଇଟିଡିଏ କାର୍ଯ୍ୟାଳୟ ସାମ୍ନାରେ ବିଜେଡ଼ିର ଧାରଣା

**ନୀଳଗିରି: ଏକ୍ସପ୍ରେସ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ନୀଳଗିରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଅଞ୍ଚଳର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି। ମାତ୍ର ଏହି ଅର୍ଥର ନିୟମ ଓ ସଠିକ ଭାବେ ବିନିଯୋଗ ହେଉନାହି। ଅନୁଦାନ ଅର୍ଥକୁ ଟେଣ୍ଡର କରି ଟେଣ୍ଡରଧାରୀ କାର୍ଯ୍ୟ କରିବାର ନିୟମ ଥିବାବେଳେ ବିଭାଗୀୟ ଅଧିକାରୀ କେଉଁ ଅଦୃଶ୍ୟ ନେତାଙ୍କ ନିର୍ଦ୍ଦେଶରେ କେବଳ ଗୋଟିଏ ଗୋଷ୍ଠୀକୁ ବିନା ଟେଣ୍ଡରରେ ଦିଆଯାଉଥିବା ବେଳେ ଏହାର କାର୍ଯ୍ୟକୁ ସଠିକ ତଦାରଖ ନ କରିବା ଫଳରେ ଅତି ନିମ୍ନମାନର କାର୍ଯ୍ୟ ହେଉଥିବାର ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ



ଏହାର ସମାଧାନ ନ ହେବା ଯୋଗୁ ନୀଳଗିରି ବ୍ଲକର ନିର୍ବାଚ଼ିତ ପ୍ରତିନିଧିମାନେ ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ପୂର୍ବରୁ ଲିଖିତ ଅଭିଯୋଗ କରିଥିଲେ। ନିର୍ଦ୍ଧାରିତ ସମୟରେ ସମସ୍ୟାର ସମାଧାନ ନ ହେବା ଫଳରେ ନିର୍ଦ୍ଧାରିତ ୨୮/୧ ତାରିଖ ଦିନ ଆଇଟିଡିଏ ଅଫିସ ଆଗରେ ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ବିଜେଡ଼ି ବହୁ ନେତା ଓ କର୍ମୀ ଧାରଣ ଦେଇଛନ୍ତି। ପୂର୍ବତନ ବିଧାୟକ ଶ୍ରୀନାୟକଙ୍କ କହିବା ଅନୁଯାୟୀ ବିଭାଗୀୟ ଅଧିକାରୀ ଅନୁଦାନ ଅର୍ଥକୁ ଟେଣ୍ଡର ନ କରି କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଅନୁକମ୍ପା କରି ଏହି ଅନୁଦାନ ଅର୍ଥର କାର୍ଯ୍ୟାଦେଶ ପ୍ରଦାନ କରାଯିବାର ଅଭିଯୋଗ କରିଥିଲେ। ଏହି ଧାରଣାରେ ବାଲେଶ୍ୱର ଜିଲ୍ଲା ବିଜେଡ଼ି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ନୀଳଗିରି ବ୍ଲକର ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ରାଜୀବ ଦାସବାବୁ କୁଳମଣୀ ନାୟକ, ଶାନ୍ତିଲତା ବିଶ୍ୱାଳ, ସୁରଥ ଚ଼ନ୍ଦ୍ର ସିଂ, ବିନିତା ମଢେଇ, ସାବିତ୍ରୀ ସିଂଙ୍କ ସମେତ ବହୁ ପଞ୍ଚାୟତର ନିର୍ବାଚ଼ିତ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇ ଆଇଟିଡିଏ ବିଭାଗର ମନୋମୁଖୀ କାର୍ଯ୍ୟକୁ ସମାଲୋଚ଼ନା କରିବା ସହିତ ଏହି ସମସ୍ୟାର ସମାଧାନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଧାରଣା ଜାରୀ ରହିବ ବୋଲି ବିଜେଡ଼ି ପକ୍ଷରୁ କୁହାଯାଇଛି।

# ପରିବାର ନିୟୋଜନ ଅସ୍ତ୍ରୋପଚାର, ସାହାଯ୍ୟ ନାମରେ ଶୋଷଣ




**୨୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସମସ୍ୟା ଲାଗି ସବୁବେଳେ ଚର୍ଚ୍ଚାରେ ରହିଛି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର । ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଶେରଗଡ ସହରରେ ଅବସ୍ଥିତ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୩ଟି ବ୍ଲକର ଶତାଧିକ ଗ୍ରାମର ଗ୍ରାମବାସୀ ନିର୍ଭର କରୁଛନ୍ତି । ଦୀର୍ଘଦିନ ହେବ ଏଠାକାର ଜନସାଧାରଣ ବିଶେଷଜ୍ଞ ଡାକ୍ତର ନଥିବା ହେତୁ ବିଶେଷଜ୍ଞ ଡାକ୍ତରଙ୍କ ଲାଗି ଦାବି କରି ଆସୁଥିଲେ ମଧ୍ୟ ଉପରିସ୍ଥ ଅଧିକାରୀମାନେ କର୍ଣ୍ଣପାତ କରୁନାହାନ୍ତି । ଯଦିଓ, ଡାକ୍ତର ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆଯାଇ ଡାକ୍ତର ନିଯୁକ୍ତି ଦିଆଯାଇଛି, ବିଶେଷଜ୍ଞ ଓ ଅଭିଜ୍ଞ ଡାକ୍ତର ନଥିବା ହେତୁ ସାଧାରଣ ରୋଗୀଙ୍କୁ ମଧ୍ୟ ବ୍ରହ୍ମପୁର ସ୍ଥାନାନ୍ତର କରାଯାଉଥିବା ଦେଖିବାକୁ ମିଳିଛି । ପୂର୍ବରୁ ଏଠି ମାସକୁ ଶହ ଶହ ଗର୍ଭବତୀ ନିଜର ପ୍ରସବ ଲାଗି ଆସୁଥିବା ବେଳେ ବର୍ତ୍ତମାନ ତାହା ଜରୁରିକାଳୀନ ଚିକିତ୍ସା ଏବଂ ଅଭିଜ୍ଞ ଡାକ୍ତରଙ୍କ ଅଭାବ ହେତୁ ଗର୍ଭବତୀଙ୍କ ସଂଖ୍ୟା ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ କମିବାରେ ଲାଗିଛି । ଭାରତବର୍ଷରେ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବା ହେତୁ ସରକାର ପରିବାର ନିୟୋଜନ ଅସ୍ତ୍ରୋପଚାର ଆରମ୍ଭ କରିଥିଲେ । ପରିବାର ନିୟୋଜନରେ ଅସ୍ତ୍ରୋପଚାର ଯୋଜନାରେ ଅସ୍ତ୍ରୋପଚାର ହେଉଥିବା ମହିଳାଙ୍କୁ ଅସ୍ତ୍ରୋପଚାର ପରେ ସରକାରଙ୍କ ତରଫରୁ ୧୪୦୦ ଟଙ୍କାର ପ୍ରୋତ୍ସାହନ ରାଶି ଏବଂ ଯାତାୟାତ ଲାଗି ୨୫୦ ଟଙ୍କା ଯୋଗାଇ ଦେଉଛନ୍ତି । ହେଲେ ଅସ୍ତ୍ରୋପଚାର ଲାଗି ଏଠାକୁ ଆସୁଥିବା ମହିଳାମାନେ ଅସ୍ତ୍ରୋପଚାର ପରେ ସରକାରଙ୍କ ସମସ୍ତ ପ୍ରୋତ୍ସାହନ ରାଶି ପାଉଛନ୍ତି ସତ, ତା' ବଦଳରେ ଶୋଷଣର ଶିକାର ହେଉଥିବା ଜଣାପଡିଛି । ଶୋଷଣଟି ହେଲା, ମହିଳାଙ୍କ ଅସ୍ତ୍ରୋପଚାର ପରେ ନିରାମୟରୁ ଔଷଧ ପ୍ରଦାନ ବଦଳରେ ବାହାର ମେଡିସିନ ଦୋକାନରୁ ଔଷଧ ଆଣିବା ଲାଗି କୁହାଯାଉଛି । ଯାହାଫଳରେ ରୋଗୀ ମାଗଣାରେ ଔଷଧ ପାଇବା ବଦଳରେ ଅଯଥା ଖର୍ଚ୍ଚାନ୍ତରେ ପଡୁଛି । ଯାହା ଫଳରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ଆସ୍ଥା କମୁଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ସମସ୍ୟାର ସମାଧାନ ଲାଗି ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ଆଜିର ରାଶିଫଳ

| ତାରିଖ | ଶୁକ୍ରବାର– ଦ୍ୱାଦଶୀ |
|---|---|
| ୩୦.୧.୨୦୨୬ | ନକ୍ଷତ୍ର– ଆର୍ଦ୍ରା, ମିଥୁନଚନ୍ଦ୍ର |



| | |
|---|---|
| ମେଷ | : ଦ୍ରବ୍ୟଲାଭ ଯୋଗ ରହିଛି । |
| ବୃଷ | : ସାଙ୍ଗସାଥୀରେ ମେଳରେ ହସଖୁସିରେ ଦିନ କଟିବ । |
| ମିଥୁନ | : ଦିନଟି ଶାନ୍ତିପ୍ରଦ ହେବ । |
| କର୍କଟ | : ପରିବାରରେ ବିଶୃଙ୍ଖଳା ଅସନ୍ତୋଷର କାରଣ । |
| ସିଂହ | : ବକେୟା ପଡ଼ିଥିବା ଅର୍ଥ ଲାଭ ହେବ । |
| କନ୍ୟା | : ଦିନଟି ଖୁସିରେ ଖୁସିରେ କଟିବ । |
| ତୁଳା | : ଅର୍ଥଲାଭ ଯୋଗ ରହିଛି । |
| ବିଛା | : ପୁତ୍ରକଷ୍ଟ ଦୂର ହେବ । |
| ଧନୁ | : ଅପମାନିତ ହୋଇପାରନ୍ତି । |
| ମକର | : ଶାରୀରିକ ଅସୁସ୍ଥତା ଦେଖାଦେବ । |
| କୁମ୍ଭ | : ଦିନଟି ଖୁସିରେ କଟିବ । |
| ମୀନ | : ବ୍ୟବସାୟରେ କ୍ଷତିଗ୍ରସ୍ତ ହେବେ । |

# ଅବକାରୀ ବିଭାଗ ପଞ୍ଝାରେ ୨ ନିଶା ବେପାରୀ

**ଜଗତସିଂହପୁର, ୨୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ୨୮ ତାରିଖ ବୁଧବାର ଦିନ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଚଢାଉ କରି ୨ଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ବିଭାଗ ।

ସୂଚନାଯୋଗ୍ୟ ଯେ, ଜଗତସିଂହପୁର ଥାନା ଅନ୍ତର୍ଗତ ସିଂହାରପୁର ଗ୍ରାମରେ ଦୀର୍ଘ ଦିନ ହେବ ବ୍ରାଉନସୁଗାର କାରବାର ଲୁଚାଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତ୍ତି କରି ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ବନ୍ଦନା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ନୂଆପୋଲ ଛକ ନିକଟରେ ଜଗି ରହିଥିଲେ । ଅଭିଯୁକ୍ତ ଜଣଙ୍କ ଗ୍ରାହକଙ୍କୁ ହେରୋଇନ ବିକ୍ରି କରିବା ପାଇଁ ଆସିଥିବା ବେଳେ ପୂର୍ବରୁ ଛକି ରହିଥିବା ଟିମ୍ ତାଙ୍କୁ କାବୁ କରିନେଇଥିଲେ । ଯାଞ୍ଚ ପରେ ତାଙ୍କ ନିକଟରୁ ୨୭ ଗ୍ରାମର ବେଆଇନ ହେରୋଇନ, ଏକ ହିରୋ ସ୍ପ୍ଳେଣ୍ଡର ମଟରସାଇକେଲ ଏବଂ ଏକ ଆଣ୍ଡ୍ରଏଡ ଫୋନ ଜବତ କରାଯାଇଥିଲା । ଯାହାର ଆନୁମାନିକ ମୂଲ୍ୟ ୩,୨୦,୦୦୦ ଟଙ୍କା ହେବ । ଗିରଫ ଅଭିଯୁକ୍ତ ଜଣକ ହେଲେ ସିଂହାରପୁର ଗ୍ରାମର ଅଶୋକ ସିଂଙ୍କ ପୁଅ ଜିତେନ୍ଦ୍ର ସିଂ(୩୮) ।

ସେହିପରି ଅନ୍ୟ ଏକ ଘଟଣାକ୍ରମ ତିର୍ତ୍ତୋଲ ତହସିଲଦାର ମହେଶ୍ୱର ବେହେରାଙ୍କ ଉପସ୍ଥିତରେ ତିର୍ତ୍ତୋଲ ଅବକାରୀ ଥାନାର ସବ୍-ଇନ୍ସପେକ୍ଟର ସ୍ମିତା ପଟ୍ଟନାୟକଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ ତିର୍ତ୍ତୋଲ ଥାନା ଅନ୍ତର୍ଗତ ରଥିପୁର ଛକରେ ଚଢାଉ କରି ୧ କେଜି ୨୦୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ବ୍ୟବସାୟରେ ଜଡିତ ଥିବା ବାଇଁଗୋଲ ଗ୍ରାମର ପଦ୍ମନାଭ ମହାନ୍ତିଙ୍କ ପତ୍ନୀ ରୁନୁ ମହାନ୍ତି(୪୨)ଙ୍କୁ ଗିରଫ କରିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୨,୦୦୦ ଟଙ୍କା ହେବ ।

ବୁଧବାରର ଏହି ଚଢାଉରେ ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାରର ଏଏସ୍ଆଇ ସନ୍ତୋଷ ନାୟକ, ଏଏସ୍ଆଇ ପିନାକୀ ରଞ୍ଜନ ରାଉତରାୟ, କନଷ୍ଟେବଲ ସବିତା ନାୟକ, ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ ଏବଂ ତିର୍ତ୍ତୋଲ ଅବକାରୀ ଥାନାର କନଷ୍ଟେବଲ ସୁମନ୍ତ ମହନ୍ତ, କଲ୍ୟାଣୀ ସେଠୀ ପ୍ରମୁଖ ସାମିଲ ଥିଲେ । ଗିରଫ ଦୁଇ ଅଭିଯୁକ୍ତଙ୍କୁ ଦୁଇଟି ଅଲଗା ଅଲଗା ମାମଲାରେ କୋର୍ଟ ଚାଲାଣ କରାଯାଇଥିବାବେଳେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ନାର୍କୋଟିକ୍ସ ବ୍ୟବସାୟ ବିରୋଧରେ ଚଢାଉକୁ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟସହନଶୀଳ ନୀତିରେ ସମସ୍ତ ଅଭିଯୁକ୍ତଙ୍କୁ ଦମନ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ପ୍ରକାଶ କରିଛନ୍ତି ।

# ପାଣିରେ ବୁଡି ମହିଳା ମୃତ

**ବୈଶିଙ୍ଗା, ୨୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ରଘୁପୁର ପଞ୍ଚାୟତର ଖୁଣ୍ଟା ପୁର ଗ୍ରାମର ଜନୈକା ମହିଳାଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଖୁଣ୍ଟାପୁର ଗ୍ରାମର ବୀରେନ୍ଦ୍ର ମହାନ୍ତଙ୍କ ସ୍ତ୍ରୀ ଜଳି (୩୦) କଳମା ପଞ୍ଚାୟତ ଅଧିନ ବାଲି ଚିଟିରି ଗ୍ରାମର ବାପ ଘରକୁ ଯାଇଥିଲେ । ଅପରାହ୍ନ ପ୍ରାୟ ୫ଟା ସମୟରେ ଗଡିଆକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ଗୋଡ ଖସିଯାଇଥିଲା । ଫଳରେ ପାଣିରେ ବୁଡି ଯାଇଥିଲେ । ୧୫/୨୦ ମିନିଟ ପରେ ପାଣିରେ ବୁଡ଼ି ଯାଇଥିବା ଜାଣି ଖୋଜାଖୋଜି କରି ବାହାର କରି ଉପରକୁ ଆଣି ପେଟକୁ ଚାପି ପାଣି ବାହାର କରିଥିଲେ ମଧ୍ୟ ବଞ୍ଚାଇ ପାରି ନ ଥିଲେ । ସଙ୍ଗେ ସଙ୍ଗେ ବୈଶିଙ୍ଗା ଡାକ୍ତରଖାନା ଆଣିଥିଲେ, ଡାକ୍ତର ମୃତ ଘୋଷଣା କରିଥିଲେ । ଖବର ପାଇ ବୈଶିଙ୍ଗା ପୁଲିସ ଡାକ୍ତରଖାନା ପହଞ୍ଚି ମରଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ମୃତ ଜଳି ମହାନ୍ତଙ୍କର ୧୦ ବର୍ଷର ଏକ ପୁତ୍ର ସନ୍ତାନ ଥିବା ଜଣାଯାଇଛି । ସ୍ୱାମୀ ବୀରେନ୍ଦ୍ର ନିଜେ ସ୍ତ୍ରୀର ମରଶରୀରକୁ ନେଇ ଡାକ୍ତରଖାନା ଆଣିଥିଲେ ।

# ଶ୍ରମିକ ବଦଳରେ ମେସିନ୍ କରୁଛି କାମ



**ଢେଙ୍କାନାଳ, ୨୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକରେ ମନରେଗା କାର୍ଯ୍ୟ ଶ୍ରମିକ ବଦଳରେ ମେସିନ୍ ଦ୍ୱାରା କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି । ଏହାର ଜ୍ୱଳନ୍ତ ଉଦାହରଣ ଅସରଡା ଗ୍ରାମପଞ୍ଚାୟତରେ ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ଅସରଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶିଶୁଗଡା ଠାରୁ ଅସରଡା ସଂଯୋଗ କରୁଥିବା ମାଟି ମୋରମ ରାସ୍ତା ଶ୍ରମିକ କରିବା ପରିବର୍ତ୍ତେ ମେସିନ୍ ଦ୍ୱାରା କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି । ସରକାରଙ୍କ ନିୟମାନୁଯାୟୀ ମନରେଗା ଯୋଜନାରେ ମେସିନରେ କାର୍ଯ୍ୟ କରିବା ପାଇଁ ବାରଣ ଥିଲେ ମଧ୍ୟ ସରକାରଙ୍କ ନିୟମକୁ ଖୁଲମଖୁଲା ଏଠାରେ ଉଲ୍ଲଂଘନ କରାଯାଇ ମେସିନ୍‌ରେ କାର୍ଯ୍ୟ କରାଯାଉଛି । ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାର୍ଯ୍ୟ କରିବା ପୂର୍ବରୁ ସୂଚନା ଫଳକ କରିବା ବିଧେୟ ଥିଲେ ମଧ୍ୟ ଏଠି ତାହା ଦେଖିବାକୁ ମିଳିନାହିଁ। ଏ ସଂପର୍କରେ ଆମେ ଅସରଡା ଗ୍ରାମପଞ୍ଚାୟତ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରେ ସୂଚନା ଫଳକ ନଥିବା ଏବଂ ମେସିନ୍ ରେ କାର୍ଯ୍ୟ କରାଯାଉଥିବା ନେଇ ରାଜି ହୋଇଥିଲେ। ତେବେ ଏସବୁ କାର୍ଯ୍ୟ ପ୍ରଶାସନର ଜାଣତରେ ହେଉଛି ନା ପ୍ରଶାସନ ଅଜାଣତରେ ହେଉଛି ତାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

# ବିନା ଅଧ୍ୟକ୍ଷରେ ଚାଲିଛି କବିସୂର୍ଯ୍ୟନଗର ଏନଏସି ଓ ବ୍ଲକ

**କବିସୂର୍ଯ୍ୟନଗର, ୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**




ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ଭିତରେ ପୂରଣ ହେଇପାରିଲାନି କବିସୂର୍ଯ୍ୟନଗର ଏନଏସି ଓ ବ୍ଲକ ଅଧ୍ୟକ୍ଷ ପଦବୀ । ବିନା ଅଧ୍ୟକ୍ଷରେ ସରି ସରି ଯାଉଛି ବର୍ଷ । ଆଗକୁ ପାଖେଇ ଆସିଲାଣି ନିର୍ବାଚନ । ତଥାପି ଆଶାବାଦୀ ଅଛନ୍ତି ଅଞ୍ଚଳବାସୀ । କିନ୍ତୁ ବ୍ୟବସ୍ଥା ଭିତରେ ଅବ୍ୟବସ୍ଥାକୁ ନେଇ ବଢୁଛି ଅସନ୍ତୋଷ । ଆଉ ନାହିଁ ଗଣତନ୍ତ୍ର । ଅମଲାଙ୍କ ହାତରେ ଓଡିଶାର ଚାବିକାଠି, ଯାହା ପୂର୍ବରୁ ଚାଲିଥିଲା ଏବେ ସମାନ ଢାଞ୍ଚାରେ ଚାଲିଛି ଓଡିଶା ଶାସନ ବ୍ୟବସ୍ଥା । ହେଲେ ଗଣତାନ୍ତ୍ରିକ ବ୍ୟବସ୍ଥା ଭିତରେ ପରାଧୀନ ଭାବେ ଦିନ କାଟୁଛନ୍ତି ଓଡିଶାବାସୀ । ଏକଥା ଆମେ କାହିଁକି କହୁଛୁ ଓଡିଶାରେ ମାଳମାଳ ନିର୍ବାଚିତ ପ୍ରତିନିଧି ପଦବୀ ଖାଲି ପଡ଼ିଛି । ଶାସନ ବ୍ୟବସ୍ଥା ବଦଳିବା ପରେ ନୂଆ ସରକାରରେ ଆତ୍ମବିଶ୍ୱାସ ଓ ମନରେ ଦୁର୍ବଳ ନେତୃତ୍ୱ ପାଇଁ ପୂରଣ ହେଇପାରୁନି ଖାଲି ଥିବା ନିର୍ବାଚିତ ପଦବୀ । ଯାହା ସୂଚନା ରହିଛି ରାଜ୍ୟର ପଞ୍ଚାୟତ ସ୍ତରରେ ୧୧୩୪ଟି ନିର୍ବାଚିତ ପଦ ଖାଲି ପଡିଛି । ସେଥିମଧ୍ୟରୁ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକରେ ଅଧ୍ୟକ୍ଷ ପଦବୀ ଖାଲି ପଡିବା ସହ ବୋରସିଂ ପଞ୍ଚାୟତର ସରପଞ୍ଚ ଗୁଡ଼ିଆଳି ପଞ୍ଚାୟତର ସମିତି ସଭ୍ୟା ପଦବୀ ଖାଲି ପଡିଛି । ସେହିପରି କବିସୂର୍ଯ୍ୟନଗର ବ୍ଲକ ଖଜାପଲ୍ଲୀ ପଞ୍ଚାୟତର ୬ନଂ ଓ ୧୦ ନଂ ୱାର୍ଡ ସଭ୍ୟ ଏବଂ ବୋଲସର ପଞ୍ଚାୟତର ୬ ନଂ ୱାର୍ଡ ସଭ୍ୟ ମଧ୍ୟ ଖାଲି ପଡିଥିବା ଜଣାଯାଇଛି । ଏପରିକି ରାଜ୍ୟରେ ୫ଟି ଜିଲା ପରିଷଦ ସଭ୍ୟ, ୪୧ଟି ପଞ୍ଚାୟତ ସମିତି ସଦସ୍ୟ, ୪୫ଟି ସରପଞ୍ଚ, ୨୭୨ଟି ୱାର୍ଡ ମେମ୍ବର ଖାଲି ପଡ଼ିଥିବା ବେଳେ କୌଣସି କାରଣ ବଶତଃ ୭୭୧ଟି ୱାର୍ଡରେ ମୂଳରୁ ଖାଲି ପଡିଛି । ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ପକ୍ଷରୁ ଉପନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହାକୁ ସ୍ଥଗିତ ରଖାଯାଇଛି । ଏଠାରେ କୁହାଯାଇଛି ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ସରକାର ଦୃଷ୍ଟି ଦେଉନଥିବାରୁ ସମ୍ପୃକ୍ତ ପଦବୀ ପାଇଁ ସରକାରୀ ଅଧିକାରୀ ମାନେ ଶାସନ କରୁଛନ୍ତି । ଯାହା ଫଳରେ ଲୋକେ ନିଜ ଅଧିକାର, ସ୍ୱାଧୀନତା ହରାଇ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି । ସେହିପରି କବିସୂର୍ଯ୍ୟନଗର ଏନ୍ଏସିରେ ଦୀର୍ଘ ୧୧ ମାସ ହେଲା ଅଧ୍ୟକ୍ଷା ପଦବୀ ଖାଲି ପଡିଛି । ଅଧ୍ୟକ୍ଷା ବିହୀନ ଏନଏସିରେ ସବୁ କାମ ବନ୍ଦ ରହିଛି । ରାଜନୈତିକ ଅସ୍ଥିରତା ସାଙ୍ଗକୁ ପଦବୀ ପୂରଣରେ ସରକାରୀ ଅବହେଳା ପାଇଁ ଲୋକଙ୍କ ଅସନ୍ତୋଷ ବଢିବାରେ ଲାଗିଛି । ବର୍ଷ ବର୍ଷ ଧରି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ପଙ୍ଗୁ କରି ଦିଆଯାଇ ବିନା ନିର୍ବାଚିତ ପ୍ରତିନିଧିରେ ଶାସନ ଚାଲିଥିବା ଯୋଗୁ ଗଣତନ୍ତ୍ର ଦେଶରେ ଅମଲା ଶାସନର ଯୁଗ ଚାଲିଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଆଗକୁ ନିର୍ବାଚନ ପାଖେଇ ଆସୁଥିବା ବେଳେ ଆଉ ଉପ ନିର୍ବାଚନ ହେବା ଅସମ୍ଭବ ଥିବା ରାଜନୈତିକ ମହଲରେ କୁହାଯାଉଛି । ସରକାର ପରିବର୍ତ୍ତନ, ରାଜନୈତିକ ଅସ୍ଥିରତା, ସାଙ୍ଗଠନିକ ସ୍ଥିତିରେ ଦୁର୍ବଳତା ଯୋଗୁ ଉପ ନିର୍ବାଚନ ଠାରୁ ସରକାର ଦୁରେଇ ଯାଇଥିବା ଯାହା ଆଲୋଚନା ହେଉଥିଲା ଏବେ ତାହା ପଦାରେ ପଡିଛି ।

# ମୋବାଇଲ ଚୋର ଗିରଫ

**ନିଆଳି, ୨୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ଅଧୀନ ନୂଆ ଗାଁ ପଞ୍ଚାୟତ ଫୁଲନଖରା ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ବାସୁଦେବ ମଣ୍ଡପ ଆଗରେ ନୂଆଗାଁର ଅମୀୟ ରଞ୍ଜନ ବେହେରା ଫୋନରେ କଥା ହେଉଥିବା ବେଳେ ଉକ୍ତ ଥାନା ଅଧିନସ୍ତ ନିଆଳି ତୋଟା ସାହିର ସଂଜୟ ଭୋଇ ଓରଫ ଡୀଙ୍ଗା (୨୩)ଓ ତାହାର ସହଯୋଗୀ ସହିତ ସ୍କୁଟିରେ ଆସି ମୋବାଇଲଟି ଛଡେଇ ନେଇଥିଲା । ଏ ନେଇ ନିଆଳି ଥାନାରେ ଅମୀୟ ଅଭିଯୋଗ କରିବା ପରେ ନିଆଳି ଥାନା ପୋଲିସ ୪୨/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଅଧିକାରୀ ବିଭୁତି କୁମାର ପଣ୍ଡା ଅଭିଯୁକ୍ତ ସଂଜୟ ଭୋଇ ଓରଫ ଡୀଙ୍ଗାକୁ ଗିରଫ କରିଛନ୍ତି । ଏ ନେଇ ନିଆଳି ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି ।

# ହୁଣ୍ଡି ଚୋରି ଅର୍ଥ ଜବତ, ଚୋର ଗିରଫ

**ବ୍ୟାସନଗର, ୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ରୋଡ଼ ଆଦର୍ଶ ଥାନା ପୁଲିସ ବୁଧବାର ଏକ ମନ୍ଦିର ଦାନ ହୁଣ୍ଡି ଭାଙ୍ଗି ଚୋରି ଅଭିଯୋଗରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ ଯାଜପୁର ରୋଡ଼ ଆଦର୍ଶ ଥାନା ଅନ୍ତର୍ଗତ ଚୋରଦା କେଟିଲ ଛକରେ ଥିବା ଜଗତଜନନୀ ମା ତାରିଣୀଙ୍କ ମନ୍ଦିରରୁ ଗତ ୨୩ ତାରିଖରେ ଦୁର୍ବୃତ୍ତ ମନ୍ଦିର ଦାନ ହୁଣ୍ଡି ଭାଙ୍ଗି ନେଇଯାଇଥିଲା । ଏନେଇ ଉକ୍ତ ଦିନ ମନ୍ଦିର ପରିଚାଳନା କମିଟି ସମ୍ପାଦକ ବରିଷ୍ଠ ସାମ୍ବାଦିକ ପବିତ୍ର ରଞ୍ଜନ ମହାନ୍ତି ଯାଜପୁର ରୋଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସିସିଟିଭି ଫୁଟେଜ ଏବଂ ବିଭିନ୍ନ ଆଧାରରେ ପୁଲିସ ମାମଲାର ତଦନ୍ତ କରି ଯାଜପୁର ରୋଡ଼ ଆଦର୍ଶ ଥାନା ଅନ୍ତର୍ଗତ ସୋବରା ଗ୍ରାମର ମହେନ୍ଦ୍ର କରଙ୍କ ପୁଅ ସତ୍ୟନାରାୟଣ କର(୨୧)କୁ ଅଟକ ରଖି ପଚରାଉଚରା କରିବାରୁ ସେ ଏହି ଚୋରିରେ ସମ୍ପୃକ୍ତ ଥିବା ମାନିଯିବା ପରେ ପୁଲିସ ତା' ନିକଟରୁ ଲୁହାର ଭଙ୍ଗା ଦାନ ହୁଣ୍ଡି ଏବଂ ୨୮,୯୦୦ ଜବତ କରିଥିଲା । ବୁଧବାର ପୁଲିସ ଅଭିଯୁକ୍ତ ସତ୍ୟନାରାୟଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଯାଜପୁର ରୋଡ଼ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି ।

# ଓଲଟିଲା ଯାତ୍ରାପାର୍ଟି ଟ୍ରକ୍, ୪ ଗୁରୁତର

**ପାଣିକୋଇଲି, ୨୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁରରେ ଓଲଟିଲା ରାଣୀ ପଣ୍ଡାଙ୍କ ଯାତ୍ରା ପାର୍ଟି ଟ୍ରକ । କୋରେଇରୁ ଯାତ୍ରା ସାରି ଫେରୁଥିବା ଗୋଲେଇପୁର ନିକଟ ନାଟ୍ୟ ମଣ୍ଡପ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି । ଟ୍ରକ୍ ଉପରୁ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ରାସ୍ତାକଡ଼କୁ ଓଲଟି ପଡିଲାଥିଲା ଦୁର୍ଘଟଣାରେ ଏକାଧିକ କଳାକର ଓ ଚାଳକ ଗୁରୁତର ହୋଇଥିବା ସୂଚନା । ସମସ୍ତଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି ।

ସୂଚନାନୁଯାୟୀ, ରାଣୀ ପଣ୍ଡାଙ୍କ ଯାତ୍ରା ପାର୍ଟି ନାଟ୍ୟ ମଣ୍ଡପ ଯାଜପୁରରେ ନିଜ ନାଟ୍ୟ ପ୍ରଦର୍ଶନ କରୁଥିଲା । ସେଠାରୁ ନିଜ ନାଟକ ପରିବେଷଣ ସରିବା ପରେ ପାର୍ଟି ଅନ୍ୟ ସ୍ଥାନକୁ ଯାଉଥିଲା । କୋରେଇରୁ ଯିବା ରାସ୍ତାରେ ଗୋଲେଇପୁର ନିକଟରେ ଟ୍ରକକୁ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡିଥିଲା । ଯାହାଫଳରେ ଗାଡ଼ିରେ ଥିବା ୪ ଜଣ ବ୍ୟକ୍ତି ଗୁରୁତର ହୋଇଛନ୍ତି । ସମସ୍ତ ଆହତଙ୍କୁ ଘଟଣାସ୍ଥଳରୁ ତୁରନ୍ତ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି ।

# ବାଲି ଚୋରାଚାଲାଣ, ସନ୍ଦେହ ଘରରେ ଖଣି ବିଭାଗ

**କଳିଙ୍ଗନଗର, ୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**




ଯାଜପୁର ଜିଲ୍ଲାର ଦାନଗଦି ବ୍ଲକ ଅନ୍ତର୍ଗତ ଖପୁରିଆପଦା ବାଲିଘାଟରେ ଦୀର୍ଘଦିନ ଧରି ଚାଲିଥିବା ଅବୈଧ ବାଲି ଖନନ ଓ ପରିବହନକୁ ନେଇ ଗୁରୁତର ଅଭିଯୋଗ ଓ ସନ୍ଦେହ ଉଠିଛି । ସରକାର ଓ ପ୍ରଶାସନ ପକ୍ଷରୁ ଅବୈଧ ଖନନ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଘୋଷଣା ହେଉଥିଲେ ମଧ୍ୟ ଗ୍ରାଉଣ୍ଡ ଜିରୋରେ ସେହି ଘୋଷଣାର ପ୍ରଭାବ ଦେଖାଯାଉନଥିବା ନେଇ ସାଧାରଣରେ ଅସନ୍ତୋଷ ବଢ଼ିଛି।

ସୂଚନା ଅନୁଯାୟୀ, ଖପୁରିଆପଦା ବାଲିଘାଟର କୌଣସି ସରକାରୀ ନିଲାମ ବା ଲିଜ ନଥିବା ସତ୍ତ୍ୱେ ପ୍ରତ୍ୟେକ ଦିନ ଶହ ଶହ ଟ୍ରିପ୍ ବାଲି ଉଠାଯାଉଥିଲା । ଏହି ବାଲିଘାଟରୁ ପ୍ରାୟ ୨୦୦ରୁ ୩୦୦ ଟ୍ରାକ୍ଟର ବାଲି ଚୋରି ହେଉଥିବା ଅଭିଯୋଗ ରହିଛି । ବାଲି, ମାଟି ଓ ମୋରମ ମାଫିଆଙ୍କ ଉପରେ କୌଣସି ଲଗାମ ନଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସାଧାରଣ ଲୋକ ମଧ୍ୟରେ ଆଲୋଚନା ହେଉଛି । ଏହି ପରିସ୍ଥିତି ମଧ୍ୟରେ ବୁଧବାର ସକାଳୁ କୌଣସି ସୂତ୍ରରୁ ସୂଚନା ପାଇ ଜୁନିୟର ମାଇନିଂ ଅଫିସର ଶେଖର କୁମାର ମଲ୍ଲିକଙ୍କ ନେତୃତ୍ୱରେ ଅଶୋକ କୁମାର ମହାନ୍ତି ଓ ପାଣିକୋଇଲି ଏସ୍‌ପି ଅଫିସରର ପୁଲିସ କର୍ମଚାରୀମାନଙ୍କ ସହଯୋଗରେ ବାଲିଘାଟ ଉପରେ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉରେ ବାଲି ଭର୍ତ୍ତି ୩ଟି ଟ୍ରାକ୍ଟରକୁ ଜବତ କରାଯାଇ ଦାନଗଦି ଫାଣ୍ଡିକୁ ହସ୍ତାନ୍ତର କରାଯାଇଛି । ଜବତ ହୋଇଥିବା ଯାନବାହନମାନଙ୍କ ମଧ୍ୟରୁ ଗୋଟିଏର ଚେସିସ ନମ୍ବର ଟି ୦୫୩୫୯୪୯୨୧ ଥିବାସହ ଟ୍ରାକ୍ଟର ନମ୍ବର ଓଡ଼ି–୩୪–ପି–୧୩୬୪, ଓଡ଼ି–୦୪–ଏଚ–୧୩୪୭ ଓ ଓଡ଼ି–୩୪–ୱାଇ–୪୧୯୫ ବୋଲି ଜଣାପଡ଼ିଛି । ରାଜ୍ୟ ସରକାର ପକ୍ଷରୁ ଅବୈଧ ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାର ବିରୋଧରେ କଡ଼ା ପଦକ୍ଷେପ ନେବା ନିର୍ଦ୍ଦେଶ ଦେଉଛନ୍ତି । ମନ୍ତ୍ରିମଣ୍ଡଳ ଠାରୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ବାଲି ମାଫିଆଙ୍କୁ କଡ଼ା ହାତରେ ଦମନ କରିବା ନେଇ ଘୋଷଣା କରୁଥିଲେ ମଧ୍ୟ ଖପୁରିଆପଦା ବାଲିଘାଟର ଅବସ୍ଥା ଦେଖିଲେ ସେହି ଘୋଷଣା ସହ ବାସ୍ତବତାର ମଧ୍ୟରେ ତାଳମେଳ ନଥିବା ଅଭିଯୋଗ ଉଠୁଛି । ସାଧାରଣ ଲୋକମାନଙ୍କ ମଧ୍ୟରେ ଏହା ନେଇ ପ୍ରଶ୍ନ ଉଠୁଛି– କୌଣସି ଲିଜ ନଥିବା ବାଲିଘାଟରୁ ଏତେଦିନ ଧରି ବାଲି କିପରି ଉଠୁଥିଲା? ଏଥିରେ ବିଭାଗୀୟ ଅଧିକାରୀ ଓ ବାଲି ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ଚର୍ଚ୍ଚା ହେଉଛି । ଏବେ ପ୍ରଶ୍ନ ଉଠୁଛି – ଆଜିର ଏହି କାର୍ଯ୍ୟାନୁଷ୍ଠାନ କେବଳ ଧର୍ମକୁ ଆଖି ଠାର ତ ନୁହେଁ? ନାକି ପ୍ରକୃତରେ ବାଲି ମାଫିଆଙ୍କ ଉପରେ ସ୍ଥାୟୀ ଭାବେ ଲଗାମ ଲଗାଇବାକୁ ପ୍ରଶାସନ ପ୍ରତିବଦ୍ଧ? ଏହା ଆସନ୍ତା ଦିନରେ ସ୍ପଷ୍ଟ ହେବ ।

# ବେଆଇନ ପଥର ବୋଝେଇ ଡମ୍ଫର ଜବତ

**ସୋର, ୨୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ତହସିଲ ଏବଂ ଖଣି ବିଭାଗ ତରଫରୁ ଚଢ଼ାଉ କରାଯାଇ ୨ଟି ବେଆଇନ ପଥର ବୋଝେଇ ଟ୍ରକ ଜବତ କରାଯାଇଛି । ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହଙ୍କ ନେତୃତ୍ୱରେ ଖଣିବିଭାଗ ଏବଂ ପୁଲିସ୍ ସହାୟତାରେ ସୋର ବରଫକଳ ଛକରେ ଓଡି୦୧ଜେ୬୮୯୩ ଏବଂ ଆଙ୍ଗୁଳାଛକରୁ ଓଡ଼ି୦୧ଜେ୧୪୬୨ ଡମ୍ଫର ୨ଟି କୁ କାଗଜପତ୍ର ଯାଞ୍ଚ କରି ବେଆଇନ ପଥରକୁ ଜବତ କରିବା ସହିତ ଡମ୍ଫର ଗୁଡ଼ିକୁ ଥାନାକୁ ହସ୍ତାନ୍ତର କରାଯାଇଛି ।

# ଘରୋଇ ବସ୍ ସଂଘର ବିବାଦ: ଲୋକେ ହନ୍ତସନ୍ତ

**ସୋର, ୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଘରୋଇ ବସ ସଙ୍ଘ ଏବଂ ବାଲେଶ୍ୱର ଘରୋଇ ବସ ସଙ୍ଘ ମଧ୍ୟରେ ବିବାଦ ଉଗ୍ର ରୂପ ଧାରଣ କରିଥିବା ବେଳେ ୮ଜଣଙ୍କୁ ସୋର ପୁଲିସ ଥାନାରେ ଅଟକ ରଖିଛି ।

ସୂଚନା ଅନୁସାରେ ଗତ କିଛିଦିନ ହେବ ବାଲେଶ୍ୱରରେ ସୋରର ଘରୋଇ ବସକୁ ବାଲେଶ୍ୱର ଷ୍ଟାଣ୍ଡରୁ ଯାତ୍ରୀ ଉଠାଇବାକୁ ଦିଆଯାଉ ନ ଥିଲା । ଫଳରେ ବୁଧବାର ଗୁଡ଼ରୁ ବାଲେଶ୍ୱର ଯାଉଥିବା ଜଗନ୍ନାଥ ବସକୁ ସୋରରେ ଅଟକାଇ ଏହାର କର୍ମଚାରୀମାନେ ଜଣେ ସୁପରଭାଇଜରକୁ ବସରେ ବାଲେଶ୍ୱର ନେଇଯାଉଥିବା ବେଳେ ଖବର ପାଇ ସୋର ସଂଘରୁ କିଛି ବ୍ୟକ୍ତି ବିଦୁ ନିକଟରେ ବସକୁ ଅଟକାଇ ସୁପରଭାଇଜରଙ୍କୁ ମୁକୁଳାଇ ଥିଲେ । ଏହି ସମୟରେ ସେଠାରେ ବଚସା ହେବା ସହିତ ଗଣ୍ଡଗୋଳ ହୋଇଥିଲା । ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ବୁଝାସୁଝା କରି ପଠାଇ ଦେଇଥିଲେ । ଜଗନ୍ନାଥ ବସ ବାଲେଶ୍ୱର ଷ୍ଟାଣ୍ଡରେ ପହଞ୍ଚିବା ପରେ ସେଠାରେ ମାଣିକ ବସ ଛାଡିବାକୁ ପ୍ରସ୍ତୁତ ହେଉଥିଲା । ଏହି ସମୟରେ ଜଗନ୍ନାଥ ବସର କର୍ମଚାରୀଙ୍କ ସହିତ ମାଲିକଙ୍କ ପୁଅ ସେଠାରେ ପହଞ୍ଚି ଗଣ୍ଡଗୋଳ ବାବଦରେ ଜାଣି ନ ଥିବା କଣ୍ଡକ୍ଟର ରଘୁନାଥ ସେଠୀଙ୍କୁ ଅତର୍କିତ ଭାବରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏ ବାବଦରେ ସହଦେବଖୁଣ୍ଟା ଥାନାରେ ଅଭିଯୋଗ ହୋଇଥିଲା । କିନ୍ତୁ ରଘୁନାଥଙ୍କୁ ମାଡ଼ ହୋଇଥିବା ଖବର ପାଇ ତାଙ୍କ ଗ୍ରାମବାସୀ ବିଦୁ ନିକଟରେ ଜଗନ୍ନାଥ ବସକୁ ଅଟକାଇ ଥିଲେ । କିନ୍ତୁ ବସରେ ଆକ୍ରମଣ କରିଥିବା କର୍ମଚାରୀମାନେ ନ ଥିବାରୁ ସମସ୍ତଙ୍କୁ ସେଠାକୁ ଆସିବା ପାଇଁ ଅଡ଼ି ବସିଥିଲେ । ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ବସକୁ ଥାନାକୁ ଆଣିବାର ପ୍ରତିଶ୍ରୁତି ଦେଇ ସମସ୍ତଙ୍କୁ ଥାନାକୁ ଡାକିଥିଲେ । ବସକୁ ଥାନାକୁ ନ ଆଣି ଗୁଡ଼ ଅଭିମୁଖେ ନେଇଯିବାରୁ ମେଡିକାଲ ଛକରେ ବସକୁ ଅଟକାଇଥିବା ଲୋକଙ୍କ ସହିତ ପୁଲିସର ଯୁକ୍ତିତର୍କ ହୋଇଥିଲା । ଫଳରେ ପୁଲିସ ଜଗନ୍ନାଥ ବସଟିକୁ ଥାନାକୁ ଆଣିବା ସହିତ ପୁଲିସକୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ରଘୁନାଥଙ୍କ ସମେତ ୮ ଜଣଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡିଛି ।

# ଢେଙ୍କାନାଳରୁ ଲଣ୍ଡନକୁ ରପ୍ତାନି ହେଲା ଷ୍ଟ୍ରବେରୀ

**ଢେଙ୍କାନାଳ, ୨୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଉତ୍ପାଦିତ ସତେଜ ଷ୍ଟ୍ରବେରୀ ଏବେ ବିଶ୍ୱ ବଜାରରେ ନିଜର ପରିଚୟ ସୃଷ୍ଟି କରିବାକୁ ଯାଉଛି । ପ୍ରଥମଥର ପାଇଁ ଢେଙ୍କାନାଳ ଜିଲ୍ଲାରୁ ୫୨ କିଲୋଗ୍ରାମ ସତେଜ ଷ୍ଟ୍ରବେରୀ ଲଣ୍ଡନକୁ ରପ୍ତାନି କରାଯାଇଛି । ଏହି ସଫଳତାର ମଙ୍ଗ ଧରିଛି 'ସପ୍ତଶଯ୍ୟା ଏଗ୍ରୋ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍' କୃଷକ ଉତ୍ପାଦକ ସଙ୍ଗଠନ । ଢେଙ୍କାନାଳ ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପତାକା ଦେଖାଇ ଏହି ରପ୍ତାନିର ଶୁଭାରମ୍ଭ କରି ଏହାକୁ ଜିଲ୍ଲା ପାଇଁ ଏକ ଅସାଧାରଣ ସଫଳତା ଭାବେ ବର୍ଣ୍ଣନା କରିଥିଲେ । ସେ ପାଲାଡିୟମ୍‌ର ପିଏସ୍ଏଫ୍‌ପିଓ ପ୍ରକଳ୍ପର ଭୂମିକାକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏଭଳି କୃଷି ରପ୍ତାନି କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଢେଙ୍କାନାଳର ଉଦ୍ୟାନ କୃଷି ଉପ–ନିର୍ଦ୍ଦେଶକ ଦେବପ୍ରସାଦ ରାଉତରାୟ କୃଷି ସହକାରୀ ଯନ୍ତ୍ରୀ ଆଶୁତୋଷ ବେହେରା ସପ୍ତଶଯ୍ୟା ଏଗ୍ରୋ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ନିର୍ଦ୍ଦେଶକ ସୁଦୀପ୍ତି ରଞ୍ଜନ ବିଶ୍ୱାଳ ଏବଂ ପାଲାଡିୟମ୍‌ର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପ୍ରଥମଥର ପାଇଁ ଆମ ରାଜ୍ୟର ଷ୍ଟ୍ରବେରୀ ସୁଦୂର ଲଣ୍ଡନକୁ ରପ୍ତାନି ହେବା ଓଡ଼ିଶାର କୃଷି ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଏହି ରପ୍ତାନି କେବଳ ବିଦେଶୀ ବଜାରର ଦ୍ୱାର ଉନ୍ମୁକ୍ତ କରିବ ନାହିଁ, ବରଂ ଏହାଦ୍ୱାରା ଚାଷୀମାନେ ସ୍ଥାନୀୟ ବଜାର ତୁଳନାରେ ପ୍ରାୟ ୫୦ ପ୍ରତିଶତ ଅଧିକ ମୂଲ୍ୟ ପାଇବାରେ ସକ୍ଷମ ହେବେ । ରପ୍ତାନି ଯୋଗ୍ୟ ଉଚ୍ଚମାନର ଉଦ୍ୟାନ କୃଷିଜାତ ଦ୍ରବ୍ୟ ଉତ୍ପାଦନ କରିବାରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକର ଏକତା ଓ ଦକ୍ଷତାକୁ ଏହା ପ୍ରମାଣିତ କରିଛି । ଏହି ସଫଳ ରପ୍ତାନି ପଛରେ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ପ୍ରମୁଖ ଭୂମିକା ରହିଛି । ପାଲାଡିୟମ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପିଏସ୍ଏଫ୍‌ପିଓ ପ୍ରକଳ୍ପ ସହିତ ପିଏସ୍ଏଫ୍‌ପିଓ, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର ଏବଂ ଓଡ଼ିଶା ଜୀବିକା ମିଶନର ସହଯୋଗରେ ଚାଷୀମାନେ ଏହି ବିଶ୍ୱସ୍ତରୀୟ ସୁଯୋଗ ପାଇପାରିଛନ୍ତି । ପ୍ରଥମ ଥର ପାଇଁ ଓଡ଼ିଶାର ସତେଜ ଷ୍ଟ୍ରବେରୀ ସମୁଦ୍ର ପାରି ହୋଇ ବିଦେଶ ବଜାରରେ ପହଂଚିବା ଏକ ଐତିହାସିକ ଉପଲବ୍ଧି। ଏହି ସଫଳତା ଦର୍ଶାଉଛି ଯେ ଓଡ଼ିଶାର ଚାଷୀମାନେ ଏବେ ପାରମ୍ପରିକ ଚାଷ ବଦଳରେ ଅଧିକ ଲାଭଜନକ ଉଚ୍ଚମାନର ଫସଲ ଚାଷ କରିବା ସହ ଅନ୍ତର୍ଜାତୀୟ ଗୁଣବତା ଓ ମାନଦଣ୍ଡ ପୂରଣ କରିବାକୁ ସକ୍ଷମ ହେଲେଣି। ଏହି ପଦକ୍ଷେପ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ସୁଦୃଢ଼ କରିବା ସହ ବିଶ୍ୱ ବଜାରରେ ଓଡ଼ିଶାକୁ ଏକ ସଫଳ ରପ୍ତାନିକାରୀ ରାଜ୍ୟ ଭାବେ ପ୍ରତିଷ୍ଠିତ କରିବାରେ ସହାୟକ ହେବ।

ବନ୍ଦ ଡାକରା ସାଧାରଣତଃ ବିରୋଧୀ ଦଳମାନେ ଦେଇଥାନ୍ତି କିମ୍ବା ବିରୋଧୀ ଦଳର ସମର୍ଥନ ଥାଏ ସେଥିରେ । ତେଣୁ ବିରୋଧୀ ଦଳଙ୍କ କଥାକୁ ଯଦି ଶାସକ ଦଳର ଲୋକେ ଗୁରୁତ୍ୱ ଦେଉଥାନ୍ତେ ତା'ହେଲେ ବନ୍ଦର ଆବଶ୍ୟକତା ହିଁ ପଡ଼ନ୍ତା ନାହିଁ । ସବୁ ଫଇସଲା ସେଇ ବିଧାନସଭା କିମ୍ବା ଲୋକସଭା ଭିତରେ ହିଁ ସମାଧାନ ହୋଇଯାଆନ୍ତା। ସରକାର ଯଦି ତାଙ୍କ ଦାୟିତ୍ୱ କ'ଣ ଏହାକୁ ଗୁରୁତ୍ୱ ଦେଉଥାନ୍ତେ ତା'ହେଲେ ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟଙ୍କୁ କାହିଁକି ବୁଝେଇବାକୁ ପଡ଼ନ୍ତା– ସରକାରଙ୍କ ଦାୟିତ୍ୱ କ'ଣ ବୋଲି?

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର ୩୦ ଜାନୁଆରୀ, ୨୦୨୬ ଶୁକ୍ରବାର

# ଓଡ଼ିଶା ଏକ୍ସପ୍ରେସ୍

## 'ବନ୍ଦ୍'ର ପ୍ରଭାବ କ'ଣ?

'ଭାରତ ବନ୍ଦ୍' ହେଉ କି 'ଓଡ଼ିଶା ବନ୍ଦ୍'– ଏହାର ପ୍ରଭାବ ଯେ ସରକାରଙ୍କ ଉପରେ ପଡ଼େ ଏକଥା ନକହିବା ଭଲ । ବନ୍ଦ୍ ସମ୍ପୂର୍ଣ୍ଣ ସଫଳ ହେଲେ ଯେ ସରକାର ଦୋହଲି ଯାଏ ଏବଂ ସରକାର ବିଚଳିତ ହୋଇପଡ଼ନ୍ତି ଏଭଳି ମଧ୍ୟ ଦେଖାଯାଇନି କେବେ । ଦରଦାମ୍ ବୃଦ୍ଧିକୁ ନେଇ ହେଉ କି ପେଟ୍ରୋଲ–ଡିଜେଲ ଦରବୃଦ୍ଧିର ପ୍ରତିବାଦରେ ହେଉ, ଅତୀତରେ ଅନେକ ବନ୍ଦ ଡାକରା ଦିଆଯାଇଛି, ତାହା ସମ୍ପୂର୍ଣ୍ଣ ସଫଳ ମଧ୍ୟ ହୋଇଛି, ହେଲେ ତା'ର ପ୍ରଭାବରେ ଯେ ରାତାରାତି ଦର କମିଯାଇଛି ଏଭଳି ଉଦାହରଣ ବୋଧେ ନାହିଁ ।

ଅତୀତରେ ଅନେକ ହତ୍ୟା ଏବଂ ଦୁଷ୍କର୍ମର ପ୍ରତିବାଦରେ ବନ୍ଦ ଡାକରା ଦିଆଯାଇଛି । ସେସବୁ ମାମଲା ଆଜିବି ଚାଲିଛି । ବନ୍ଦ ପ୍ରଭାବରେ ତାହା ତ୍ୱରିତ ହୋଇନି କି ଦୋଷୀ ତତ୍କାଳ ଦଣ୍ଡ ପାଇନି । ହୁଏତ ପୀଡ଼ିତା ପରିବାର ଏବେବି ନ୍ୟାୟ ଆଶାରେ, ଏଇଭଳି ଅନେକ ମାମଲାରେ ।

ବନ୍ଦ ପ୍ରତିବାଦର ଏକ ମାଧ୍ୟମ । ଏଥିରେ ଅନେକ ଲୋକଙ୍କୁ ସାମିଲ କରାଯାଇପାରେ ସହଜରେ । ଏଥିରେ ସେମାନଙ୍କର ସମର୍ଥ ଥାଉ କି ନଥାଉ । କିଛି ଲୋକଙ୍କ ପାଇଁ ଏହା ଏକ ବିଶ୍ରାମର ଦିନ ପାଲଟିଯାଏ । ଗାଡ଼ି–ମୋଟର ଭଙ୍ଗାରୁଜା ହେବ, ଏ ଦିନର କ୍ଷତିକୁ କୁଆଡ଼େ ବୀମା କମ୍ପାନୀ ଭରଣା କରେନି, ଯଦି ଏହା ଘୋଷିତ ବନ୍ଦ ହୋଇଥାଏ । ତେଣୁ ଲୋକେ ବନ୍ଦ ଦିନମାନଙ୍କରେ ଗାଡ଼ି–ମୋଟର କାଢ଼ିବାକୁ ଚାହୁଁନାହାନ୍ତି । ତେଣୁ ଅନେକ ସମୟରେ ବନ୍ଦ ସଫଳ ମଧ୍ୟ ହୋଇଯାଉଛି ମନକୁ ମନ ।

ଆଉ କିଛି ଲୋକଙ୍କ ପାଇଁ ବନ୍ଦ ଏକ ଅଭିଶାପ ଭଳି । ବ୍ୟବସାୟୀଙ୍କ ପାଇଁ ଏହା କ୍ଷତି ଆଣିଦେଇଥାଏ । ପର୍ଯ୍ୟଟକମାନେ ହଇରାଣ ହରକତ ହୁଅନ୍ତି । କୌଣସି ଜରୁରୀ କାମ ପାଇଁ ବାହାରିଥିବା ବ୍ୟକ୍ତିମାନେ ବସ୍‌ଷ୍ଟାଣ୍ଡ ଏବଂ ଷ୍ଟେସନରେ ଅଟକି ରୁହନ୍ତି । ତେଣୁ ଅନେକେ ବନ୍ଦକୁ ପସନ୍ଦ କରନ୍ତି ନାହିଁ । ସେମାନେ ଜାଣନ୍ତି ବନ୍ଦର କିଛି ପ୍ରଭାବ ନାହିଁ । ବନ୍ଦ ସରକାରଙ୍କୁ ପ୍ରଭାବିତ କରିପାରେ ନାହିଁ ।

ବନ୍ଦ ଡାକରା ସାଧାରଣତଃ ବିରୋଧୀ ଦଳମାନେ ଦେଇଥାନ୍ତି କିମ୍ବା ବିରୋଧୀ ଦଳର ସମର୍ଥନ ଥାଏ ସେଥିରେ । ତେଣୁ ବିରୋଧୀ ଦଳଙ୍କ କଥାକୁ ଯଦି ଶାସକ ଦଳର ଲୋକେ ଗୁରୁତ୍ୱ ଦେଉଥାନ୍ତେ ତା'ହେଲେ ବନ୍ଦର ଆବଶ୍ୟକତା ହିଁ ପଡ଼ନ୍ତା ନାହିଁ । ସବୁ ଫଇସଲା ସେଇ ବିଧାନସଭା କିମ୍ବା ଲୋକସଭା ଭିତରେ ହିଁ ସମାଧାନ ହୋଇଯାଆନ୍ତା। ସରକାର ଯଦି ତାଙ୍କ ଦାୟିତ୍ୱ କ'ଣ ଏହାକୁ ଗୁରୁତ୍ୱ ଦେଉଥାନ୍ତେ ତା'ହେଲେ ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟଙ୍କୁ କାହିଁକି ବୁଝେଇବାକୁ ପଡ଼ନ୍ତା– ସରକାରଙ୍କ ଦାୟିତ୍ୱ କ'ଣ ବୋଲି?

ଲୋକଙ୍କୁ ପାନୀୟ ଜଳ ଯୋଗାଇବା ଦାୟିତ୍ୱ ସରକାରଙ୍କର– ନିକଟରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏକଥା କହିଛନ୍ତି ହାଇକୋର୍ଟଙ୍କ ଏକ ଖଣ୍ଡପୀଠ । ନାଗରିକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ସରକାରଙ୍କ ଦାୟିତ୍ୱ ଏବଂ ଏହା ସାମ୍ବିଧାନିକ କର୍ତ୍ତବ୍ୟ ବୋଲି ହାଇକୋର୍ଟ ବୁଝାଇ ଦେଇଛନ୍ତି । ଠିକ୍ ସେମିତି କିଛିବର୍ଷ ତଳେ ସୁପ୍ରିମ୍‌କୋର୍ଟ କହିଥିଲେ– ଶୀତକାକରରେ କେହି ଯେମିତି ଖୋଲା ଆକାଶ ତଳେ ରାତ୍ରୀଯାପନ ନକରନ୍ତି, ସେଥିପ୍ରତି ରାଜ୍ୟ ସରକାରମାନେ ଯତ୍ନବାନ ହେବା ଦରକାର । ଏକଥା କ'ଣ ରାଜ୍ୟ ସରକାରମାନଙ୍କୁ ଅଜଣା?

ଯେଉଁସବୁ ଦାବି ନେଇ ବନ୍ଦ ଡାକରା ଦିଆଯାଏ ତାହା ଯେ ଯୁକ୍ତିସଙ୍ଗତ ନୁହେଁ ବା ଅମୂଳକ ଏକଥା କହିବା ଭୁଲ୍ ହେବ । କିନ୍ତୁ ସରକାରଙ୍କୁ କ'ଣ ବନ୍ଦ ସଚେତନ କରେଇପାରେ? ଦୋହଲି ଯାଏ ସରକାର??

# ମାର ଯେତେ ଗୁଳି ମାରିବ...



ପ୍ରହ୍ଲାଦ କୁମାର ସିଂହ

'ତୁମେ ମାର କେତେ ବେତ ମାରିବ  
ଦେଶଲାଗି ଆମେ ଜୀବନ ଦେଇଛୁ  
ତୁମେ କି ଆମକୁ ପାରିବ?  
ଆମେ ଡରୁନାହୁଁ ମରଣେ  
ମନ ଦେଇଅଛୁ ବିଭୁ ଚରଣେ।  
ତୁମ ଆମ କଥା ତାଙ୍କ ମିସଲରେ  
ଦିନେ ତ ବିଚାର ହୋଇବ।  
ତୁମେ ଶୁଣିଥିବ କର୍ଣ୍ଣେ କୋରାନ୍  
ଅବା ବେଦ ବାଇବେଲ ପୁରାଣ ।  
ମଦରେ ମୁକତି ଲେଖାଅଛି କାହିଁ  
ଆମକୁ ବୁଝାଇ କହିବ ।'

ଜାତୀୟ କବି ବୀରକିଶୋର ଦାସଙ୍କ ଏହି କାଳଜୟୀ କବିତାର ପଂକ୍ତି ସ୍ୱାଧୀନତା ଆନ୍ଦୋଳନ ସମୟରେ ଅନେକ ସଂଗ୍ରାମୀଙ୍କୁ ଉଦବୁଦ୍ଧ କରିଥିଲା । ଖାଲି ବେତ୍ରାଘାତ ନୁହେଁ ବିଭିନ୍ନ ସ୍ଥାନରେ ଅନେକ ସଂଗ୍ରାମୀ ଭାରତମାତାକୁ ଶୃଙ୍ଖଳମୁକ୍ତ କରିବା ପାଇଁ ବ୍ରିଟିଶ ପୋଲିସର ଗୁଳିଚୋଟ ଆଗରେ ବି ଛାତି ପତାଇ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମର ଏହି ସହିଦ ଓ ସୈନିକମାନଙ୍କର ସେନାପତି ଥିଲେ ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ । ସଂଗ୍ରାମୀମାନଙ୍କ ହାତରେ ସେ ଧରାଇଥିଲେ ତାଙ୍କ ଉଦ୍ଭାବିତ ନୂତନ ଅସ୍ତ୍ର ଯାହାର ନାମ ସତ୍ୟାଗ୍ରହ । ସତ୍ୟାଗ୍ରହ ଅସ୍ତ୍ରଟି ସତର ଧାତୁ ଓ ଅହିଂସାର ଶାଣରେ ନିର୍ମିତ ଏବଂ ଏହାକୁ ଯିଏ ପ୍ରୟୋଗ କରେ ଓ ଯାହା ଉପରେ ପ୍ରୟୋଗ କରାଯାଏ ସେଥିରେ ଉଭୟଙ୍କର ମଙ୍ଗଳ ହିଁ ହୁଏ । ତେବେ ସତ୍ୟ ଓ ଅହିଂସାର ପୂଜାରୀ ବାପୁଙ୍କୁ ବାରମ୍ବାର ମରଣାନ୍ତକ ଆକ୍ରମଣର ସାମ୍ନା କରିବାକୁ ପଡ଼ିଛି । କେବେହେଲେ ସେ ଆକ୍ରମଣକାରୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ପ୍ରତିକ୍ରିୟା କରିନାହାନ୍ତି।

ଦକ୍ଷିଣ ଆଫ୍ରିକାରେ କେଉଁଠି ଗାନ୍ଧୀଜୀଙ୍କୁ ରେଳଗାଡ଼ିରୁ ଠେଲି ବାହାର କରିଦିଆଯାଇଛି ତ ଆଉ କେଉଁଠି ଘୋଡ଼ାଗାଡ଼ିରେ ଅସମ୍ମାନିତ କରାଯାଇଛି । ଏମିତିକି ତାଙ୍କୁ ପଗଡ଼ି ଖୋଲିବାକୁ ବି ବାଧ୍ୟ କରାଯାଇଛି । ଗାନ୍ଧୀଙ୍କୁ ଥରେ ଦକ୍ଷିଣ ଆଫ୍ରିକାରେ ଇଂରେଜମାନେ ଟେକାପଥର ଫିଙ୍ଗି ମାରିଦେବା ପାଇଁ ଉଦ୍ୟମ କରିଥିଲେ । ଆଉଥରେ ମୀର ଆଲାମ ନାମକ ଜଣେ ଭାରତୀୟ ଠେଙ୍ଗାରେ ପିଟି ତାଙ୍କ ମୁଣ୍ଡ ଫଟାଇଥିଲେ । ପୋଲିସର ଚାପ ସତ୍ତ୍ୱେ ଏମାନଙ୍କ ମଧ୍ୟରୁ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗାନ୍ଧୀଜୀ ପୋଲିସ ନିକଟରେ ଅଭିଯୋଗ କରିନାହାନ୍ତି । ତାଙ୍କ ସହ ବିଶ୍ୱାସଘାତକତା କରି ଜେଲରେ ପୂରାଇ ଥିବା ଅତ୍ୟାଚାରୀ ଶାସକ ଜେନେରାଲ ସ୍ମଟସଙ୍କ ବିରୋଧରେ ବିଷୋଦଗାର କରିବା ପରିବର୍ତ୍ତେ ସେ ଜେଲ ରହଣି କାଳରେ ସ୍ମଟସଙ୍କ ପାଇଁ ହଳେ ଚପଲ ନିଜ ହାତରେ ତିଆରି କରି ଭେଟି ଦେଇଥିଲେ । ଏଭଳି ସମୟ ସୁଅର ପ୍ରତିକୂଳରେ ସନ୍ତରଣ କରି ଗାନ୍ଧୀଜୀ ସତ୍ୟାଗ୍ରହର ଆଲୋକରେ ଦୁନିଆକୁ ଉଦ୍ଭାସିତ କରିଛନ୍ତି ।

ଦେଶ ମାତୃକାକୁ ବିଦେଶୀ କବଳରୁ ମୁକ୍ତ କରିବା ପାଇଁ ନିଃସ୍ୱାର୍ଥପର ଭାବେ ସେ ଏକନିଷ୍ଠ ଉଦ୍ୟମ ଚଳାଇଥିବା ବେଳେ ବିକୃତ ବିଚାରର କୁତ୍ସିତ ଷଡ଼ଯନ୍ତ୍ରରେ ମାତିଥିବା କିଛି ଈର୍ଷାପରାୟଣ ବ୍ୟକ୍ତି ତାଙ୍କୁ ମାରିଦେବା ପାଇଁ ବାରମ୍ବାର ଉଦ୍ୟମ କରିଛନ୍ତି ।

ଅସ୍ପୃଶ୍ୟତା ନିବାରଣ ପାଇଁ ଗାନ୍ଧୀଜୀ ଦେଶବ୍ୟାପୀ ଅଭିଯାନ ଚଳାଇବା ସହ ହରିଜନ ସେବକ ସଂଘ ଗଢ଼ିଥିଲେ ଓ କଂଗ୍ରେସ ମଧ୍ୟ ଛାଡ଼ି ଦେଇଥିଲେ । ତାଙ୍କ ହାତଗଢ଼ା ସାବରମତି ଆଶ୍ରମକୁ ତ ହରିଜନ ସେବକ ସଂଘକୁ ଦାନ କରିଦେଇଥିଲେ । ତେବେ ଅସ୍ପୃଶ୍ୟତା ନିବାରଣ ହେଲେ ହିନ୍ଦୁ ଧର୍ମରୁ ଛୁଆଁ ଅଛୁଆଁ ଭେଦଭାବ ଉଠିଯିବ ବୋଲି ଆଶଙ୍କା କରି କିଛି ରଢ଼ିବାଦୀ ଗାନ୍ଧୀଜୀଙ୍କୁ ବିରୋଧ କରୁଥିଲେ । ଲାଲନାଥ ନାମକ ଜଣେ ଗୈରିକ ବସନଧାରୀ ସନାତନୀ ଓଡ଼ିଶା ସମେତ ବିଭିନ୍ନ ସ୍ଥାନରେ ଗାନ୍ଧୀଜୀଙ୍କୁ କଳାପତାକା ଦେଖାଉଥିଲେ । ତେବେ ଏହି କଳାପତାକା ପ୍ରଦର୍ଶନକାରୀଙ୍କ ଉପରେ ଥରେ ଲୋକେ ଆକ୍ରମଣ କରିବା ଘଟଣାରେ ବ୍ୟଥିତ ହୋଇ ପ୍ରାଶ୍ଚିତ କରିବା ପାଇଁ ୬୫ ବର୍ଷ ବୟସରେ ବି ଗାନ୍ଧୀଜୀଙ୍କୁ ସପ୍ତାହେ ବ୍ୟାପୀ ଅନଶନ କରିବାକୁ ପଡ଼ିଥିଲା ।

୧୯୩୪ ଜୁନ ୨୫ ତାରିଖରେ ପୁନେରେ ଗାନ୍ଧୀଜୀଙ୍କୁ ହତ୍ୟା କରିବା ପାଇଁ ବୋମା ଫିଙ୍ଗା ଯାଇଥିଲେ ବି ଗାନ୍ଧୀଜୀ ମରିନଥିଲେ । ୧୯୪୪ ଜୁଲାଇ ମାସରେ ପୁନେ ନିକଟବର୍ତ୍ତୀ ପଞ୍ଚଗନିଠାରେ ଅବସ୍ଥାନ କରୁଥିବା ବେଳେ ତାଙ୍କୁ ଛୁରିଭୁଷି ମାରିବା ପାଇଁ ଆଉ ଏକ ବ୍ୟର୍ଥ ଉଦ୍ୟମ ହୋଇଥିଲା। ଅପରାଧୀମାନଙ୍କୁ ପୋଲିସ ବି ଧରିଥିଲା। ସେମାନଙ୍କ ଭିତରେ ନାଥୁରାମ ଗଡସେ ନାମକ ଜଣେ ଉଦଭ୍ରାନ୍ତ ଯୁବକ ଥିଲେ। ସେ କାହିଁକି ଆକ୍ରମଣ କରିବାକୁ ଚାହୁଁଛନ୍ତି ବୋଲି ଜାଣିବା ପାଇଁ ନାଥୁରାମ ଓ ତାଙ୍କ ସହଯୋଗୀମାନଙ୍କୁ ଆଲୋଚନା ପାଇଁ ଗାନ୍ଧୀଜୀ ଡାକିଥିଲେ ବି ଗାନ୍ଧୀଙ୍କୁ ଭେଟିବା ପାଇଁ ସେମାନଙ୍କର ନୈତିକ ସାହସ ନ ଥିଲା । ସେହିବର୍ଷ ସେପ୍ଟେମ୍ବର ମାସରେ ସେବାଗ୍ରାମ ଆଶ୍ରମ ଭିତରେ ପଶି ଏହ ଗୋଷ୍ଠୀର କିଛି ଲୋକ ଗାନ୍ଧୀଜୀଙ୍କ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ । ସେମାନଙ୍କ ନିକଟରୁ ପୋଲିସ ଅସ୍ତ୍ରଶସ୍ତ୍ର ବି ଜବତ କରିଥିଲା। ତେବେ ଅପରାଧୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ କରିବାକୁ ଗାନ୍ଧୀଜୀ ଅଡ଼ି ବସିଥିଲେ । ୧୯୧୭ରେ ଚମ୍ପାରଣ ସତାଗ୍ରହ ବେଳେ ଜଣେ ଗୋରା ସାହେବ ଗାନ୍ଧୀଜୀଙ୍କୁ ହତ୍ୟା କରିବା ପାଇଁ ସୁପାରି ଦେଇଥିଲେ । ଏହା ଶୁଣି ଡରିବା ପରିବର୍ତ୍ତେ ଗାନ୍ଧୀଜୀ ଏକାକୀ ରାତି ଅଧରେ ସମ୍ପୃକ୍ତ ଗୋରା ସାହେବଙ୍କ ଘରକୁ ଯାଇ ତାଙ୍କୁ ହତ୍ୟା କରିବା ପାଇଁ ସୁଯୋଗ ଦେବାରେ ସେ ହତ୍‌ବଡ଼େଇ ଯାଇଥିଲେ ।

ବମ୍ବେରୁ ପୁନେ ରେଳରେ ଯାଉଥିବାବେଳେ ୧୯୪୬ ଜୁନ ୨୯ ରାତିରେ ଗାନ୍ଧୀଜୀଙ୍କୁ ହତ୍ୟା କରିବା ପାଇଁ ଅନ୍ୟ ଏକ ଷଡ଼ଯନ୍ତ୍ର ହୋଇଥିଲା । ଯଦି ଏହି ଷଡ଼ଯନ୍ତ୍ର ସଫଳ ହୋଇଥାନ୍ତା ତେବେ କେବଳ ଗାନ୍ଧୀଜୀ ନୁହଁନ୍ତି ସେହି ରେଳରେ ଥିବା ଅନ୍ୟ ବହୁ ଯାତ୍ରୀଙ୍କ ଜୀବନ ବି ଚାଲି ଯାଇଥାନ୍ତା। ଏହାପରେ ଏକ ପ୍ରାର୍ଥନା ସଭାରେ ଗାନ୍ଧୀଜୀ କହିଥିଲେ ଏ ପ୍ରକାର ହତ୍ୟା ଉଦ୍ୟମରୁ ସେ ପୂର୍ବରୁ ୭ଥର ବର୍ତ୍ତିଛନ୍ତି । ସେ ଏମିତି ମରିବେ ନାହିଁ କାରଣ ୧୨୫ ବର୍ଷ ବଞ୍ଚି ଦେଶ ତଥା ବିଶ୍ୱର ସେବା କରିବାକୁ ଚାହାଁନ୍ତି । ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ପ୍ରକାଶ କରି ନାଥୁରାମ ଗଡସେ ସେତେବେଳେ ତାଙ୍କ ମରାଠୀ ପତ୍ରିକା 'ଅଗ୍ରଣୀ'ରେ ଲେଖିଥିଲେ, 'କିନ୍ତୁ ତାଙ୍କୁ ଏତେଦିନ କିଏ ବଞ୍ଚିବାକୁ ଦେବ ।' ୧୯୪୮ ଜାନୁଆରୀ ୨୦ ସନ୍ଧ୍ୟାରେ ଗାନ୍ଧୀଜୀ ଦିଲ୍ଲୀର ବିରଳା ଭବନ ପରିସରରେ ପ୍ରାର୍ଥନା ସଭା କରୁଥିବା ବେଳେ ତାଙ୍କୁ ହତ୍ୟା ପାଇଁ ଅନ୍ୟ ଏକ ଉଦ୍ୟମ ହୋଇଥିଲା। ଜଣେ ଆତତାୟୀ ପ୍ରାର୍ଥନା ସଭା ନିକଟରେ ଏକ ଶକ୍ତିଶାଳୀ ବୋମା ଫୁଟାଇଥିଲେ ମଧ୍ୟ ହତ୍ୟା ଷଡ଼ଯନ୍ତ୍ରକାରୀମାନଙ୍କ ଭିତରେ ତାଳମେଳ ଅଭାବରୁ ଏହି ଉଦ୍ୟମ ବିଫଳ ହୋଇଥିଲା। ପରେ ୧୯୪୮ ଜାନୁଆରୀ ୩୦ ଅପରାହ୍ଣ ୫ଟା ୧୭ ମିନିଟରେ ଗାନ୍ଧୀଜୀ ପ୍ରାର୍ଥନା ସଭାକୁ ଯାଉଥିବା ବେଳେ ଆତତାୟୀର ତିନୋଟି ଗୁଳି ଚୋଟରେ ଗାନ୍ଧୀଜୀଙ୍କ ଦେହାନ୍ତ ହେଲା। ସେ 'ହେ ରାମ' କହି ଟଳି ପଡ଼ିଲେ। ସେଠାରେ କାମ କରୁଥିବା ଓଡ଼ିଆ ମାଳି ରଘୁନାଥ ନାୟକ ତତ୍‌କ୍ଷଣାତ ହତାକାରୀକୁ ଧରି ନଥିଲେ ସେ ହୁଏତ ଖସି ଯାଇଥାନ୍ତା ।

ମୃତ୍ୟୁର କିଛିଦିନ ପୂର୍ବରୁ ଗାନ୍ଧୀଜୀ କହିଥିଲେ, 'ମେଁ ଦର୍ଦ ସେ ନେହି ମରୁଙ୍ଗା, ବୁଖାର ସେ ନେହି ମରୁଙ୍ଗା, ମରୁଙ୍ଗା ତୋ ଗୋଲି ଖାକର ହି ମରୁଙ୍ଗା।' ତାଙ୍କ ବାଣୀ ପ୍ରକୃତରେ ସତ ହେଲା। ମୃତ୍ୟୁବେଳକୁ ତାଙ୍କୁ ହୋଇଥିଲା ୭୮ ବର୍ଷ ୩ ମାସ ୧୯ ଦିନ । ତାଙ୍କ ନେତୃତ୍ୱରେ ମିଳିଥିବା ସ୍ୱାଧୀନତା ପ୍ରାପ୍ତିର ୬ ମାସ ନ ପୁରୁଣୁ କୃତଘ୍ନତାର ଶୀର୍ଷକୁ ଯାଇ ଯେଉଁମାନେ ତାଙ୍କୁ ହତ୍ୟା କଲେ, ହତ୍ୟା ଉଦ୍ୟମକୁ ଉତ୍ସାହିତ କଲେ ଏବଂ ଏହି ହତ୍ୟାକାଣ୍ଡକୁ ସମର୍ଥନ କଲେ ସେମାନେ ଏବେ ବି ବୁଝି ପାରୁନାହାନ୍ତି ଗାନ୍ଧୀଜୀଙ୍କ ଅବର୍ତ୍ତମାନରେ ସେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ କେମିତି ଛାଇହୋଇ ରହିଛନ୍ତି। କାରଣ, ଗାନ୍ଧୀଜୀ ସେତେବେଳକୁ ବ୍ୟକ୍ତିରୁ ରୂପାନ୍ତରିତ ହୋଇସାରିଥିଲେ ବିଚାରରେ, ଆଉ ମଣିଷରୁ ପାଲଟି ଯାଇଥିଲେ ମହାତ୍ମା । ତେଣୁ ମୃତ୍ୟୁପରେ ବି ସେ ମୃତ୍ୟୁଞ୍ଜୟୀ। ଗାନ୍ଧୀ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନଙ୍କୁ କ୍ଷମା କରିଦେବା ପାଇଁ ଗାନ୍ଧୀଜୀଙ୍କ ପୁଅମାନେ ନିବେଦନ କରିଥିଲେ ବି ତାହାକୁ ଅଦାଲତ କିମ୍ବା ସରକାର ଗ୍ରହଣ କରିନଥିଲେ ।

ଗାନ୍ଧୀଜୀଙ୍କୁ ୩ଟି ଗୁଳି ମାରି ହତ୍ୟା କରାଯାଇଥିଲା, କିନ୍ତୁ ଏପର୍ଯ୍ୟନ୍ତ ଗାନ୍ଧୀ ବିଚାର ଉପରକୁ ଲକ୍ଷ ଲକ୍ଷ ଗୁଳି ଚାଲିଛି। ଏହା ଗାନ୍ଧୀ ବିଚାରକୁ ହତ୍ୟା କରିପାରୁନାହିଁ । କେବଳ ଗାନ୍ଧୀ ବିରୋଧୀ ନୁହଁନ୍ତି, ଡ. ରାମମନୋହର ଲୋହିଆଙ୍କ ମାନଦଣ୍ଡରେ ଯେଉଁମାନେ ସରକାରୀ ଗାନ୍ଧୀବାଦୀ ଓ ମଠାଧୀଶ ଗାନ୍ଧୀବାଦୀ ସାଜିଛନ୍ତି ସେମାନେ ବି ଗାନ୍ଧୀ ଦର୍ଶନ ଉପରକୁ ଗୁଳି ଚଳାଇ ନିଜ ସ୍ୱାର୍ଥ ସାଧନରେ ବ୍ୟସ୍ତ । ମହାକାଶରେ କୋଟି ସୂର୍ଯ୍ୟର ଜ୍ୟୋତି ନେଇ ଉଦ୍ଭାସିତ ହେଉଥିବା ଏହି ଅମର ଦର୍ଶନ କ'ଣ ଏମାନଙ୍କ ଦ୍ୱାରା ନଷ୍ଟ ହୋଇପାରିବ? ଜାତିସଂଘର ନିଷ୍ପତ୍ତି କ୍ରମେ ସମଗ୍ର ବିଶ୍ୱ ପରା ତାଙ୍କ ଜନ୍ମ ଦିବସ ଅକ୍ଟୋବର ୨କୁ ପାଳିଆସୁଛି ଆନ୍ତର୍ଜାତିକ ଅହିଂସା ଦିବସ ଭାବେ । ଗତ ସହସ୍ରାବ୍ଦୀର ବିଶ୍ୱର ୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରୁ ଗାନ୍ଧୀଜୀ ହେଉଛନ୍ତି ଏକମାତ୍ର ଭାରତୀୟ ଯାହାଙ୍କ ସ୍ଥାନ ୧୭ ନମ୍ବର କ୍ରମାଙ୍କରେ ରହିଛି । ଗାନ୍ଧୀଜୀ ନିଜେ କହିଛନ୍ତି ଯେ ସେ କୌଣସି ବାଦ ସୃଷ୍ଟି କରିନାହାନ୍ତି । ସେ ନିଜକୁ ପ୍ରଥମ ଓ ଶେଷ ଗାନ୍ଧୀବାଦୀ ବୋଲି ମଧ୍ୟ ଘୋଷଣା କରିଛନ୍ତି । ଭାରତବର୍ଷର ସୀମା ସରହଦ ଡେଇଁ ଯେମିତି ଭଗବାନ ବୁଦ୍ଧଙ୍କ ବାଣୀ ବିଶ୍ୱରେ ପରିବ୍ୟାପ୍ତ ହେଲା, ଜେରୁଜେଲମରେ ଯିଶୁଙ୍କ ବାଣୀ ସୀମାବଦ୍ଧ ହୋଇ ରହିଲା ନାହିଁକି ମହମ୍ମଦଙ୍କ ତତ୍ତ୍ୱ ଆରବ ମାଟିରେ ସୀମାବଦ୍ଧ ନ ରହି ପ୍ରସାରିତ ହେଲା, ସେହିପରି ସବୁ ସମସ୍ୟାର ଯେ ଗୋଟିଏ ଉପଚାର– 'ଗାନ୍ଧୀ ବିଚାର' ତାହା ଦିନକୁ ଦିନ ବିଶ୍ୱବାସୀଙ୍କ ବିଶ୍ୱାସକୁ ଦୃଢ଼ୀଭୂତ କରିବାରେ ଲାଗିଛି ।

ମୃତ୍ୟୁ ପୂର୍ବରୁ ଗାନ୍ଧୀଜୀ ଅନେକଥର କହିଛନ୍ତି ଯେ ସେ ଦୁନିଆରୁ ଚାଲିଯିବା ପରେ ତାଙ୍କ କଥା ଓ କାମ କିନ୍ତୁ ବ୍ୟାପକ ହେବ । ସ୍ୱାଧୀନ ଭାରତ ପାଇଁ ସେ ଯେଉଁ ଚିତ୍ର ଆଙ୍କି ଯାଇଥିଲେ ତାହା ଏବେ ବି ଅଧୁରା ରହିଛି । ଗାନ୍ଧୀଜୀ ତାଙ୍କ ସ୍ୱପ୍ନର ଯେଉଁ ରାମ ରାଜ୍ୟ ପରିକଳ୍ପନା କରିଥିଲେ ତାହା କେତେଦୂର ସଫଳ ହୋଇଛି ତାହାର ଅନୁଶୀଳନ କରିବାର ସମୟ ଆସିଛି । ସଶକ୍ତ, ସ୍ୱାବଲମ୍ବୀ ଓ ସର୍ବଧର୍ମ ସମାନତ୍ୱର ମଞ୍ଚ ଭାବେ ଆମ ଦେଶକୁ ଗଢ଼ି ତୋଳିବା ସହ ସ୍ୱଦେଶୀ, ସ୍ୱାଭିମାନ ଓ ସ୍ୱାବଲମ୍ବନର ସ୍ୱାଦ ଦେଶବାସୀ ଏବେ ବି ଚାଖି ପାରୁନାହାନ୍ତି। ଦାରିଦ୍ର୍ୟ, ବେକାରୀ, ଅରାଜକତା, ଅପରାଧ, ନିଶା, ନାରୀ ନିର୍ଯାତନା ଆଦି ଆମ ଦେଶ ବ୍ୟବସ୍ଥା ପ୍ରତି କଳଙ୍କ ହୋଇ ରହିଛି । ଏଥିରୁ ମୁକ୍ତି ପାଇଁ ଆମକୁ ପୁଣି ନିରନ୍ତର ଲଢ଼େଇ ଜାରି ରଖିବାକୁ ପଡ଼ିବ। ତାହାପୁଣି ଗାନ୍ଧୀଜୀଙ୍କ ସେହି ସତ୍ୟ ଓ ଅହିଂସାର ମାର୍ଗରେ। ଏଭଳି ଲଢ଼େଇ ପାଇଁ ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଓ ପରେ ଗାନ୍ଧୀଜୀ ବାରମ୍ବାର ଆହ୍ୱାନ ଦେଇ ଯାଇଛନ୍ତି । ସ୍ୱାଧୀନତା ସଂଗ୍ରାମର ଘୋଷିତ ପ୍ରତିଶ୍ରୁତି ସବୁକୁ ପୂରଣ କରିବା ଲାଗି କାହା ନିକଟରେ ନତମସ୍ତକ ହୋଇ ଗୁହାରି କଲେ କିଛି ଫଳ ମିଳିବ ନାହିଁ । ଏ ପରିପ୍ରେକ୍ଷୀରେ ଓଡ଼ିଶାର ଅନ୍ୟଜଣେ ଜାତୀୟତାବାଦୀ କବି ବାଞ୍ଛାନିଧି ମହାନ୍ତିଙ୍କ ଆହ୍ୱାନ ଆମକୁ ଚେତାଇ ଦେଇ କହୁଛି,

'କହ କେଉଁ ଜାତି ପାଇଛି ମୁକତି  
କରି ହୁରି ହାରି ଗୁହାରି  
କହ ପାଇଛି କେ ସୁଖ  
ଲିଭାଇଛି ଦୁଃଖ  
ମାଗି ମାଗି ପଥ ଭିକାରୀ?'

ମୋ. ୯୪୩୭୦୧୭୩୯୫

# ମାଘ ଶୁକ୍ଳପକ୍ଷ ବରାହ ଦ୍ୱାଦଶୀ

■ଅଲେଖ ଚନ୍ଦ୍ର ସାମଲ■

ମାଘ ଶୁକ୍ଳପକ୍ଷ ଦ୍ୱାଦଶୀ ଭଗବାନ ବିଷ୍ଣୁଙ୍କ ପୂଜା ପାଇଁ ଅତି ଶୁଭ ଅବସର। ଏହି ଦ୍ୱାଦଶୀକୁ ଗୋବିନ୍ଦ ଦ୍ୱାଦଶୀ, ଭୀଷ୍ମ ଦ୍ୱାଦଶୀ ଏବଂ ବରାହ ଦ୍ୱାଦଶୀ ବୋଲି କୁହାଯାଇଥାଏ । ସେହିପରି ମାଘ ମାସ ଶୁକ୍ଳପକ୍ଷ ଏକାଦଶୀକୁ ଭୈମୀ ଏକାଦଶୀ ବା ଜୟା ଏକାଦଶୀ କୁହାଯାଇଥାଏ । ଶ୍ରଦ୍ଧାପୂର୍ବକ ଏହି ଏକାଦଶୀ ବ୍ରତ କଲେ ବ୍ରହ୍ମହତ୍ୟା ଭଳି ପାପରୁ ମୁକ୍ତି ମିଳିଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ଏହି ଏକାଦଶୀ ବ୍ରତ ଦ୍ୱାରା ପିଶାଚ ଯୋନୀରୁ ମଧ୍ୟ ମୁକ୍ତି ମିଳିଥାଏ। ଏହି ଦ୍ୱାଦଶୀ ଦିନ ବ୍ରତ ଧାରଣ କରି ଭଗବାନ ବିଷ୍ଣୁଙ୍କ ପୂଜା କରିବା ଦ୍ୱାରା ନିଃସନ୍ତାନଙ୍କୁ ସନ୍ତାନ ପ୍ରାପ୍ତି ହୋଇଥାଏ । ଲକ୍ଷ୍ମୀ କୃପା ପ୍ରାପ୍ତି ହୁଏ। ଧନଧାନ୍ୟ ଏବଂ ସୁଖ ମିଳିଥାଏ । ସମସ୍ତ ମନୋସ୍କାମନା ପୂରଣ ହେବା ସହ ପାପର ବୋଝ କମ୍ ହୋଇଥାଏ ।

ମାଘ ଶୁକ୍ଳ ଦ୍ୱାଦଶୀର ଅନେକ ପୌରାଣିକ ମହତ୍ତ୍ୱ ରହିଛି । ସତ୍ୟଯୁଗରେ ରାକ୍ଷସ ହିରଣାକ୍ଷ ପୃଥିବୀକୁ ନେଇ ସମୁଦ୍ର ଗର୍ଭରେ ବୁଡ଼ାଇ ଦେଇଥିଲା । ଭଗବାନ ବିଷ୍ଣୁ ବରାହ ରୂପ ଧାରଣ କରି ଏହି ପବିତ୍ର ଦିନରେ ହିଁ ପୃଥିବୀକୁ ଉଦ୍ଧାର କରିଥିଲେ ।

ମହାଭାରତ କାଳରେ ଶରଶଯ୍ୟାରେ ଶୋଇ ରହିଥିବା ପିତାମହ ଭୀଷ୍ମ ମାଘ ଅଷ୍ଟମୀ ତିଥିରେ ଇଚ୍ଛାମୃତ୍ୟୁ ଅନୁଯାୟୀ ପ୍ରାଣ ତ୍ୟାଗ କରିଥିଲେ । ତେବେ ଦ୍ୱାଦଶୀ ଦିନ ହିଁ ତାଙ୍କର ତର୍ପଣ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସେଥିପାଇଁ ଏହାକୁ ଭୀଷ୍ମ ଦ୍ୱାଦଶୀ ମଧ୍ୟ କୁହାଯାଏ । ଏହି ପବିତ୍ର ତିଥିରେ ଭଗବାନ ଲକ୍ଷ୍ମୀନାରାୟଣଙ୍କ ପୂଜା କରିବା ଉଚିତ । ଓଁ ନମଃ ନାରାୟଣାୟ ନମଃ ମନ୍ତ୍ରରେ ଜପ କରିବା ଆବଶ୍ୟକ। ଏହି ଦିନ ସ୍ନାନଦାନ କରିବା ଦ୍ୱାରା ଅଖଣ୍ଡ ପୁଣ୍ୟ ପ୍ରାପ୍ତ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ଓଡ଼ିଆ ଆଧ୍ୟାତ୍ମିକ ଜନଜୀବନ ଓ ଧର୍ମ ବିଶ୍ୱାସର ବରାହ ଦ୍ୱାଦଶୀ ଏକ ପୁଣ୍ୟତମ ଦିବସ। ଏହି ଦିନ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିର ଓ ବିଷ୍ଣୁଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ । ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ । ଏହି ଦିନରେ ଶ୍ରୀଜୀଉଙ୍କ ଦୁର୍ଲ୍ଲଭ ବରାହ ବେଶ ଦର୍ଶନ କରିବାପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଶ୍ରୀକ୍ଷେତ୍ରକୁ ଆଗମନ କରିଥାନ୍ତି ।

ପୂର୍ବତନ ଡିଏଫ୍‌ଓ , ପଳାଇ,  
ବାଲିଚନ୍ଦ୍ରପୁର, ଯାଜପୁର

# ଶ୍ରୀଶ୍ରୀଠାକୁର ନିଗମାନନ୍ଦ ପରମହଂସଙ୍କ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ

ଏହି ପୁରାଣ ପ୍ରସିଦ୍ଧ ଭାରତବର୍ଷ ହେଉଛି ଏକ ଆଧ୍ୟାତ୍ମିକ ଦେଶ । ଏହି ଦେଶର ବୈଶିଷ୍ଟ୍ୟ ହେଉଛି ତା'ର ଆଧ୍ୟାତ୍ମିକତା । ଏହି ଦେଶ ଦେବଭୂମି ନାମରେ ମଧ୍ୟ ବହୁପୁରାଣ ଶାସ୍ତ୍ରମାନରେ ବର୍ଣ୍ଣନା କରାଯାଇଛି । ଏହି ପବିତ୍ର ଦେଶ ହେଉଛି ଜ୍ଞାନର ଗନ୍ତାଘର ଅତୀତରେ ଜ୍ଞାନଲାଭ ନିମିତ୍ତ ବୈଦେଶିକ ଶ୍ରମଣ ସନ୍ନ୍ୟାସୀମାନେ ଏହି ପବିତ୍ର ଦେଶକୁ ଆଗମନ କରି ଜ୍ଞାନଲାଭ କରି ଶତମୁଖରେ ପ୍ରଶଂସା ଗାନ କରି ଏହି ଦେଶର ଗୌରବ ବୃଦ୍ଧି କରିଛନ୍ତି । ଏହି ଦେଶରେ ଯେତେବେଳେ ଧର୍ମ ସଂକଟ ଦେଖା ଦେଇଥାଏ ଠିକ୍ ସେତିକିବେଳେ ସାଧୁସନ୍ଥ ଓ ମହାପୁରୁଷମାନେ ଜନ୍ମଗ୍ରହଣ କରି ଧର୍ମର ସୁରକ୍ଷା ଓ ପ୍ରଚାର ପ୍ରସାର କରିଥାନ୍ତି । ଏହି ପବିତ୍ର ମାଟିରେ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର, ଭଗବାନ ଶ୍ରୀକୃଷ୍ଣ, ଭଗବାନ ବୁଦ୍ଧଦେବ, ସ୍ୱାମୀ ରାମକୃଷ୍ଣ ପରମହଂସ ଦେବ, ସ୍ୱାମୀ ବିବେକାନନ୍ଦ ପ୍ରମୁଖ ଜନ୍ମଗ୍ରହଣ କରି ସନାତନ ଧର୍ମର ସୁରକ୍ଷା, ପ୍ରଚାର ଓ ପ୍ରସାର କରିବା ସଙ୍ଗେସଙ୍ଗେ ନିଜର ଜ୍ଞାନାଲୋକରେ ସମଗ୍ର ଭାରତବର୍ଷକୁ ଆଲୋକିତ କରିଥିଲେ । ଠିକ୍ ସେହିପରି ଶ୍ରୀଶ୍ରୀଠାକୁର ନିଗମାନନ୍ଦ ପରମହଂସ ଦେବ ଦେଶର ଘଡ଼ିସନ୍ଧି ମୁହୂର୍ତ୍ତରେ ଆବିର୍ଭାବ ହୋଇ ଦିବ୍ୟ ଆଲୋକରେ ଏହି ଦେଶକୁ ଉଦ୍ଭାସିତ କରିଛନ୍ତି । ସେ ହେଉଛନ୍ତି ଜଣେ ସଦ୍‌ଗୁରୁ ଏବଂ ଭଗବାନଙ୍କର ମୂର୍ତ୍ତି ବିଗ୍ରହ । ସେ ବିଶାଳ ବିଶ୍ୱର ସମସ୍ତଙ୍କର ଗୁରୁ । ସେ ଏକ ଓ ଅଦ୍ୱିତୀୟ, ନିତ୍ୟ ବିଦ୍ୟମାନ। ସେ ହେଉଛନ୍ତି ଆମର ମୁକ୍ତିଦାତା । ସେ କହିଛନ୍ତି 'ଯେଉଁମାନେ ମୋତେ ଆତ୍ମସମର୍ପଣ କରିଛନ୍ତି ସେମାନେ ମୁକ୍ତ ନହେବା ପର୍ଯ୍ୟନ୍ତ ମୁଁ ମଧ୍ୟ ମୁକ୍ତ ହେବ ନାହିଁ।' ସେ ଆହୁରି ମଧ୍ୟ କହିଛନ୍ତି ଅନ୍ତିମ କାଳରେ ମୁଁ ନିଜେ ଉପସ୍ଥିତ ରହି ତୁମ୍ଭକୁ ଗନ୍ତବ୍ୟସ୍ଥଳକୁ ନେଇଯିବ । 'ପରକାଳ ଓ ପରଲୋକର ଭାର ମୋ' ଉପରେ ନ୍ୟସ୍ତ ମୋ ନିର୍ଦ୍ଦେଶିତ କର୍ମ କରିଯାଅ ।' ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ଦେବ ସମଗ୍ର ବିଶ୍ୱର ଅଦ୍ୱିତୀୟ ଗୁରୁ ।

ଆମ ଦେଶ ଏକ ଗୁରୁପରମ୍ପରାର ଦେଶ ଏକ ଗୁରୁବାଦର ଦେଶ । ବହୁଆଦିମ କାଳରୁ ଏହି ଦେଶରେ ଗୁରୁଦେବଙ୍କ ପୂଜାର୍ଚ୍ଚନା ପ୍ରଚଳିତ ହୋଇଆସୁଅଛି । ମାତ୍ର ଜଣେ ସଦ୍‌ଗୁରୁଙ୍କ ପୂଜାର ଫଳ ତେତିଶ କୋଟି ଦେବଦେବୀଙ୍କ ପୂଜାର ଫଳ ସହିତ, ସମାନ ବୋଲି ଆମ ଶାସ୍ତ୍ରପୁରାଣଗୁଡ଼ିକରେ ଉଲ୍ଲେଖ ରହିଛି । ଏହି ଜଗତରେ ଗୁରୁଙ୍କୁ ସର୍ବଶ୍ରେଷ୍ଠ ଭାବରେ ଗ୍ରହଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି । ଶ୍ରୀଗୁରୁଦେବଙ୍କ ଅପେକ୍ଷା ଶ୍ରେଷ୍ଠ ଆଦେଶ ଓ ଲକ୍ଷ୍ୟ ଆଉ କିଛି ନାହିଁ । ଗୁରୁସେବା ଦ୍ୱାରା ସମସ୍ତ ଦୁର୍ଲ୍ଲଭ ବସ୍ତୁ ଲାଭ ହୋଇଥାଏ । ଗୁରୁ ଅର୍ଥ ଯାହାଙ୍କଠାରୁ କେହି ଆଉ ବଡ଼ ନାହାନ୍ତି । ଗୁରୁ ବିନା ଏ ସଂସାରରେ ଗତିମୁକ୍ତି ସମ୍ଭବ ନୁହେଁ । ଶ୍ରୀଶ୍ରୀଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ ପ୍ରାଣପ୍ରିୟ ଅନୁଷ୍ଠାନ ହେଉଛି ଭକ୍ତ ସମ୍ମିଳନୀ । ପୁରୀ ନୀଳାଚଳ ସାରସ୍ୱତ ସଂଘ କେନ୍ଦ୍ର ଆସନ ମନ୍ଦିର ବୀରତୁଙ୍ଗ ତତ୍ତ୍ୱାବଧାନରେ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ ପ୍ରାଣପ୍ରିୟ ଅନୁଷ୍ଠାନ ହେଉଛି ଭକ୍ତ ସମ୍ମିଳନୀ । ପୁରୀ ନୀଳାଚଳ ସାରସ୍ୱତ ସଂଘ କେନ୍ଦ୍ର ଆସନ ମନ୍ଦିର ବୀରତୁଙ୍ଗ ତତ୍ତ୍ୱାବଧାନରେ ଶ୍ରୀଶ୍ରୀ ଠାକୁର ପରମହଂସ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପ୍ରବର୍ତ୍ତିତ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ଦିନରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିପୁଳ ଆନନ୍ଦ ଉଲ୍ଲାସର ସହିତ ଅନୁଷ୍ଠିତ ହୋଇଆସୁଅଛି । ଭକ୍ତ ଉକ୍ତ ସମ୍ମିଳନୀରେ ବିଭିନ୍ନ ସ୍ଥାନରୁ ହଜାର ହଜାର ସଂଖ୍ୟାର ଶିଷ୍ୟ ଭକ୍ତମାନଙ୍କର ସମାଗମ ହୋଇଥାଏ । ସର୍ବପ୍ରଥମେ ୧୯୧୬ ମସିହା ଡିସେମ୍ବର ମାସ ୨୭ ତାରିଖ ଦିନ ଆସାମର କୋକିଳାମୁଖ ସାରସ୍ୱତ ମଠ ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ନିଗମାନନ୍ଦଙ୍କ ଭକ୍ତ ସମ୍ମିଳନୀ ବିପୁଳ ଆନନ୍ଦ ଉଲ୍ଲାସ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଶ୍ରୀଶ୍ରୀ ଠାକୁର ମହାରାଜା ତାଙ୍କ ଶିଷ୍ୟ ଭକ୍ତମାନଙ୍କ ମଧ୍ୟରେ ଆଦର୍ଶ ଗୃହସ୍ଥ ଜୀବନ ପଠନ ସଂଘ ଶକ୍ତିର ପ୍ରତିଷ୍ଠା ଓ ଭାବ ବିନିମୟ ନିମିତ୍ତ ଏହି ସମ୍ମିଳନୀର ପ୍ରବର୍ତ୍ତନ କରିଛନ୍ତି । ଏହି ଭକ୍ତ ସମ୍ମିଳନୀ ବିଷୟରେ ଶ୍ରୀଶ୍ରୀଠାକୁର କହିଛନ୍ତି ମୋର ଅନ୍ତରଙ୍ଗ ପ୍ରିୟ ଭକ୍ତମାନେ ଜାଣନ୍ତି ଯେ, ମୁଁ ପ୍ରତିବର୍ଷ ବଡ଼ଦିନ ଛୁଟିରେ ଗୋଟିଏ ଗୋଟିଏ ସ୍ଥାନରେ ଭକ୍ତ ସମ୍ମିଳନୀ ଦେଖିବାକୁ ଚାହେଁ । ଏହାଦ୍ୱାରା ମଠର ଗୌରବ ପ୍ରତିଷ୍ଠା ଓ ଜଗତର ମଙ୍ଗଳ ହେବ ।'

ଭକ୍ତମାନଙ୍କ ମଧ୍ୟରେ ଆନନ୍ଦଲାଭ କରିବା ପାଇଁ ହିଁ ଏହି ସମ୍ମିଳନୀ ପ୍ରତିଷ୍ଠା କରାଯାଇଛି । ଶିଷ୍ୟ ଭକ୍ତମାନଙ୍କୁ ଲକ୍ଷ୍ୟ କରି ଶ୍ରୀଶ୍ରୀ ଠାକୁର କହିଛନ୍ତି ସମ୍ମିଳନୀକୁ ଆସିବା ନିମିତ୍ତ କାହାକୁ ମୁଁ ଡାକିନାହିଁ, କାହାକୁ ଅନୁରୋଧ କରିନାହିଁ । ତୁମେମାନେ କେତେ ବାଧାବିଘ୍ନ ଅତିକ୍ରମ କରି ଏହି ସମ୍ମିଳନୀକୁ ଆସିଛ । ତୁମେମାନେ କଷ୍ଟକୁ କଷ୍ଟ ବୋଲି ଗ୍ରହଣ କରିନାହଁ । ଏହାକୁ ଯେ ଆସିବାକୁ ହେବ ସେଥିପାଇଁ ଧରାବନ୍ଧା ନିୟମ ମଧ୍ୟ ନାହିଁ । ତଥାପି ତୁମେମାନେ ପ୍ରାଣର ଆକର୍ଷଣରେ ଏହି ସମ୍ମିଳନୀକୁ ଆସ'। ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସଂଘଶକ୍ତିର ପ୍ରତିଷ୍ଠା ଓ ଭାବ ବିନିମୟ ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଶ୍ରୀଶ୍ରୀ ଠାକୁର କହିଛନ୍ତି ଆଦର୍ଶ ଗୃହସ୍ଥ ହେବାକୁ ହେଲେ ପ୍ରଥମେ ନିଜ ସଂସ୍କାର ପ୍ରତି ଦୃଷ୍ଟି ଦେବାକୁ ହେବ । ପରିବାରର ଯେ କର୍ତ୍ତା ସେ ନିଜେ ଆଦର୍ଶ ହେବା ନିହାତି ଜରୁରୀ । ସ୍ତ୍ରୀ, ପୁତ୍ର ପରିବାର ସମ୍ବନ୍ଧରେ ପ୍ରତ୍ୟେକ ପୁରୁଷ ଦୃଢ଼ ହେବା ଦରକାର । ତୁମ୍ଭେମାନେ ଆଦର୍ଶ ଗୃହସ୍ଥ ହୁଅ । ଏହାହିଁ ମୋର କାମନା ।' ଶ୍ରୀଶ୍ରୀଠାକୁର ଜଗତ୍‌ବାସୀଙ୍କ ନିମିତ୍ତ ଅମୃତଭାଣ୍ଡ ବହନ କରି ଆଣିଛନ୍ତି । ସେହି ଅମୃତ ପାନ କରିବାକୁ ହେଲେ ତାଙ୍କ ଶ୍ରୀଚରଣ ତଳେ ସମବେତ ହୋଇ ତାଙ୍କରି କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିବାକୁ ପଡ଼ିବ ।



## ଜିଜ୍ଞାସା

ନିରଞ୍ଜନ ଶତପଥୀ



ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ସର୍ବପ୍ରଥମେ ୧୯୪୭ ମସିହାରେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଆଙ୍କୋଲିଠାରେ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ମାତ୍ର ୬୦ଜଣ ଶିଷ୍ୟ ଭକ୍ତ ଯୋଗଦାନ କରିଥିଲେ । ସେହିଦିନଠାରୁ ଏପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଆସୁଛି । ଶିଷ୍ୟ ଭକ୍ତମାନଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ ପିତୃଦତ୍ତ ନାମ ଥିଲା ନଳିନୀକାନ୍ତ । ସେ ୧୨୮୬ ସାଲ ପବିତ୍ର ଝୁଲଣ ପୂର୍ଣ୍ଣିମା ତିଥିରେ ନଦିଆ ଜିଲ୍ଲାର ମେହେରପୁର ସଦର ମହକୁମା ଅନ୍ତର୍ଗତ କୁତବପୁର ଗ୍ରାମକୁ ମୁଖରିତ କରି ମାତୃଗର୍ଭରୁ ଭୂମି ସ୍ପର୍ଶ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଭୁବନ ମୋହନ ଭଟ୍ଟାଚାର୍ଯ୍ୟ । ସେ ଥିଲେ ଜଣେ ନୈଷ୍ଠିକ ବ୍ରାହ୍ମଣ । ସେ ଭାସ୍କରାନନ୍ଦ ସ୍ୱାମୀଙ୍କର ଜଣେ ପ୍ରିୟ ଶିଷ୍ୟ ଭାବରେ ପରିଚିତ ଥିଲେ । ନଳିନୀକାନ୍ତଙ୍କ ମାତାଙ୍କ ନାମ ଥିଲା ମାଣିକ୍ୟ ସୁନ୍ଦରୀ ଦେବୀ । ସେ ରାଧାକାନ୍ତପୁର ଗ୍ରାମର ତ୍ରୈଲୋକ୍ୟନାଥ ଚକ୍ରବର୍ତ୍ତୀଙ୍କର କନ୍ୟା ଥିଲେ ।

ନଳିନୀକାନ୍ତ ପିଲାଦିନେ ଅତ୍ୟନ୍ତ ଦୁଷ୍ଟ ପ୍ରକୃତିର ଥିଲେ । ନଳିନୀକାନ୍ତ ନିଜ ଗ୍ରାମ କୁତବପୁରରେ ପ୍ରଥମେ ବିଦ୍ୟାଶିକ୍ଷା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ମେହେରପୁର ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇ ଅଧ୍ୟୟନ କଲେ । ନଳିନୀକାନ୍ତ ମାତୃକାଳୟଠାରେ ଅବସ୍ଥାନ କରୁଥିବା ସମୟରେ ତାଙ୍କର ମାତୃ ବିୟୋଗ ଘଟିଥିଲା । ଦୁଃଖରେ ମର୍ମାହତ ହୋଇ ମାଆଙ୍କୁ ଫେରିପାଇବା ପାଇଁ ସେ ଜଗତଜନନୀଙ୍କ ନିକଟରେ ପ୍ରାର୍ଥନା କଲେ । ଏହାହିଁ ଥିଲା ତାଙ୍କ ସାଧନାର ପ୍ରଥମ ସୋପାନ । ଉଚ୍ଚ ଶିକ୍ଷା ପାଇଁ ଢାକା ଯାତ୍ରା କଲେ । ନଳିନୀକାନ୍ତ ସବୁ ସମୟରେ ଚିନ୍ତିତ ଥିବାର ଲକ୍ଷ୍ୟ କରି ୧୮ ବର୍ଷ ବୟସରେ ହାଲି ସହରସ୍ଥ ବୈଦ୍ୟନାଥ ମୁଖୋପାଧ୍ୟାୟଙ୍କ ୧୩ ବର୍ଷର କନ୍ୟା ସୁଧାଂଶୁବାଳାଙ୍କ ସହିତ ପିତା ବିବାହ କରାଇଥିଲେ । ନଳିନୀକାନ୍ତ ଓଭରସିୟର ପାସ କରି କିଛିଦିନ ଗ୍ରାମ୍ୟ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ସେହି ସମୟରେ ତରଣୀ ସେନ ବଧ ନାଟକ ଓ ସୁଧାଂଶୁବାଳା ନାମକ ଉପନ୍ୟାସ ରଚନା କରିଥିଲେ। ପରେ ଦିନାଜପୁର ଜିଲ୍ଲା କୋର୍ଟରେ ଓଭରସିୟର ଭାବେ କାର୍ଯ୍ୟ କରି ପରେ ଶ୍ରୀକୃଷ୍ଣ ପ୍ରଗଣାବାସୀଙ୍କ ଦାନ୍ତିଆ ପ୍ରଗଣାସ୍ଥିତ ଜମିଦାରୀର ସୁପରଭାଇଜର ଭାବେ କାର୍ଯ୍ୟ କଲେ । ଦିନେ ରାତ୍ର ସମୟରେ ସୁଧାଂଶୁବାଳାଙ୍କ ଛାୟା ମୂର୍ତ୍ତି ଦର୍ଶନ କରି ଚିନ୍ତା କରି କର୍ତ୍ତବ୍ୟପଥରେ ଆଗେଇ ଚାଲିଥିଲେ । ତାଙ୍କର ଅସୁସ୍ଥ ବାର୍ତ୍ତା ପାଇବା ପରେ ସେ ଆଉ ଇହଜଗତରେ ନାହାନ୍ତି ବୋଲି ନିଶ୍ଚିତ ହେଲେ । ବାରମ୍ବାର ତାଙ୍କର ଛାୟାମୂର୍ତ୍ତି ଦର୍ଶନ କରିବା ଫଳରେ ପରଲୋକତତ୍ତ୍ୱ ସମ୍ପର୍କରେ ଗବେଷଣା ଆରମ୍ଭ କଲେ । ବହୁ ସାଧୁସନ୍ଥ ଓ ସନ୍ନ୍ୟାସୀଙ୍କ ସହିତ ଆଲୋଚନା କରି ବିଫଳ ହେଲେ । ତାଙ୍କର ଅନୁସନ୍ଧାନ ଓ ଅନ୍ୱେଷଣ ଲାଗି ରହିଲା । ଶେଷରେ ନାରାୟଣପୁର ଗ୍ରାମରେ ଶୟନ କରିବା ସମୟରେ ସ୍ୱପ୍ନରେ ଜନୈକ ମହାପୁରୁଷ ଆବିର୍ଭାବ ହୋଇ ବିଲ୍ୱପତ୍ରରେ ରକ୍ତ ଚନ୍ଦନରେ ଲିଖିତ ଏକାକ୍ଷରୀ ମନ୍ତ୍ର ପ୍ରଦାନ କରି ଅନ୍ତର୍ଧାନ ହୋଇଗଲେ । ପରେ ସ୍ୱପ୍ନରେ ଜଣେ ବୃଦ୍ଧ ବ୍ରାହ୍ମଣ ତାରାପୀଠର ବାମାକ୍ଷେପା । ତାଙ୍କର ଗୁରୁ ବୋଲି ସୂଚାଇ ଦେବାରୁ ସେ ତାଙ୍କ ନିକଟକୁ ଯାଇ ତାଙ୍କୁ ତାନ୍ତ୍ରିକ ଗୁରୁ ଭାବରେ ଗ୍ରହଣ କରି ସାଧନ କୌଶଳମାନ ଶିକ୍ଷାଲାଭ କଲେ । ଏହାପରେ ସ୍ୱାମୀ ପରମହଂସ ସଚ୍ଚିଦାନନ୍ଦ ସରସ୍ୱତୀ ଦେବଙ୍କୁ ଜ୍ଞାନୀଗୁରୁ ଭାବରେ ଗ୍ରହଣ କରି ଜ୍ଞାନ ସାଧନରେ ରତ ହେଲେ । ସାଧନାରେ ସିଦ୍ଧି ଲାଭ ପରେ ଯୋଗୀ ଗୁରୁ ଅନୁସନ୍ଧାନ କରି ସ୍ୱାମୀ ସୁମେରୁ ଦାସଜୀଙ୍କୁ ଯୋଗୀଗୁରୁ ଭାବେ ଗ୍ରହଣ କରି ଯୋଗସାଧନ କୌଶଳ ଶିକ୍ଷାଲାଭ କଲେ । ଏହାପରେ ଗୌରୀ ମାଆଙ୍କୁ ସାକ୍ଷାତ କରି ପ୍ରେମିକ ଗୁରୁ ଭାବରେ ଗ୍ରହଣ କରି ତାଙ୍କଠାରୁ ପ୍ରେମ ଶିକ୍ଷା ଗ୍ରହଣ କରିଥିଲେ । ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ଦେବ ନିଗମର ନିଗୁଢ଼ ତତ୍ତ୍ୱକୁ ଆୟ କରିଥିବାରୁ ନଳିନୀକାନ୍ତଙ୍କୁ ନିଗମାନନ୍ଦ ନାମରେ ନାମିତ କରିଥିଲେ ।

ନିଗମାନନ୍ଦ କାମାକ୍ଷା ପାହାଡ଼ ଉପରେ ଉପଦେଶନ କରି ନିର୍ବିକଳ୍ପ ସମାଧୀରୁ ପ୍ରତ୍ୟାବର୍ତ୍ତନ କରି ଗୁରୁଭାର ଗ୍ରହଣ କରିଥିଲେ । ହେଲେ ଜଗତର ଗୁରୁ । ପ୍ରୟାଗଠାରେ ଅନୁଷ୍ଠିତ କୁମ୍ଭମେଳାରେ ଉପସ୍ଥିତ ସାଧୁସନ୍ଥମାନଙ୍କ ଅନୁମୋଦନ କ୍ରମେ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ନିଗମାନନ୍ଦଙ୍କୁ ପରମହଂସ ଉପାଧିରେ ଭୂଷିତ କରାଇଥିଲେ । ସେ ତାଙ୍କର ଶାଖାର ସରସ୍ୱତୀ ସମ୍ପ୍ରଦାୟଭୁକ୍ତ ହେବାରୁ ତାଙ୍କର ସରସ୍ୱତୀ ଉପାଧି ରହିଲା । ଗୁରୁଦେବଙ୍କ ଆଦେଶରେ ସେ ପରିବ୍ରାଜକ ହୋଇ ବିଭିନ୍ନ ଗ୍ରାମ ଓ ନଗରମ ଭ୍ରମଣ କରି ତତ୍ତ୍ୱଜ୍ଞାନ ପରିପକ୍ୱ କଲେ । ସେପରି ବ୍ରାଜକାଚାର୍ଯ୍ୟ ପରମହଂସ ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ ଭାବରେ ପରିଚିତ ହେଲେ । ସେ ଜଗତ୍‌ରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିବା ନିମନ୍ତେ ଯୋଗୀଗୁରୁ, ଜ୍ଞାନୀଗୁରୁ, ତାନ୍ତ୍ରିକ ଗୁରୁ, ପ୍ରେମିକ ଗୁରୁ ଓ ବ୍ରହ୍ମଚର୍ଯ୍ୟ ସାଧନ ଆଦି ଆଧ୍ୟାତ୍ମିକ ପୁସ୍ତକ ରଚନା କରିଥିଲେ । ସେ ପୁରୀ ସ୍ୱର୍ଗଦ୍ୱାରଠାରେ ନୀଳାଚଳ କୁଟୀର ନିର୍ମାଣ କରି ଦୀର୍ଘ ୧୨ ବର୍ଷ କାଳ ଅବସ୍ଥାନ କରିଥିଲେ । ସେ ଯେତେବେଳେ ଲୋକାଳୟକୁ ଆଗମନ କରିଥିଲେ ସେତେବେଳେ ତାଙ୍କଠାରେ ଅଲୌକିକ ଶକ୍ତି ପ୍ରକାଶ ପାଇଥିଲା । ତାଙ୍କର ସେହି ଅଲୌକିକ ଶକ୍ତି ବଳରେ ଅନେକ ଅସାଧ ରୋଗୀ ରୋଗମୁକ୍ତ ହୋଇଥିଲେ । ଅନେକ ନିର୍ଦ୍ଧନ ଧନ ଲାଭ କରିବାର ସୁଯୋଗ ପାଇଲେ ଓ ଅନେକ ନିଃସନ୍ତାନ ଲୋକ ସନ୍ତାନ ଲାଭ କଲେ । ଯୋଗୀଗୁରୁ ସୁମେରୁ ଦାସଜୀ ଅବଗତ ହେବା ପରେ ଏହା ନ କରି ଭବରୋଗ ଦୂର କରିବାକୁ କହିଲେ । ସେ ନୀଳାଚଳ କୁଟୀରରେ ଅବସ୍ଥାନ କାଳରେ ୧୯୩୪ ମସିହା ଝୁଲଣ ପୂର୍ଣ୍ଣିମା ତିଥିରେ ପୁରୀଠାରେ ନୀଳାଚଳ ସାରସ୍ୱତ ସଂଘ ପ୍ରତିଷ୍ଠା କରିଥିଲେ । ଏହି ନୀଳାଚଳ ସାରସ୍ୱତ ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଶାଖା ସଂଘ ଆସନ ମନ୍ଦିର ଆନୁକୂଲ୍ୟରେ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହେଉଅଛି । ଗତବର୍ଷ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ କୁଜଙ୍ଗଠାରେ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ମହାସମାରୋହ ତଥା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଦୀର୍ଘ ତିନିଦିନ ବ୍ୟାପି ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ତଥା ଓଡ଼ିଶା ବାହାରୁ ହଜାର ହଜାର ଭକ୍ତମାନଙ୍କର ସମାବେଶ ଘଟିଥିଲା । ଚଳିତ ବର୍ଷ କେନ୍ଦ୍ରଆସନ ମନ୍ଦିର ବୀରତୁଙ୍ଗ ସନ୍ନିକଟ ଏରବଙ୍ଗଠାରେ ଆସନ୍ତାକାଲି ଅର୍ଥାତ୍ ଜାନୁଆରୀ ୩୧ ତାରିଖ ଠାରୁ ଫେବୃଆରୀ ମାସ ୨ ତାରିଖ ଦୀର୍ଘ ତିନିଦିନ ବ୍ୟାପି ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହେବ । ଏହି ସମ୍ମିଳନୀରେ ବହୁ ସାଧୁସନ୍ଥ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଆମ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାର ଶିଷ୍ୟ ଭକ୍ତ ଯୋଗଦେବେ । ଏଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ।

କୁରୁଣ୍ଡି, ରାଜନଗର, କେନ୍ଦ୍ରାପଡ଼ା  
ମୋ. ୮୯୧୭୨୧୩୦୭୩

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ






୧୯୪୮ ମସିହା ଜାନୁଆରୀ ୩୦ ତାରିଖ । ସେଦିନ ସନ୍ଧ୍ୟାରେ ସର୍ବଭାରତୀୟ ଆକାଶବାଣୀ ମାଧ୍ୟମରେ ପଣ୍ଡିତ ଜବାହାରଲାଲ ନେହରୁ ଶୋକାକୁଳ ଦେଶବାସୀଙ୍କୁ କହିଥିଲେ– 'ବନ୍ଧୁଗଣ ! ଆଲୁଅ ଲିଭିଗଲା । ପୁଣି କହିଥିଲେ ଏବେ ସର୍ବତ୍ର ଅନ୍ଧାର । ମୁଁ ବୁଝିପାରୁନାହିଁ ଯେ ମୁଁ ଏକଥା ତୁମମାନଙ୍କୁ କେମିତି ବୁଝାଇବି ଓ କହିବି । ଆମର ପ୍ରିୟନେତା ବାପୁ, ଆମ ଜାତିର ପିତା ଆଉ ଆମ ଗହଣରେ ନାହାନ୍ତି । ଆମେ ଆଜିଯାଏ ତାଙ୍କୁ ଯେପରି ଆମ ଗହଣରେ ପାଉଥିଲେ ଆଉ ପାଇବା ନାହିଁ... ଏହା ଆମ ପାଇଁ ଏକ ସାଂଘାତିକ ଧକ୍କା– ଖାଲି ମୋ ପାଇଁ ନୁହେଁ, କୋଟି କୋଟି ଭାରତୀୟମାନଙ୍କ ପାଇଁ ମଧ୍ୟ । ଏତେବଡ଼ ଆଘାତକୁ ମୁଁ କ'ଣ କହି ଓ କିପରି ଭାବେ ବୁଝାଇ ସାନ୍ତ୍ୱନା ଦେବି, ବୁଝିପାରୁନାହିଁ ।'

# ବିସ୍ମୟର ନାଁ ଗାନ୍ଧୀ

● ହିମାଂଶୁ ଶେଖର ଆଚାର୍ଯ୍ୟ



ଗାନ୍ଧିଜୀଙ୍କ ମୃତ୍ୟୁ ଥିଲା ବିଂଶ ଶତାବ୍ଦୀର ସବୁଠାରୁ ମର୍ମନ୍ତୁଦ ଓ ଦୁଃଖଦାୟକ ଘଟଣା । ସାରା ବିଶ୍ୱସ୍ତବ୍ଧ ହୋଇଗଲା । ଏକ ଆତତାୟୀର ଗୁଳିରେ ଟଳିପଡ଼ିଲେ ସତ୍ୟ ଓ ଅହିଂସାର ପୂଜାରୀ, ଶାନ୍ତିର ଦେବଦୂତ, ଜାତିର ପିତା ମହାମାନବ ମହାତ୍ମା ଗାନ୍ଧୀ । ଇତିମଧ୍ୟରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନର ୬୬ବର୍ଷ ବିତିଯାଇଛି । ଆଜି ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଗାନ୍ଧିଙ୍କ ଜୀବନଦର୍ଶନର ପ୍ରାସଙ୍ଗିକତା କେତେ ଅଛି ତାହା ଚିନ୍ତା କରିବାର ସମୟ ଆସିଛି ।

ମୋହନ ଦାସ କରମଚାନ୍ଦ ଗାନ୍ଧୀରୁ ମହାତ୍ମା ଗାନ୍ଧୀ– ୧୮୬୯ ମସିହା ଅକ୍ଟୋବର ମାସ ୨ ତାରିଖରୁ ୧୯୪୮ ମସିହା ଜାନୁଆରୀ ୩୦ ତାରିଖ । ଏହାହିଁ ଥିଲା ଦୀର୍ଘ ୭୯ ବର୍ଷର ଜୀବନ ଯାତ୍ରା । ଅନେକ ଘାତ-ପ୍ରତିଘାତ, ସଂଘାତ ଓ ସଂଘର୍ଷର ଅକୁହା କାହାଣୀ । ମାନବ ସମାଜର କଲ୍ୟାଣ ପାଇଁ ସତ୍ୟ ଓ ଅହିଂସାର ବାଣୀକୁ ପ୍ରଚାର କରି ସେ ଆଜି ଅବିସ୍ମରଣୀୟ ହୋଇପାରିଛନ୍ତି । ହିଂସା ପରିବର୍ତ୍ତେ ଅହିଂସା, ମିଥ୍ୟା ପରିବର୍ତ୍ତେ ସତ୍ୟ, ଛଳନା ପରିବର୍ତ୍ତେ ନୈତିକତା ହିଁ ଥିଲା ଗାନ୍ଧୀ ଦର୍ଶନର ମୂଳମନ୍ତ୍ର । ବୋଧହୁଏ ବୁଦ୍ଧ ଓ ଯିଶୁଙ୍କ ପରେ ମହାତ୍ମା ଗାନ୍ଧୀ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏ ସମଗ୍ର ବିଶ୍ୱର ଜନଜୀବନରେ ଗଭୀର ପ୍ରଭାବ ସୃଷ୍ଟି କରିପାରିଥିଲେ ।

ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ସମକାଳୀନ ବିଶ୍ୱରେ ଥିଲା ବିରଳ । ସତ୍ୟ ଓ ଅହିଂସା ଥିଲା ତାଙ୍କର ଅମୋଘ ଅସ୍ତ୍ର । ୧୮୯୩ ମସିହାରୁ ୧୯୧୪ ମସିହା ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାରେ ରହଣି ମଧ୍ୟରେ ଗାନ୍ଧିଜୀ ସେଠାକାର ଗୋରା ସରକାରଙ୍କ ବିରୋଧରେ ଯେଉଁ ଅମୋଘ ଅସ୍ତ୍ର ପ୍ରୟୋଗ କରିଥିଲେ ତାହା ତାହା ସତ୍ୟାଗ୍ରହ ନାମରେ ପରିଚିତ । ଅହିଂସା ଆନ୍ଦୋଳନକୁ ଜାରି ରଖି ଦକ୍ଷିଣ ଆଫ୍ରିକାର ଜନସାଧାରଣମାନଙ୍କ ଅଧିକାର, ସମାନତା ଓ କଳାଗୋରା ଭେଦଭାବର ପରିସମାପ୍ତି ଘଟାଇଥିଲେ । ୧୯୧୫ ମସିହାରେ ଗାନ୍ଧିଜୀ ଭାରତକୁ ଫେରିଆସିଲେ । ସେ ଶାନ୍ତିର ଦେବଦୂତ ହୋଇଆସିଥିଲେ । ଭାରତୀୟ ମୁକ୍ତି ସଂଗ୍ରାମକୁ ଏକ ନୂଆ ମୋଡ଼ ଦେଇ ସେ ତା'ର ମଙ୍ଗୁଆଳ ସାଜିଥିଲେ । ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନ, ୧୯୩୦ରେ ଲବଣ ସତ୍ୟାଗ୍ରହ ଓ ଶେଷରେ ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନର ଫଳସ୍ୱରୂପ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତବର୍ଷ ପରାଧୀନତା ଶୃଙ୍ଖଳରୁ ମୁକ୍ତ ହେଲା । ପରାକ୍ରମୀ ଇଂରେଜ ସରକାର ତାଙ୍କ ପାଖରେ ପରାଜୟ ସ୍ୱୀକାର କଲେ । ଏହାଥିଲା ସେହି ମହାମାନବଙ୍କ ଐକାନ୍ତିକ ନିଷ୍ଠା ଓ ନିରବଚ୍ଛିନ୍ନ ସାଧନାର ଫଳ । ସେଥିପାଇଁ ସେ ମହାମାନବର ଆସନରେ ଆସୀନ । ଗାନ୍ଧିଜୀଙ୍କ ବିଷୟରେ କାନ୍ତକବି ଲେଖିଛନ୍ତି–

'ହେ ମୋହନ ! କି ମୋହନ<br>
ମନ୍ତ୍ର ଦେଲ ଚାଳି<br>
ଭାରତର ବକ୍ଷେ ଦେଲ<br>
ଅଗ୍ନିଶିଖା ଜାଳି<br>
ଜଗାଇଲ କୋଟି କୋଟି<br>
ପ୍ରାଣେ ଉଦ୍ଦୀପନା<br>
ଖେଳିଗଲା ସାରାଦେଶେ<br>
ତଦପ୍ତ ଉନ୍ମାଦନା ।'

ଭାରତରେ ରାମରାଜ୍ୟ ଗଢ଼ିବାର ଯେଉଁ ସ୍ୱପ୍ନ ଗାନ୍ଧିଜୀ ଦେଖିଥିଲେ, ତାହା ଅଧୁରା ରହିଗଲା । ତାଙ୍କର ଘଟଣାବହୁଳ ଜୀବନର ଅନ୍ତ ହେଲା ଆତତାୟୀର ଗୁଳିମାଡ଼ରେ । ତାଙ୍କର ଇଚ୍ଛା ଥିଲା ସେ ୧୨୫ ବର୍ଷ ବଞ୍ଚି ଦେଶବାସୀଙ୍କ ପାଇଁ ସେବା କରିବେ । ତାହା ପୂରଣ ହେଲା ନାହିଁ । ବାକି ରହିଗଲା ୪୬ ବର୍ଷ । ଗାନ୍ଧିଙ୍କ ଇଚ୍ଛା ଇଚ୍ଛାରେ ହିଁ ରହିଗଲା । ୧୯୪୮ ଜାନୁଆରୀ ୩୦ ତାରିଖ ସନ୍ଧ୍ୟା ତାଙ୍କ ପାଇଁ ଥିଲା ଶେଷ ସନ୍ଧ୍ୟା । ନାଥୁରାମର ତିନୋଟି ଗୁଳି ନେଇଗଲା ବାପୁଙ୍କ ପ୍ରାଣ । ସମୟ ଥିଲା ସନ୍ଧ୍ୟା ଠିକ୍ ପାଞ୍ଚଟା ସତର ମିନିଟ୍ । ପ୍ରଥମ ଗୁଳିଟି ଗାନ୍ଧୀଙ୍କ ପାକସ୍ଥଳୀବିଦ୍ଧ କରିଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଗୁଳି ବିଦ୍ଧ କଲା କୋଟି କୋଟି ଜନତା ପାଇଁ ଦରଦ ଭରିରହିଥିବା ଛାତିକୁ । ପରଦିନ ସାଢ଼େ ଏଗାରଟା, ଶୋଭାଯାତ୍ରା ବାହାରିଲା । ବାପୁଙ୍କ ଡାହାଣପଟେ ତାଙ୍କ ପୁଅ ରାମ ଦାସ ଓ ବାମପଟେ ଦେବ ଦାସ । ଦେବ ଦାସ ବାପୁଙ୍କ ଶରୀରରେ ଚନ୍ଦନକାଠ ସଜାଡ଼ିଲେ । ରାମ ଦାସ ଦେଲେ ମୁଖାଗ୍ନି । ପଞ୍ଚଭୂତରେ ଲୀନ ହୋଇଗଲା ପାର୍ଥିବ ଶରୀର । ମାତ୍ର ମୁକ୍ତିର ଯେଉଁ ଅଭିନବ ଆଲୋକ ସେ ଦେଖାଇ ଦେଇଯାଇଛନ୍ତି ତାହା ଯୁଗ ଯୁଗ ଧରି ଅନ୍ୟକୁ ଆଲୋକିତ କରୁଥିବ । ବିଶିଷ୍ଟ ବୈଜ୍ଞାନିକ ଆଇନଷ୍ଟାଇନ୍ଙ୍କ ମତରେ– 'ଭବିଷ୍ୟତ ବଂଶଧରମାନେ ହୁଏତ ବିଶ୍ୱାସ କରିବେ ନାହିଁ ଯେ, ଏପରି ଜଣେ ମଣିଷ ରକ୍ତମାଂସର ଦେହଧରି ପୃଥିବୀ ପୃଷ୍ଠରେ ବିରଣ କରୁଥିଲେ ।



ପ୍ରତ୍ୟେକ କାର୍ଯ୍ୟରେ ପ୍ରତି ମୁହୂର୍ତ୍ତରେ ଗାନ୍ଧୀ ହିଁ ଥିଲେ ମଣିଷ ଜାତିର ବିସ୍ମୟ ! ଗାନ୍ଧୀ ଦର୍ଶନ ଆଜି ସାରା ପୃଥିବୀରେ ଆଦୃତ ହୋଇଛି । ତାଙ୍କ ମତରେ ସବୁ ସମସ୍ୟା ସମାଧାନର ଚାବିକାଠି ସତ୍ୟ ଓ ଅହିଂସା । ସତ୍ୟ ହିଁ ସବୁଠାରୁ ସ୍ୱଳ୍ପ ଓ ବିନା ସମ୍ବଳରେ ହାସଲ କରାଯାଇପାରେ । ସତ୍ୟ ହିଁ ଈଶ୍ୱର ଓ ଶ୍ରମ ହେଉଛି ତାହାର ଉପାସନା । ସତ୍ୟ ନିକଟରେ ପହଞ୍ଚିବା ଅର୍ଥ ଈଶ୍ୱରଙ୍କ ନିକଟରେ ପହଞ୍ଚିବା ।



ସତ୍ୟର ନିକଟତର ହେବାର ମାର୍ଗ ହେଉଛି ଅହିଂସା । ଗାନ୍ଧୀଙ୍କ ଆଦର୍ଶ ଓ ଦୃଷ୍ଟିକୋଣକୁ ନେଇ ଆମ ଦେଶ ସ୍ୱାଧୀନ ହେବାର ୨୦ବର୍ଷ ପରେ ଏସିଆ ଓ ଆଫ୍ରିକାର ବହୁ ପରାଧୀନ ଦେଶ ଶାନ୍ତିପୂର୍ଣ୍ଣ ଉପାୟରେ ସ୍ୱାଧୀନତା ଲାଭ କରିବାରେ ସଫଳ ହେଲେ । ଅନ୍ୟ ଏକ ଦିଗରୁ ବିଚାରକଲେ ଆନ୍ନା ଅନଶନ ବେଶ୍ କିଛିଦିନ ପରେ ପ୍ରମାଣ କରିଛି ଯେ 'ଗାନ୍ଧିବାଦ'ର ପ୍ରୟୋଗ ଯେକୌଣସି ସ୍ଥିତିରେ କରାଯାଇ ଆଖିଦୃଶିଆ ସଫଳତା ଅଣାଯାଇପାରେ । କେବଳ ସ୍ୱାଧୀନତା ସଂଗ୍ରାମ ନୁହେଁ, ଧର୍ମନିରପେକ୍ଷତାର ଏକ ନିଛକ ପ୍ରତିଛବି ଥିଲେ ମହାତ୍ମା ଗାନ୍ଧୀ । କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମର ଗଣ୍ଡି ଭିତରେ ବାନ୍ଧି ହୋଇନଥିଲେ ସେ । ସର୍ବଧର୍ମ ସମନ୍ୱୟ ଥିଲା ତାଙ୍କ ଜୀବନର ମୂଳବ୍ରତ । ସେଥିପାଇଁ ତାଙ୍କ ପ୍ରାର୍ଥନା ସଭାରେ ସବୁ ଧର୍ମର ସାର କଥା ଆଲୋଚିତ ହେଉଥିଲା । ସେ କହୁଥିଲେ ଆମେ ସମସ୍ତେ ପରମପିତାଙ୍କ ସନ୍ତାନ– ମାତ୍ର ଭିନ୍ନ ଭିନ୍ନ ଭାବରେ ତାଙ୍କୁ ଉପାସନା କରୁଛୁ ।

ଦେଶକୁ ପ୍ରଗତି ପଥରେ ନେବାକୁ ଗାନ୍ଧିଜୀ ଚାହୁଁଥିଲେ । ସେ ଥିଲେ ଦରିଦ୍ର, ନିଷ୍ପେଷିତ, ଅବହେଳିତ ଜନତାର ଆଶା ଓ ଆକାଂକ୍ଷାର ପ୍ରତୀକ । ଗାନ୍ଧୀ ଆଧୁନିକ ମଣିଷର ଉପଭୋଗ ପାଗଳାମୀରେ ବିବ୍ରତ ହୋଇପଡ଼ିଥିଲେ । ସେଥିପାଇଁ ସେ ମୌଳିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇ କହିଥିଲେ– ଏଥିରେ ସବୁ ରଚନାତ୍ମକ କାର୍ଯ୍ୟକ୍ରମକୁ ବ୍ୟବହାରିକ ରୂପ ଦେବାର ଚାବିକାଠି ରହିଛି । ନିଶା ନିବାରଣ ଉପରେ ମଧ୍ୟ ଗାନ୍ଧୀ ସର୍ବଦା ଗୁରୁତ୍ୱ ଦେଉଥିଲେ । ତାଙ୍କ ମତରେ ନିଶା ସେବନ ମଣିଷକୁ ବିପଥଗାମୀ କରିବା ସଙ୍ଗେ ସଙ୍ଗେ ତା'ର ଆର୍ଥିକ ଉନ୍ନତିରେ ଅନ୍ତରାୟ ହୋଇଥାଏ । ସ୍ୱାଧୀନତାର ୬୬ ବର୍ଷ ପରେ ବି କୌଣସି ରାଜ୍ୟ ସଂପୂର୍ଣ୍ଣ ନିଶାମୁକ୍ତ ହୋଇପାରିଲା ନାହିଁ । ନାରୀ ଶିକ୍ଷା ଓ ନାରୀ ଜାଗରଣ ଉପରେ ଗାନ୍ଧିଜୀ ସର୍ବଦା ଗୁରୁତ୍ୱ ଦେଉଥିଲେ । ତାଙ୍କର ସ୍ୱପ୍ନର ଭାରତରେ ମହିଳାମାନଙ୍କୁ ପୁରୁଷମାନଙ୍କ ସହିତ ସମାନ ମର୍ଯ୍ୟାଦା ଦେବା ପାଇଁ ସେ ମଧ୍ୟ କହିଥିଲେ । ଆଜି ଭାରତରେ ନାରୀମାନେ ସବୁଠାରୁ ଅସୁରକ୍ଷିତ ବୋଲି କୁହାଯାଉଛି । ଦିଲ୍ଲୀଠାରୁ ଆରମ୍ଭ କରି ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଏକ କଥା– ସବୁଠି ନାରୀ ନିର୍ଯାତନା, ଅତ୍ୟାଚାର ଓ ଗଣଦୁଷ୍କର୍ମର କରୁଣ ସ୍ୱର । ନିକଟରେ ୬୫ତମ ସାଧାରଣତନ୍ତ୍ର ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଏସବୁ ସତ୍ତ୍ୱେ ଦୁର୍ନୀତି, ଭ୍ରଷ୍ଟାଚାର, ସାଂପ୍ରଦାୟିକତା, ଜାତିବାଦ ତଥା ଅପରାଧୀକରଣ ଆମ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି । ବିଶ୍ୱର ବହୁ ଦେଶରେ ଗାନ୍ଧିବାଦର ଅଭ୍ୟୁଦୟ ହୋଇଥିବା ବେଳେ ଆମ ଦେଶ ଗାନ୍ଧୀ ଦର୍ଶନ ଠାରୁ ଦୂରେଇ ଯାଉଥିବାର ଲକ୍ଷ୍ୟ କରାଯାଉଛି ।

ତାଙ୍କ ରାମ ରାଜ୍ୟ ସ୍ୱପ୍ନ ଏବେବି ଅଧୁରା । ଦରିଦ୍ର– ନିଷ୍ପେଷିତ ଜନତା ଆଖିରୁ ଏବେବି ଲୁହ ଶୁଖିନି । ନାରୀମାନଙ୍କ କଥା କହିଲେ ନସରେ । ଦୁର୍ନୀତି ଓ ଭ୍ରଷ୍ଟାଚାର କଥା ଆହୁରି ତଦ୍ରୂପ । ଏସବୁ ଦେଖି ସେ କିଭଳି ବ୍ୟଥିତ ହେଉଥିବେ ସେ କଥା ଚିନ୍ତା କରିବାର ଅଛି । ଏକଥାକୁ ହୃଦୟଙ୍ଗମ କରି ତାଙ୍କ ବିଚାରକୁ କିଛି ପରିମାଣରେ କାର୍ଯ୍ୟକାରୀ କରିପାରିଲେ ତାହା ହେବ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି । କେବଳ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସୀମିତ ନରହୁ ପୂଜ୍ୟପୂଜାର ଏ ପରମ୍ପରା ।

ମୋ. ୯୯୩୭୧୫୧୦୫୨



# ଗଡ୍‌ସେଙ୍କ କିଲର୍ କାର୍




୧୯୪୮ ମସିହା ଜାନୁଆରୀ ୩୦ ତାରିଖରେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଆତତାୟୀ ନାଥରାମ ଗଡ୍‌ସେର ଗୁଳିରେ ପ୍ରାଣ ହରାଇଲେ । ଘଟଣାକୁ ୬୬ ବର୍ଷ ହୋଇଗଲାଣି । ଗାନ୍ଧୀଙ୍କ ପରେ ନାଥୁରାମ ଗଡ୍‌ସେ ମଧ୍ୟ ଦୁନିଆରୁ ବିଦାୟ ନେଇଛି । କିନ୍ତୁ ତା'ର ଆଉ ଏକ ସହଯୋଗୀ ଆଜି ବି ଦର୍ପରେ ଦିଲ୍ଲୀ ରାଜରାସ୍ତାରେ ଚାଲୁଛି । ନା' ତା'ର କିଲର । ସେ ୧୯୩୦ ମସିହାରେ ତିଆରି ହୋଇଥିବା ଷ୍ଟୁଡି ବେକର୍ ଡିକ୍ଟେଟର କାର୍ ଏହା ।



ଏହି ଭିଣ୍ଟେଜ୍ କାର୍ ଆଜି ଅଛି ନୂଆଦିଲ୍ଲୀର ପୁରୁଣା କାର୍ ସଂଗ୍ରାହକ ପରଭେଜ୍ ଜମାଲ ସିଦ୍ଦିକିଙ୍କ ପାଖରେ । ତାଙ୍କ ପାଖରେ ଥିବା ସଂଖ୍ୟାଧିକ ଭିଣ୍ଟେଜ୍ କାର୍ ମଧ୍ୟରୁ ଏହି କାର୍‌ଟି ଅନ୍ୟତମ । ପୁରୁଣା ହେବା ସହ ଐତିହାସିକ ମାନ୍ୟତା ଥିବା ଯୋଗୁ କିନ୍ତୁ ତାଙ୍କ ପାଇଁ ଏହି କିଲର ଖୁବ୍ ମୂଲ୍ୟବାନ ।

ଗାନ୍ଧିଜୀଙ୍କୁ ଗୁଳିକରି ହତ୍ୟା କରିବା ଦିନ ସନ୍ଧ୍ୟାରେ ନାଥୁରାମ ଗଡ୍‌ସେ ଏହି କାର୍ ଚଢ଼ି ଯାଇଥିଲା ବିର୍ଲା ହାଉସ୍‌କୁ । ସେଠାରେ ପ୍ରାର୍ଥନା ସଭାରେ ଯୋଗଦେବା ପାଇଁ ସମବେତ ଜନତାଙ୍କ ମଧ୍ୟରେ ସାମିଲ ହୋଇଥିଲା ସେ । ୧୯୭୮ ମସିହାରେ ଏକ ନିଲାମୀ ଅବସରରେ 'କିଲର୍' ପହଞ୍ଚିଥିଲା ବନାରସ୍‌ର ଜଣେ ଆଙ୍ଗ୍ଲୋ ଇଣ୍ଡିଆନ୍ ଉଦ୍ୟୋଗପତିଙ୍କ ପାଖରେ । ଏହାପରେ ବରେଲୀର କମାଲ୍ କରିମ୍ ନାମକ ଜଣେ ପୁରୁଣା କାର୍ ସଂଗ୍ରାହକ ଏହାକୁ କିଣିଥିଲେ । ୧୯୯୯ରେ ଏକ ନିଲାମୀରେ ପରଭେଜ୍ ଏହି କାର୍‌ଟିକୁ କିଣିଥିଲେ । କିଣିବା ବେଳେ କାର୍‌ର ସିଟ୍ ସଢ଼ି ଯାଇଥିଲା, ଇଞ୍ଜିନ୍ ବି କାମ କରୁନଥିଲା । କିନ୍ତୁ ଏଥିସହ ଦେଶର କିଛି ଇତିହାସ ଜଡ଼ିତ ଥିବାରୁ ଅନେକ ଲୋକ ଏହାକୁ କିଣିବାକୁ ଚାହିଁଥିଲେ । କିନ୍ତୁ ଏହା ପରଭେଜ୍‌ଙ୍କ ପାଖକୁ ଆସିଲା । ଏହି କିଲର୍ ପାଇଁ କେତେଗୁଡ଼ିଏ ଫିଲ୍ମର ଅଫର୍ ମଧ୍ୟ ମିଳିଛି ପରଭେଜ୍‌ଙ୍କୁ । ମାତ୍ର କାଳେ କାର୍ ନଷ୍ଟ ହେବ, ସେ ଭୟରେ ପରଭେଜ୍ ଗାଡ଼ି କାହା ହାତକୁ ଦେବାକୁ ଚାହାନ୍ତି ନାହିଁ ।




## ବାପୁଙ୍କ କାର୍ ବି ପରଭେଜ୍‌ଙ୍କ ପାଖରେ

ସମସ୍ତେ ଜାଣନ୍ତି ରାଷ୍ଟ୍ରପିତା ଗାନ୍ଧୀଙ୍କ ଜୀବନ ଖୁବ୍ ସାଧାରଣ ଥିଲା । ଆଣ୍ଠୁ ଲୁଚୁ ନଥିବା ଖଦଡ଼୍ ଧୋତି ପିନ୍ଧି ହାତରେ ମଜବୁତ ଲାଠି ଧରି ସେ ଯେତେବେଳେ ଚାଲିବା ଆରମ୍ଭ କରୁଥିଲେ ସେତେବେଳେ ପୁରା ଦେଶ ତାଙ୍କ ସହ ଚାଲୁଥିଲା । ପଦଯାତ୍ରା ହିଁ ତାଙ୍କର ମୂଳ ଅସ୍ତ୍ର ଥିଲା । ଦୂର ସ୍ଥାନକୁ ସେ ଯାତାୟାତ କରୁଥିଲେ ତୃତୀୟ ଶ୍ରେଣୀ ରେଳରେ । କିନ୍ତୁ ଖୁବ୍ କମ୍ ଲୋକ ଜାଣନ୍ତି ବାପୁଙ୍କ ପାଖରେ ଏକ ଖୁବ୍ ଦାମୀ କାର୍ ଥିଲା, ତାଙ୍କ ନିଜର କାର୍ । ଅବଶ୍ୟ ଜଣେ ଭାରତୀୟ ରାଜା ତାଙ୍କୁ ଏହି ଉପହାର ଦେଇଥିଲେ । ନିଜ ମୃତ୍ୟୁ ଦିନରେ ବାପୁ ଏହି କାର୍‌ରେ ଆସିଥିଲେ ବିର୍ଲା ଭବନରେ ଆୟୋଜିତ ପ୍ରାର୍ଥନା ସଭାରେ ଯୋଗ ଦେବାକୁ । ସର୍ବପ୍ରଥମେ ୧୯୨୭ରେ ଉତ୍ତରପ୍ରଦେଶର ବରେଲୀ ସେଣ୍ଟ୍ରାଲ୍ ଜେଲରୁ ବାହାରିବା ସମୟରେ ଗାନ୍ଧିଜୀ ଏହି କାର୍‌ରେ ବସିଥିଲେ ଓ ଦେଶବାସୀଙ୍କ ଅଭିବାଦନ ସ୍ୱୀକାର କରିଥିଲେ । ଫୋର୍ଡ ଟି ସିରିଜ୍‌ର ଦାମୀ ତଥା ଲୋକପ୍ରିୟ କାର୍ ଥିଲା ଏହା । ସେତେବେଳେ ବିଦେଶରେ ମଧ୍ୟ ଏହାର ଚାହିଦା ବଡ଼ ଲୋକଙ୍କ ମଧ୍ୟରେ ଥିଲା । କାର୍‌ରେ ଏକ ସୁନ୍ଦର ବନେଟ୍ ଓ ଦୁଇଟି ସର୍ଚ୍ଚ ଲାଇଟ୍ ଥିଲା । ଗାନ୍ଧିଜୀଙ୍କ ମୃତ୍ୟୁ ପରେ ବନାରସର ଆଙ୍ଗ୍ଲୋ ଇଣ୍ଡିଆନ ଉଦ୍ୟୋଗପତି ସୈନି କାଲିବ୍ ଏହାକୁ କିଣିଥିଲେ । ଏହି ସୈନି କାଲିବ୍ ମଧ୍ୟ ନାଥୁରାମ୍ ଗଡସେ ବ୍ୟବହାର କରିଥିବା 'କିଲର୍' କାର୍‌କୁ ପ୍ରଥମେ କିଣିଥିଲେ । ହଁ ବର୍ତ୍ତମାନ ବାପୁଙ୍କ ଫୋର୍ଡ କାର୍ ଅଛି ନୂଆଦିଲ୍ଲୀର କାର୍ ସଂଗ୍ରାହକ ପରଭେଜ ଜମାଲ ସିଦ୍ଦିକିଙ୍କ ପାଖରେ । ତାଙ୍କ ପାଖରେ ବି ଅଛି ନାଥୁରାମ ଗଡ୍‌ସେର କିଲର୍ କାର୍ ।



# ଗାନ୍ଧୀଙ୍କ ତିନି ମାଙ୍କଡ଼

ପିଲାମାନଙ୍କ ଚରିତ୍ର ଗଢ଼ିବା ପାଇଁ, ସେମାନଙ୍କ ମନରେ ଭଲବୁଦ୍ଧି ଆଣିବା ପାଇଁ ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କଠାରୁ ଆରମ୍ଭ କରି ଘରେ ବଡ଼ମାନେ ଗାନ୍ଧିଜୀଙ୍କ ତିନି ମାଙ୍କଡ଼ଙ୍କ ଉଦାହରଣ ଦିଅନ୍ତି ।

ଖରାପ କଥା ଶୁଣିବା ନାହିଁ, ଖରାପ କଥା କହିବା ନାହିଁ, ଖରାପ କଥା ଦେଖିବା ନାହିଁ ଶିଖାଉଥିବା ଏହି ମାଙ୍କଡ଼ ଆମ ଭାରତୀୟ ଶିକ୍ଷା ପରମ୍ପରାର ଅଭିନ୍ନ ଅଙ୍ଗ ପାଲଟି ଯାଇଛି । କିନ୍ତୁ ଆପଣ ଜାଣନ୍ତି କି କେଉଁଠୁ କେମିତି ଆସିଲେ ଏ ତିନି ମାଙ୍କଡ଼ ଗାନ୍ଧିଜୀଙ୍କ ପାଖକୁ ।

ଗାନ୍ଧିଜୀଙ୍କ ଏହି ତିନି ମାଙ୍କଡ଼ ଆସିଛନ୍ତି ସିନୋ-ଜାପାନୀ ସଂସ୍କୃତିରୁ ।

୧୬୧୭ ମସିହାରେ ଜାପାନର ନିକୋସ୍ଥିତ ତୋଗୋଶୁଙ୍କ ସମାଧିରେ ଏହି ତିନି ମାଙ୍କଡ଼ ଖୋଦେଇ ହୋଇଥିଲା ପ୍ରଥମ ଥର ପାଇଁ । ଏହି ତିନି ମାଙ୍କଡ଼ ଖରାପ କଥା ନ କହିବା, ନ ଦେଖିବା ଓ ନଶୁଣିବାର ପ୍ରତୀକ । ଜାପାନରେ ବିଭିନ୍ନ ବୌଦ୍ଧ ସମ୍ପ୍ରଦାୟରେ ଏହି ନୀତି ବହୁଳ ପ୍ରଚଳିତ । ବୌଦ୍ଧ ଧର୍ମର ମୁଖ୍ୟ ନୀତିଶିକ୍ଷା ମଧ୍ୟରେ ସାମିଲ ଏହା ।

ତେବେ ଚୀନ୍ ଦାର୍ଶନିକ କନଫୁସିୟସ୍ ହିଁ ଏହି ନୀତିଶିକ୍ଷା ଦେଇଥିବା ଐତିହାସିକ ପ୍ରମାଣ ଅଛି । ମାଙ୍କଡ଼ଙ୍କ ଦ୍ୱାରା ଏହି ନୀତି ଶିକ୍ଷା ଦେବାର ପ୍ରଚଳନ ପରେ ଆରମ୍ଭ ହୋଇଥିଲା । ଅଷ୍ଟମ ଶତାବ୍ଦୀରେ ତିନିମାଙ୍କଡ଼ ପରମ୍ପରା ଚୀନ୍‌ରୁ ଜାପାନ ଆସିଲା ।

ସେ ସମୟରେ ଜାପାନରେ ସିଣ୍ଟୋ ସମ୍ପ୍ରଦାୟର ଆଧିପତ୍ୟ ଥିଲା । ଏହି ସମ୍ପ୍ରଦାୟରେ ମାଙ୍କଡ଼ମାନଙ୍କୁ ଖୁବ୍ ସମ୍ମାନ ଦିଆଯାଉଥିଲା । ଜାପାନରେ ଏହି ମାଙ୍କଡ଼ମାନଙ୍କୁ କୁହାଯାଏ ବୁଦ୍ଧିମାନ ମାଙ୍କଡ଼ ।

ଯେଉଁ ମାଙ୍କଡ଼ ହାତରେ ଆଖି ବନ୍ଦ କରି ଶିଖାଉଛି ଖରାପ ଦେଖନାହିଁ, ତା'ର ନାଁ ମିଜାରୁ ।

ଯେଉଁ ମାଙ୍କଡ଼ ଦୁଇ ହାତରେ କାନ ବନ୍ଦ କରିଛି ଅର୍ଥାତ୍ କହୁଛି ଖରାପ ଶୁଣନାହିଁ, ତା'ର ନାଁ କିକାଜାରୁ ।

ଯେଉଁ ମାଙ୍କଡ଼ ଦୁଇ ହାତରେ ପାଟି ବନ୍ଦ କରିଛି ଅର୍ଥାତ୍ କହୁଛି ଖରାପ କଥା କୁହନାହିଁ, ତା'ର ନାଁ ଇବାଜାରୁ ।

ଏଥିସହିତ ଅନେକ ସମୟରେ ଆଉ ଗୋଟିଏ ମାଙ୍କଡ଼ ବି ଜାପାନର ସିଣ୍ଟୋ ସମ୍ପ୍ରଦାୟର ବୌଦ୍ଧ ମଠମାନଙ୍କରେ ଦେଖିବାକୁ ମିଳେ । ନା ତା'ର ସିଜାରୁ । ସେ ଶିଖାଏ ଖରାପ କାମ କରିବା ନାହିଁ । ଦୁଇ ହାତକୁ ଛନ୍ଦି ବସିଥାଏ ଏହି ମାଙ୍କଡ଼ଟି ।

ପ୍ରଥମେ ଏହି ନୀତିଶିକ୍ଷା ମାଙ୍କଡ଼ଙ୍କ ଦ୍ୱାରା ଦିଆଯାଉଥିଲା । କିନ୍ତୁ ଯେତେବେଳେ ଜାପାନରେ ସିଣ୍ଟୋ ବୌଦ୍ଧ ସଂପ୍ରଦାୟର ଆଧିପତ୍ୟ ଥିଲା ସେତେବେଳେ ମାଙ୍କଡ଼ଙ୍କ ଦ୍ୱାରା ଏହି ନୀତିଶିକ୍ଷା ଦିଆଯିବାର ପ୍ରଚଳନ ଆରମ୍ଭ ହେଲା । ସିଣ୍ଟୋ ପରମ୍ପରାର ମାଙ୍କଡ଼ମାନଙ୍କୁ ଖୁବ୍ ସମ୍ମାନ ଦିଆଯାଏ । ସେ ସମୟରେ ପ୍ରତ୍ୟେକ ମଠର ଖମ୍ବରେ ମାଙ୍କଡ଼ ମୂର୍ତ୍ତି ଖୋଦେଇ କରିବାର ନିୟମ ଥିଲା । ପ୍ରତି ୧୨ବର୍ଷରେ ଗୋଟିଏ ବର୍ଷ ମାଙ୍କଡ଼ଙ୍କ ପାଇଁ ଉତ୍ସର୍ଗ କରାଯାଉଥିଲା । କୋସିନ୍ ସଂପ୍ରଦାୟରେ ପ୍ରତି ୧୬ବର୍ଷରେ ଥରେ ମାଙ୍କଡ଼ମାନଙ୍କ ପାଇଁ ଏକ ବିଶାଳ ଉତ୍ସବ ଅନୁଷ୍ଠିତ ହେଉଥିଲା । ବର୍ଷର ୬୦ତମ ଦିନକୁ ମାଙ୍କଡ଼ମାନଙ୍କ ପାଇଁ ଉତ୍ସର୍ଗ କରାଯାଇ ଉତ୍ସବ ଅନୁଷ୍ଠିତ ହେଉଥିଲା ।





ଏସିଆ ମହାଦେଶରେ ଏହି ତିନି ମାଙ୍କଡ଼ ନୈତିକ ମୂଲ୍ୟବୋଧର ପ୍ରତୀକ ହୋଇଥିବା ବେଳେ ପାଶ୍ଚାତ୍ୟ ସଭ୍ୟତାରେ କିନ୍ତୁ ଠିକ୍ ଓଲଟା । ସାମାଜିକ ପ୍ରତିବଦ୍ଧତା ନଥିବା ଲୋକଙ୍କ ପାଇଁ ବ୍ୟବହାର କରାଯାଏ ଏହି ପ୍ରବାଦଟି– ଖରାପ କଥା ଦେଖିବା ନାହିଁ, ଶୁଣିବା ନାହିଁ, କହିବା ନାହିଁ । ବିଭିନ୍ନ ଅପରାଧୀ ଗ୍ୟାଙ୍ଗଗୁଡ଼ିକରେ ଏହାକୁ କୋଡ୍ ଅଫ୍ ସାଇଲେନ୍ସ ଭାବରେ ବ୍ୟବହାର କରାଯାଏ ।

ବର୍ତ୍ତମାନ ଏହି ତିନି ମାଙ୍କଡ଼ ପ୍ରାଚ୍ୟରୁ ପାଶ୍ଚାତ୍ୟ ପର୍ଯ୍ୟନ୍ତ ସବୁଠାରେ ଜଣାଶୁଣା । ବିଭିନ୍ନ ଦେଶରେ, ବିଭିନ୍ନ ଢଙ୍ଗରେ ନିର୍ମାଣ କରାଯାଉଛି ନୀତିଶିକ୍ଷା ଦେଉଥିବା ଏହି ତିନିମାଙ୍କଡ଼ଙ୍କ ମୂର୍ତ୍ତି । ତୁର୍କୀ ଫିଲ୍ମ ନିର୍ମାତା ନୁରି ବିଲ୍‌ଗେ ସେଲାନ୍ ମଧ୍ୟ ଏହି ତିନି ମାଙ୍କଡ଼ଙ୍କୁ ନେଇ ଏକ ଫିଲ୍ମ ନିର୍ମାଣ କରିଛନ୍ତି ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୩୦ ଜାନୁଆରୀ ୨୦୨୬ । ଶୁକ୍ରବାର

# ବୁଦ୍ଧଖୋଲ ମହୋତ୍ସବ ଲାଗି ପ୍ରସ୍ତୁତି

**ବୁଗୁଡ଼ା,୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ 'ବୁଦ୍ଧଖୋଲ ମହୋତ୍ସବ' ପାଇଁ ଏକ ପ୍ରସ୍ତୁତି ବୈଠକ ବୁଦ୍ଧଖୋଲ ପାଦଦେଶସ୍ଥ ଜନ ସୁବିଧା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୁଦ୍ଧଖୋଲ ଉନ୍ନୟନ ସମିତି ସଭାପତି ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଆଗାମୀ ଫେବୃଆରୀ ୭ରୁ ୯ ପର୍ଯ୍ୟନ୍ତ ତିନି ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଥିଲା । ସେହି ତ୍ରିଦିବସୀୟ ମହୋତ୍ସବକୁ ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଗଠନ ସାଙ୍ଗକୁ ବୁଦ୍ଧଖୋଲ ପରିସର ଭିତରେ ରାସ୍ତା ପରିଷ୍କାର, ପାର୍କିଂ ବ୍ୟବସ୍ଥା, ଆଇନ ଶୃଙ୍ଖଳା ପରିସ୍ଥିତି, ଲୋକଙ୍କ ଯାତାୟାତ ପାଇଁ 'ମୋ ବସ' ବ୍ୟବସ୍ଥା, ରାସ୍ତାରେ ଲାଇଟ ବ୍ୟବସ୍ଥା, ସ୍ଥାନୀୟ କଳାକାରମାନଙ୍କୁ ଅଗ୍ରାଧିକାର ଦେବା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ବୁଦ୍ଧଖୋଲ ଉନ୍ନୟନ ସମିତି କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ପାତ୍ର, ସମ୍ପାଦକ ଗଙ୍ଗାଧର ବିଷୋୟୀ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ର, ଯୁବ ନେତା ପ୍ରଭାକର ପଣ୍ଡା, ବିଡ଼ିଓ ଦୁତିକୃଷ୍ଣ ପାତ୍ର, ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ବିଦ୍ୟୁତ ବିଭାଗ ଏସଡିଓ ସ୍ମୃତି ରଞ୍ଜନ ଦାଶ, ରେଞ୍ଜର ମାନସ ସାହୁ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରାଙ୍କ ସମେତ ବିଭିନ୍ନ ଲାଇନ ବିଭାଗ ଅଧିକାରୀ, ଉନ୍ନୟନ ସମିତିର କାର୍ଯ୍ୟକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧିଗଣ ଯୋଗଦେଇ ଥିଲେ । ପରିଶେଷରେ ସମ୍ପାଦକ କେଦାର ନାଥ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ସଚେତନତାର ବାର୍ତ୍ତା ବାଣ୍ଟିଲେ ବିଚାରପତି

**ପଟ୍ଟାମୁଣ୍ଡାଇ,୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ କୋଟ ପରିସରରେ ପବିତ୍ର ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ବାଲ୍ୟ ବିବାହମୁକ୍ତ ଭାରତ ଗଠନ ଲାଗି ସଚେତନତାର ବାର୍ତ୍ତା ବଣ୍ଟାଯାଇଛି । ତାଲୁକ୍ ଆଇନସେବା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାଜଜ୍ ବିଦ୍ୟାଧର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିନିଅର ସିଭିଲଜଜ୍ ଅପୂର୍ବା ଚୌଧୁରୀ, ଜେଏମ୍ଏଫ୍ସି ବିଦ୍ୟୁତ ଲତା ପ୍ରଧାନ, ଅତିରିକ୍ତ ସିଭିଲ ଜଜ୍ ଡିକେ ବାଲକ୍ରିଷ୍ଣନ ସହ ବହୁ ଓକିଲ ଯୋଗଦେଇ ସାରା ଭାରତକୁ ବାଲ୍ୟ ବିବାହମୁକ୍ତ କରିବା ଲାଗି ଆହ୍ୱାନ ଦେଇଥିଲେ । ଏହି ଅବସରରେ ପଟ୍ଟାମୁଣ୍ଡାଇ ମହିଳା କଲେଜର ଛାତ୍ରୀମାନଙ୍କୁ ନେଇ ଏକ ସାଇକେଲ ଶୋଭାଯାତ୍ରାରେ ସମଗ୍ର ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନତା କରାଇଥିଲେ । ଏଥିରେ ପୋଲିସ, ପ୍ରଶାସନ ସହଯୋଗ କରିଥିଲେ ।

# ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା

**ରାଜନଗର,୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

୭୭ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରାଜନଗର ପୁରୁଣା ଘାଟରାସ୍ତା ନିକଟସ୍ଥ କମଳ ଭନ ପରିସରରେ ସ୍ୱାଭିମାନ ମଞ୍ଚର ସଭାପତି ସଂଗ୍ରାମ କେଶରୀ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସଭାପତି ଶ୍ରୀ ବେହେରା ସାଧାରଣତନ୍ତ୍ର ଦିବସ ଉଦ୍ଦେଶ୍ୟରେ ଜନତାଙ୍କ ଉଦ୍ଦେଶ୍ୟରେ ସମସ୍ତଙ୍କ ପାଇଁ ସମାନ ନ୍ୟାୟ ଦିଗରେ କାର୍ଯ୍ୟ ଜାରି ରଖିବ ବୋଲି କହିଥିଲେ । ଜାତୀୟ ପତାକା ତଳେ ସଭାପତି ଶ୍ରୀହେରା ସ୍ୱାଭିମାନ ମଞ୍ଚର ପରିବାର ସଦସ୍ୟ ସମସ୍ତଙ୍କ ସହ ହାତ ମିଶାଇ ଅଞ୍ଚଳର ଉନ୍ନତି ତଥା ଅବହେଳିତ ଗରିବ ଖଟିଖିଆଙ୍କ ସୁଖ ଦୁଃଖରେ ଭାଗି ହୋ ସହ ଦୁର୍ନୀତି ବିରୋଧରେ ତଳସ୍ତରରୁ ଉପରସ୍ତର ପର୍ଯ୍ୟନ୍ତ ସଂଗ୍ରାମ କରିବାକୁ ଉଦ୍ୟମ ଜାରି ରଖିବେ ବୋଲି ଶପଥ ନେଇଥିଲେ । ଏହି ଅବସରରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରି ସଭାପତି ଶ୍ରୀ ବେହେରା ସ୍ୱାଭିମାନମଞ୍ଚର ଉଦ୍ଦେଶ୍ୟ ଓ କାର୍ଯ୍ୟ ଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ । ଉପସ୍ଥିତ ସମସ୍ତ ଗଣମାଧ୍ୟମର ପ୍ରତିନିଧି ସ୍ୱାଭିମାନ ମଞ୍ଚର ନିଷ୍ପତ୍ତିକୁ ସମର୍ଥନ କରିବା ସହ ସାମୁହିକ କାର୍ଯ୍ୟରେ ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଏହା ପରେ ଶ୍ରୀ ବେହେରାଙ୍କ ନେତୃତ୍ୱରେ ସହଦେ ସାହୁ, ବିଚିତ୍ର ରାଉତ, ଅଲେଖ ପାତ୍ର, ସୁଲୋଚନା ସେଠି, ସୁମିତ୍ରା ରାଉତ, ଶୂନ୍ୟବାସୀ ରଣା, ସୋମନାଥ ବାରିକ ପ୍ରମୁଖ ହଂସୁଆ ସେତୁକୁ ସଫା କରିଥିଲେ ।

# ବଡପଲୀ ହାଇସ୍କୁଲର ହୀରକ ଜୟନ୍ତୀ

**ରାଜନଗର,୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବଡପଲୀ ହାଇସ୍କୁଲର ହୀରକ ଜୟନ୍ତୀ ସମାରୋହ ଦ୍ୱିତୀୟ ଦିବସର ଅଧ୍ୟାପକ ଶଶଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନେ ଆଧୁନିକତାର ସ୍ପର୍ଶରେ ବଦଳି ନଯାଇ ନୀତି ନୈତିକତାରେ ଛାତ୍ର ଜୀବନ ଅତିକ୍ରମ କଲେ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସମାଜର ପୂର୍ବତନ ସଂପାଦକ ପ୍ରମୋଦ କୁମାର ମହାପାତ୍ର ଯୋଗଦେଇ ବିଜ୍ଞାନର ଗୁରୁତ୍ୱକୁ ଉପଲବ୍ଧି କରିବା ଆବଶ୍ୟକ । ଏନେଇ ନିଜକୁ ବିଜ୍ଞାନ ଭିତିକ ପାଠ୍ୟକ୍ରମରେ ନିଜକୁ ଜଡିତ ରଖିବା ସହ ଜାପାନର ଉଦାହରଣ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଲେଖିକା ଓ ଶିକ୍ଷାବିତ୍ ଅନୁସୂୟା ମିଶ୍ର, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ସମାଜସେବୀ ରାଜକିଶୋର ସାହୁ, ପୁରାତନ ଛାତ୍ର ସଂସଦର ମୁଖ୍ୟକାର୍ଯ୍ୟ ନିର୍ବାହୀ ଉମାକାନ୍ତ ବଳ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉପାଦେୟ କଥାମାନ କହିଥିଲେ । ଅଧ୍ୟାପକ ଅଟଳବିହାରୀ ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ଅଭୟକୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁକନ୍ୟାର ସୁରକ୍ଷା ଓ ଅଧିକାରର ସଚେତନତା ହିଁ ସମାଜର ମୁଖ୍ୟ କାମ

**ଆଳି,୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶିଶୁକନ୍ୟାର ସୁରକ୍ଷା, ସ୍ୱାସ୍ଥ୍ୟ ଓ ଆଇନଗତ ଅଧିକାରର ସଚେତନତା ହିଁ ସମାଜର ମୁଖ୍ୟକାର୍ଯ୍ୟ ଜନସାଧାରଣଙ୍କୁ ଏହି ଅଧିକାର ଓ ସେଥିପାଇଁ ଥିବା ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବା ସମସ୍ତ ସଚେତନ ନାଗରିକମାନଙ୍କର କର୍ତ୍ତବ୍ୟ ବୋଲି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଜେଏମଏଫସି ଅଧୀନ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଳିର ସର୍ବପୁରାତନ ବେସରକାରୀ ଶିକ୍ଷାନୁଷ୍ଠାନ ଆଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବୈଦିକ ମଣ୍ଡପରେ ଆୟୋଜିତ ଜାତୀୟ ଶିଶୁକନ୍ୟା ଦିବସର ଉତ୍ସବ ପାଳନ ଅବସରରେ ଆଳି କୋର୍ଟର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଦେବାନ ସତ୍ୟଦର୍ଶୀ ନନ୍ଦ ତାଙ୍କ ମାର୍ଗଦର୍ଶନରେ ପ୍ରକାଶ କରିଛନ୍ତି । ଭ୍ରୁଣ ହତ୍ୟା ଠାରୁ ଆରମ୍ଭ କରି ବୃଦ୍ଧାବସ୍ଥାରେ ଅବହେଳାର ଶିକାର ହେଉଥିବା ସମସ୍ତ ସମସ୍ୟାର ପ୍ରତିକାର ପାଇଁ ଭାରତୀୟ ନ୍ୟାୟିକ ବ୍ୟବସ୍ଥାରେ ଥିବା ଆଇନ ବ୍ୟବସ୍ଥା ସହିତ ଛାତ୍ରଛାତ୍ରୀମାନଙ୍କୁ ଶିଶୁ ଅଧିକାର ଓ ସେଥିପାଇଁ ଥିବା ଆଇନଗତ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଇଥିଲେ । ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଆମର କୁମାର ବାରିକ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବନ୍ଦନା ଓ ପ୍ରାର୍ଥନା ପରେ କାର୍ଯ୍ୟକ୍ରମର ସଂଯୋଜକ ପରିଚାଳନା ପରିଷଦର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ଦାଶ ମୁଖ୍ୟଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ ନବ ନିଯୁକ୍ତ ଏପପି ସର୍ବଶ୍ରୀ ପ୍ରମୋଦ କୁମାର ରାୟ, ପ୍ରଦୀପ୍ତ କୁମାର ରାୟ, ରଞ୍ଜନ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା'ମାନଙ୍କ ସହିତ ବିଦ୍ୟୁତ ପରିଷଦ ଓ ପରିଚାଳନା ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିବା ଯୋଗୁଁ କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପାଦିତ ହୋଇଥିଲା ।

# କଲେଜ ଛାତ୍ରୀଙ୍କୁ ଆକ୍ରମଣ ଦୁଇ ଯୁବକ ଫେରାର

**ଦିଗପହଣ୍ଡି,୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଲେଜ ଛାତ୍ରୀଙ୍କୁ ଯୁବକଙ୍କ ଆକ୍ରମଣ । କଲେଜ ସମ୍ମୁଖରେ ଛାତ୍ରୀଙ୍କୁ ମାଡ଼ ମାରି ଦୁଇ ଯୁବକ ଫେରାର । ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ଅନ୍ତର୍ଗତ ପୋଡ଼ାମାରି ମହାବିଦ୍ୟାଳୟରୁ ଏହି ଘଟଣା ସାମ୍ନାକୁ ଆସିଛି ।

ସୂଚନା ମୁତାବକ, କଲେଜ ସମ୍ମୁଖରେ ଛାତ୍ରୀଙ୍କୁ ହଠାତ୍ ଦୁଇ ଜଣ ଯୁବକ ଆସି ଆକ୍ରମଣ କରିଥିଲେ । ଯେଉଁଥିରେ ଛାତ୍ରୀ ଜଣକ ଗୁରୁତର ହୋଇଥିବା ବେଳେ ତାଙ୍କୁ ପ୍ରଥରେ ଦିଗପହଣ୍ଡି ମେଡିକାଲ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲ୍ ସ୍ଥାନାନ୍ତର କରାଯାଇଛି । ସେପଟେ ଆକ୍ରମଣ କରିଥିବା ଯୁବକ ଦୁଇ ଜଣ ଫେରାର ଥିବା ବେଳେ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ବରିଷ୍ଠ ନାଗରିକ ସଂଘର ସାଧାରଣତନ୍ତ୍ର ଦିବସ

**ଭୁବନେଶ୍ୱର,୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

୭୭ତମ ସାଧାରଣତନ୍ତ୍ର ଦିବସ ଗଡ଼ିଦନଗର ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ନାଗରିକମାନଙ୍କର ସହଯୋଗରେ ଅତ୍ୟନ୍ତ ଆଡମ୍ବର ସହକାରେ ପାଳିତ ହୋଇଯାଇଛି ।

ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡଃ.ବସନ୍ତ କୁମାର ମିଶ୍ର ଓ ସାଧାରଣ ସମ୍ପାଦକ ଡଃ. ଉମାକାନ୍ତ ଦାସ ତଥା ଅନ୍ୟାନ୍ୟ ବୟୋଜେଷ୍ଠ ବ୍ୟକ୍ତିମାନେ ଯୋଗଦାନ କରି ଦେଶର ସ୍ୱାଧିନତାରେ ବଳିଦାନ ଦେଇଥିବା ବରପୁତ୍ରମାନେ ଓ ଗଣତନ୍ତ୍ର ତଥା ସମ୍ବିଧାନ ପ୍ରଣୟନରେ ମୁଖ୍ୟ ଦାୟିତ୍ୱ ବହନ କରିଥିବା ବ୍ୟକ୍ତିତ୍ୱମାନଙ୍କର ସ୍ମୃତିଚାରଣ କରିଥିଲେ ।

# ଐତିହାସିକ ଗାଦିବ୍ରହ୍ମଙ୍କ ମାଘ ବୁଡ଼



**ଅସ୍ତରଙ୍ଗ,୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଅନେକ ମଠ ମନ୍ଦିର ସଂସ୍କୃତିକୁ ନେଇ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଆମ ରାଜ୍ୟ, ଗଙ୍ଗାଙ୍କ ଠୁ ସହସ୍ର ବର୍ଷ ପୁରୁଣା ପବିତ୍ର ପ୍ରାଚୀ ନଦୀ, କାକଟପୁର ଅସ୍ତରଙ୍ଗ ଦେଇ ପ୍ରବାହିତ ହୋଇ ବଙ୍ଗୋପସାଗରରେ ମିଶିଛି ଆଉ ଏହାରି କୁଳରେ ଅଛି ଅନେକ ଐତିହାସିକ ମନ୍ଦିର ମଠ, କୁହାଯାଏ ଜଗନ୍ନାଥଙ୍କ ପଞ୍ଚସଖା ଅଚ୍ୟୁତ, ଅନନ୍ତ, ଯଶବନ୍ତ, ଜଗନ୍ନାଥ ଓ ବଳରାମ ଦାସ ପୁରୀ ଠୁ ବୈଷ୍ଣବ ଲୀଳା ପ୍ରଚାର କରିବାକୁ ପ୍ରାଚୀ ନଦୀ ତୀରେ ତୀରେ ଅନେକ ସ୍ଥାନରେ ବିଶ୍ରାମ କରି ଲୀଳା ରଚନା କରିଥିଲେ ଆଉ ଆଜିବି ଆଳସାହି ଗ୍ରାମ ରେ ଗାଦିବ୍ରହ୍ମ ପିଠ ଯାହା ସହ ସହ ବର୍ଷ ପୁରୁଣା ଆଉ ଏହି ପୀଠରେ ଅଚ୍ୟୁତନନ୍ଦ ଦାସ ତାଙ୍କର ଲୀଳା କରିଥିଲେ ଆଉ ସେହି ପ୍ରାଚୀନ ସମୟରୁ ଗାଦି ବ୍ରହ୍ମଙ୍କ ନାମରେ ବଟବୃକ୍ଷ ମୂଳରେ ପୂଜା ପାଇ ଆସୁଛନ୍ତି ଗୋସେଇଁ, ପବିତ୍ର ମାଘ ସପ୍ତମୀରେ ଏଠି ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ବୁଡ଼ ପକାଇ ନିଜରେ ମନସ୍କାମନା ପୂର୍ଣ୍ଣ କରନ୍ତି କିନ୍ତୁ କାଳ କ୍ରମେ ଏହି ଐତିହାସିକ ପୀଠରେ ଏହି କାର୍ଯ୍ୟକ୍ରମ ବନ୍ଦ ହୋଇଗଲା ମାତ୍ର ଚଳିତ ବର୍ଷ ଉଦୀୟମାନ ବ୍ୟକ୍ତିମାନଙ୍କ ପ୍ରଚେଷ୍ଟାରେ ଏହି ମାଘ ବୁଡ଼କୁ ପୁନଃ ଆରମ୍ଭ କରାଯାଇଛି ।

ଅନେକ ସନାତନ ଧର୍ମୀ, ଜଗନ୍ନାଥ ପ୍ରେମୀଙ୍କର ଭିଡ଼ ଜମିଛି, ଚଳିତ ବର୍ଷ ଏହି ଗାଦି ମଠରେ ଶୋଭା ପାଉଛି ଜଗନ୍ନାଥଙ୍କ ବିଭିନ୍ନ ବେଶ, ବାର ମାସରେ ମହାପ୍ରଭୁଙ୍କ ବିଶେଷ ବେଶ ଏଠି ଏକାଥରେ ଦର୍ଶକମାନେ ଦର୍ଶନ କରି ଆତ୍ମତୃପ୍ତି ଲାଭ କରୁଛନ୍ତି, ବିଶ୍ୱାସ ଅଛି ନିସନ୍ତାନମାନେ ଏଠି ପୂଜା କଲେ କୋଳରେ ସନ୍ତାନ ପ୍ରାପ୍ତି କରନ୍ତି, ଯିଏ ଯେଉଁଦୁରାରୋଗ୍ୟରେ ପଡେ ଗାଦି ଗୋସେଇଁଙ୍କ ବିଭୁତିରେ ଆରୋଗ୍ୟ ହୁଏ, ମାଲି ମକୋଦ୍ଦମାରେ ନ୍ୟାୟ ପାଇଁ ଏଠି ମଧ ମାନସିକ କରାଯାଏ, ମିନା ବଜାର ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଛନ୍ତି ହଜାର ହଜାର ଦର୍ଶକ, ଘୃତହୁତି, ଭାଗବତ ପାଠ, ଗୀତା ପାଠରେ ଗାଦି ବ୍ରହ୍ମଙ୍କର ଚାଲିଛି ପୂଜା ପାଠ, ଅଭିଜ୍ଞ ପଣ୍ଡିତ ମଣ୍ଡଳୀଙ୍କ ମନ୍ତ୍ରଧୋନିରେ ପ୍ରକମ୍ପିତ ହେଉଛି ସମଗ୍ର ଅଞ୍ଚଳ, ଆଧାତ୍ମିକ ପରିବେଶ ଭିତରେ ଚାଲିଛି ମାଘ ସପ୍ତମୀ ବୁଡ଼, ଆବାହକ ଅରୁଣ ବିଶ୍ୱାଳଙ୍କ ସମେତ ଆୟୋଜନ କମିଟିର ପୀତବାସ ବିଶ୍ୱାଳ, ରାଧୁଆ ବିଶ୍ୱାଳ, ପ୍ରଶାନ୍ତ ଭୋଳ, ପ୍ରଦେଶ ବରାଳ ଓ ଅନ୍ୟ ମୁଖିଆ ବ୍ୟକ୍ତି ବିଶେଷ ସମସ୍ତ କାର୍ଯ୍ୟକୁ ଶାନ୍ତି ଶୃଙ୍ଖଳାରେ ପରିଚାଳିତ କରୁଛନ୍ତି ।

# 'ସମୟାନୁବର୍ତ୍ତିତା ହୋଇ ସମ୍ବାଦ ପରିବେଷଣ କଲେ ସମାଜର ବିକାଶ ସମ୍ଭବ'

**ମାହାଙ୍ଗା,୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆଜିର ନୂତନ ଯୁଗ ନୂତନ ପିଢିର ସମ୍ବାଦଦାତାମାନେ ନିର୍ଭିକ ଭାବେ ସତ୍ୟ ଦ୍ରଷ୍ଟା,ତଥ୍ୟ ଦ୍ରଷ୍ଟା, ଦୂର ଦ୍ରଷ୍ଟା ଓ ସମୟାନୁବର୍ତ୍ତିତା ହୋଇ ସମ୍ବାଦ ପରିବେଷଣ କଲେ ସମାଜର ସବୁ ବର୍ଗର ବିକାଶ ସମ୍ଭବ ହୋଇପାରିବ ବୋଲି ମାହାଙ୍ଗା ବ୍ଲକ ଅନ୍ତର୍ଗତ ପଣସପୁର ପଞ୍ଚାୟତ ଅକରାପଡାସ୍ଥିତ ସୁନନ୍ଦା ମଣ୍ଡପରେ ମାହାଙ୍ଗା ପ୍ରେସ କ୍ଲବର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଅବସରରେ ବିଶିଷ୍ଟ ସାମ୍ବାଦିକମାନେ ଯୋଗଦେଇ ମତପୋଷଣ କରିଛନ୍ତି । ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ଆର୍ନ୍ତଜାତୀୟ ଚିତ୍ର ଶିଳ୍ପୀ ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପ୍ରେସ କ୍ଲବ ସଭାପତି ଦୀପକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଡଃ ଯତୀନ୍ଦ୍ର କୁମାର ରାଉତ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସୁମନ୍ତ କୁମାର ଜେନା, ସମ୍ମାନିତ ଅତିଥିଭାବେ ପରିବେଶବିତ ପିବିଏସ ପୃଷ୍ଟି, ବରିଷ୍ଠ ସାମ୍ବାଦିକ ଅଜୟ କୁମାର ମହାନ୍ତି, ସରପଞ୍ଚ ଚିନ୍ମୟ ସାମନ୍ତରାୟ ପ୍ରମୁଖ ଯୋଗଦେଇ ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀକୁ ନିର୍ଭିକ ଭାବେ ସମ୍ବାଦ ପରିବେଷଣ କରି ଗରିବ, ଅସହାୟ ଓ ନିଷ୍ପେସିତ ବର୍ଗର ଜନସାଧାରଣଙ୍କୁ ନ୍ୟାୟ ଦେବାରେ ଯଥେଷ୍ଟ ସାହାଯ୍ୟ ଓ ସହଯୋଗ କରୁଥିବାରୁ କୃତଜ୍ଞତା ଅର୍ପଣ କରିବା ସହ ନୂତନ ବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବରିଷ୍ଠ ସାମ୍ବାଦିକ ଶ୍ରୀ ଜେନା, ଶ୍ରୀ ମହାନ୍ତି, ମାହାଙ୍ଗା ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ଖୁଣ୍ଟିଆ, ଆର୍ଯ୍ୟୁବେଦିକ ଚିକିତ୍ସକ ଅସିତ ବିଶ୍ୱାସ, ଆଇନଜୀବୀ ଆଲୋକ ଜେନା, କଳାକାର ପ୍ରେମାନନ୍ଦ ପରିଡା, ଯୁବ ଉଦ୍ୟୋଗୀ ଗିରିଶ ପ୍ରତାପ ପରିଡା, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ସଂଗ୍ରହ ପ୍ରତିନିଧି ଦେବପ୍ରସାଦ ଜେନା, ଯୁବ ସମାଜସେବୀ ଅସିତ କୁମାର ସିଂହ, ସରପଞ୍ଚ ଚିନ୍ମୟ ସାମନ୍ତରାୟ, ଇଂ କମଳ ରାଉତ, ସାମ୍ବାଦିକ ଏକାଦଶୀ ସେଠୀଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# ଡାହାଣୀ ସନ୍ଦେହରେ ମା'ଙ୍କୁ ହତ୍ୟା

**ବେତନଟୀ,୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଡାହାଣୀ ସନ୍ଦେହରେ ବୃଦ୍ଧା ମାଆଙ୍କୁ ହତ୍ୟା କଲା ପୁଅ । ମୟୁରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ କଲରାଫୁଲିଆ ଗାଁରେ ଲୋମହର୍ଷଣକାରୀ ହତ୍ୟାକାଣ୍ଡ । ହତ୍ୟାକାରୀ ଅଭିଯୁକ୍ତ ଜଣକ ଚୈତନ୍ୟ ସିଂଙ୍କ ପୁଅ ତପନ ସିଂ ବୋଲି ଜଣାପଡିଛି ।

ସୂଚନା ମୁତାବକ, ନିକଟରେ ତପନ ସିଂଙ୍କ ଗର୍ଭବତୀ ସ୍ତ୍ରୀର ଗର୍ଭ ନଷ୍ଟ ହୋଇଥିଲା । ଡାହାଣୀ ହୋଇ ମା' ରାଇମଣି ସିଂ ସ୍ତ୍ରୀର ଗର୍ଭସ୍ଥ ପିଲାକୁ ଖାଇଥିବା ସନ୍ଦେହ କରିଥିଲା ତପନ । ଏନେଇ ଗୁରୁବାର ସକାଳେ ଉତ୍ୟକ୍ତ ହୋଇ ତପନ ନିଜ ଉପରୁ ନିୟନ୍ତ୍ରଣ ହରାଇ ବସିବା ସହିତ ଘରେ ଥିବା ଏକ ଧାରୁଆ କଟୁରୀରେ ବାରମ୍ବାର ମୁଣ୍ଡ ଏବଂ ବେକରେ ପ୍ରହାର କରି ବୃଦ୍ଧା ମା'କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିଲା । ପାଖ ପଡୋଶୀ ଏଭଳି ଲୋମହର୍ଷଣକାରୀ ହତ୍ୟାକାଣ୍ଡ ଦେଖି ଭୟଭୀତ ହୋଇପଡିଥିବା ବେଳେ ଖବରପାଇ ବଡଜାମଦଣି ଫାଣ୍ଡି ଅଧିକାରୀ ଏଏସଆଇ ଭାବଗ୍ରାହୀ ମହାନ୍ତ ସଙ୍ଗେସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାରୀ ଜହ୍ଲାଦ ପୁଅ ତପନ ସିଂକୁ ଗିରଫ କରିଥିଲା । ଏଥିସହିତ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରୀକୁ ଜବତ କରିଛନ୍ତି । ଏନେଇ ଏକ ହତ୍ୟାକାଣ୍ଡ ଜନିତ ମାମଲା ରୁଜୁକରି ସାଇଣ୍ଟିଫିକ ଟିମ ସହାୟତାରେ ବେତନଟୀ ପୋଲିସ ଅଧିକ ତଦନ୍ତ ଆରମ୍ଭ କରିଛି ।

# ଶେରଗଡରେ ହିନ୍ଦୁ ସମ୍ମିଳନୀ




**ଶେରଗଡ,୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସନାତନ ଧର୍ମରେ ଦିକ୍ଷୀତ ସମସ୍ତ ବର୍ଗର ବ୍ୟକ୍ତିଙ୍କୁ ନେଇ ଶେରଗଡ ଆଡପ ମଣ୍ଡପ ପ୍ରାଙ୍ଗଣରେ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ବିଶାଳ ହିନ୍ଦୁ ସମ୍ମିଳନୀ ଅବସରପ୍ରାପ୍ତ ଶିକ୍ଷକ ପଠାଣି ଭଞ୍ଜଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ହିନ୍ଦୁ ସମ୍ମିଳନୀ ଲାଗି ପ୍ରାତଃ ରେ ଏକ ମଶାଲ ଶୋଭାଯାତ୍ରା ଶେରଗଡ ର ଆରାଧ ଦେବତା ପ୍ରଭୁ ଜଗନ୍ନାଥଙ୍କ ପୀଠରୁ ଆରମ୍ଭ ହୋଇ ସହର ପରିକ୍ରମା କରି ଆଡପ ମଣ୍ଡପ ନିକଟରେ ପହଞ୍ଚି ଥିଲା । ଏହି ସମ୍ମିଳନୀକୁ ଶେରଗଡର ରାଜା ସାହେବ ପୂର୍ଣ୍ଣଚନ୍ଦ୍ର ସିଂଦେଓ ମହା ସମ୍ମିଳନୀରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରପର ଶୁଭାରମ୍ଭ କରିଥିଲେ । ଏହି ସମ୍ମିଳନୀରେ ଦିବ୍ୟ ଜୀବନ ସଂଘର ବିପ୍ର ଚରଣ ମିଶ୍ର, ଠାକୁର ନିଗମାନନ୍ଦ ସାରସ୍ୱତ ସଂଘର ପ୍ରଶାନ୍ତ କୁମାର ପଣ୍ଡା, ସତ୍ୟସାଇ ସଂଘର ଆବାହକ ବିଜୟ କୁମାର ପାଣିଗ୍ରାହୀ, ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବ୍ରହ୍ମ କୁମାରୀ ଶିବକନ୍ୟା, ପୂର୍ଣ୍ଣାନନ୍ଦ ସଂଘର ଆବାହକ ସନ୍ତୋଷ କୁମାର ପାତ୍ର, ଶ୍ରୀକୃଷ୍ଣ ଚୈତନ୍ୟ ମିଶନ ବିଷ୍ଣୁ ଗୋସ୍ୱାମୀ ମହାରାଜ, ସନ୍ଥ ନିରାକାର ମିଶନର ରଘୁନାଥ ଜୀ,ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶେଷଦେବ ସାମନ୍ତରାୟ, ଗାୟତ୍ରୀ ପରିବାରର ଗୋକୁଳ ଚନ୍ଦ୍ର ନାହାକ,ହରିବୋଲ-ଗୋରଭକ୍ତ ମଣ୍ଡଳୀର ରମାକାନ୍ତ ରଥ, ଶ୍ରୀମା ଅରବିନ୍ଦ ସଂଘର ଅଶୋକ କୁମାର ସାମନ୍ତରାୟ, ଅଲେଖ ମହିମା ସଂଘର ସାଧୁ କୈଳାସ ଦାସ ଯୋଗ ଦେଇଥିଲେ । ଏହି ବିଶାଳ ହିନ୍ଦୁ ସମ୍ମିଳନୀକୁ ବ୍ରହ୍ମା କୁମାର ସୁବାଷ ଭାଇ ପରିଚାଳନା କରିଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟଙ୍କ ସହିତ ପି.ବାବୁଲା ପାତ୍ର, ପ୍ରଦୀପ କୁମାର ଦାସ, ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ସମାଜସେବୀ ଦୁର୍ଗା ପ୍ରସାଦ ବିଷୋୟୀ, ଗଜେନ୍ଦ୍ର ପ୍ରଧାନଙ୍କ ସହିତ ବହୁ ସ୍ଥାନୀୟ ଯୁବକ ସହଯୋଗ କରିଥିବା ବେଳେ ବ୍ଲକର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ବ୍ୟକ୍ତି ଯୋଗ ଦେଇଥିଲେ ଏବଂ ସମସ୍ତ ଭକ୍ତଙ୍କ ଲାଗି ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ପଟ୍ଟାମୁଣ୍ଡାଇ ତା'ର ସତ୍ତା ହରାଇ ଏବେ ଅବହେଳିତ

**ପଟ୍ଟାମୁଣ୍ଡାଇ,୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଅମିତାଭ ସ୍ୱାଇଁ- ଓଡିଶା ପ୍ରମୁଖ ଅଙ୍ଗ ଭାବେ ପରିଚିତ ପଟ୍ଟାମୁଣ୍ଡାଇ(ସଂ)ବିଧାନସଭା ଆସନ ୧୯୫୧ରୁ ଓଡିଶାର ରାଜନୈତିକ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସିଥିଲା । ସୀମା ନିର୍ଦ୍ଧାରଣ କମିଟି ସୁପାରିଶ କ୍ରମେ ୨୦୦୮ ଡିଲ-ଲିମିଟେସନ ବେଳେ ପଟ୍ଟାମୁଣ୍ଡାଇ ବିଧାନସଭା ଆସନକୁ ବିଲୁପ୍ତ କରିଦିଆଗଲା । ସମ୍ବିଧାନିକ ନିତି ନିୟମ ଓ ଉଦ୍ଦେଶ୍ୟକୁ ଭୁଲି ସୀମା ନିର୍ଦ୍ଧାରଣ କମିଟି ଜନସଂଖ୍ୟାର ସମାନ ଅଂଶକୁ ପ୍ରତିନିଧିତ୍ୱ କରୁଥିବା ଓ ଭୌଗୋଳିକ କ୍ଷେତ୍ରଗୁଡ଼ିକର ନିରପେକ୍ଷ ବିଭାଜନ ସୁନିଶ୍ଚିତ କରୁଥିବା ପଟ୍ଟାମୁଣ୍ଡାଇ ବିଧାନସଭା ଆସନକୁ ଉଚ୍ଛେଦ କରିଦେବା ପଟ୍ଟାମୁଣ୍ଡାଇବାସୀଙ୍କ ଭାବାବେଗକୁ କୁଠାରଘାତ କରିଛି । ଯାହା ରାଜନୈତିକ ଓ ପ୍ରଶାସନିକ ଚକ୍ରାନ୍ତର ଶିକାର ହୋଇଥିବା ନେଇ ସେତେବେଳେ ଆଲୋଚନା ମଧ୍ୟ ହୋଇଥିଲା । ପଟ୍ଟାମୁଣ୍ଡାଇ ଓ ଆଳି ବ୍ଲକର ବିଭିନ୍ନ ସଂଗଠନ ଏହାର ବୋରୋଧ କରିଥିଲେ ମଧ୍ୟ ସେମାନ ମତାମତଙ୍କୁ ଉପେକ୍ଷା କରାଯାଇ ପଟ୍ଟାମୁଣ୍ଡାଇକୁ ଭାଗଭାଗ କରି କେନ୍ଦ୍ରାପଡା, ଆଳି ଓ ରାଜନଗର ବିଧାନସଭା ଆସନ ସହିତ ମଶାଇ ଦିଆଗଲା । ଫଳରେ ପଟ୍ଟାମୁଣ୍ଡାଇ ତାର ସତା ହରାଇ ଅବହୋଳିତ ହୋଇଆସୁଛି । ଡି-ଲିମିଟେସନ କମିଟି ଯେଉଁ ନଷ୍ପତି ନେଇଥିଲେ ତାହା ଏକ ଅଗଣତାନ୍ତ୍ରୀକ ଓ ଅସାମ୍ବିଧାନିକ ନିୟମ ଅଟେ ବୋଲି ଓଡିଶା ଏକ୍ସପ୍ରେସ ପଟ୍ଟାମୁଣ୍ଡାଇ ପ୍ରତିନିଧି ଅମିତାଭ ସ୍ୱାଇଁକୁ ଏକ ପ୍ରେସ ବିବୃତୀ ଦେଇ କଟକ ହାଇକୋର୍ଟର ବରିଷ୍ଠ ଆଇନଜୀବୀ କ୍ଷୀରୋଦ ପ୍ରଧାନ କ୍ଷୋଭ ପ୍ରକାଶ କରିବା ସହିତ ପଟ୍ଟାମୁଣ୍ଡାଇର ହୃତ ଗୌରବ ଓ ସ୍ୱାଭିମାନର ପୁନଃ ପ୍ରତିଷ୍ଠା ପାଇଁ ଆଗାମି ସିମା ପୁନଃନିର୍ଦ୍ଧାରଣ ସମୟରେ ପଟ୍ଟାମୁଣ୍ଡାଇକୁ ଗୁରୁତ୍ୱଦେଇ ପୁନଃ ବିଧାନସଭା ଆସନ ପ୍ରତିଷ୍ଠା କରାଇବାକୁ ସେ ଦାବୀ କରିଛନ୍ତି ।

ସେ କହିଛନ୍ତି ସଂପ୍ରତି କେନ୍ଦ୍ରାପଡା ଜିଲ୍ଲାର ସର୍ବ ବୃହତ ବାଣିଜ୍ୟକ କେନ୍ଦ୍ର ଭାବେ ସାରା ଓଡିଶାରେ ପଟ୍ଟାମୁଣ୍ଡାଇ ପରିଚୟ ସୃଷ୍ଟି କରିଛି । ଏହା ଜାତୀୟ ଉଦ୍ୟାନ ଭିତରକନୀକାର ପ୍ରବେଶପଥ ହୋଇଥିବା ବେଳେ ଦେଶ ବିଦେଶର ପର୍ଯ୍ୟଟକମାନେ ଏଠାରେ ଅବସ୍ଥାପିତ କରନ୍ତି । ପଟ୍ଟାମୁଣ୍ଡାଇର ଭୋଟର ଓ ଲୋକସଂଖ୍ୟା ଓ ଭୌଗଳିକ ସ୍ଥିତି ଅନୁଯାୟୀ ଏକ ବିଧାନସଭା ଆସନ ପାଇଁ ଉପଯୁକ୍ତ ଅଟେ । ହେଲେ ଗତ ଡି-ଲିମିଟେସନ କମିଟି ୨୦୦୮ ମସିହାରେ ଯେଉଁ ନିଷ୍ପତ୍ତି ନେଇଥିଲେ ତାହା ସାମ୍ବିଧାନିକ ନିୟମର ବିରୋଧ । ଡି-ଲିମିଟେସନର ବିଧିବ୍ୟବସ୍ଥାରେ ଏକ ବିଧାନସଭା ଆସନ ପାଇଁ ଯେଉଁ ୫ଟି ନିୟମାବଳୀ ରହିଛି । ସେଥିରେ ସିମିତ ଜନସଂଖ୍ୟା, ଜିଲ୍ଲାର କେନ୍ଦ୍ରସ୍ଥଳୀ, ଗମନାଗମନ ସୁବିଧା, ଭୌଗଳିକ ସ୍ଥିତି ଓ ରାଜ୍ୟ କିମ୍ବା ଜିଲ୍ଲାର ସିମା ହୋଇଥିବା ଆବଶ୍ୟକ । ଏହି ନିୟମ ପ୍ରଦାପ୍ରଣ କରୁଥିବା ବିଧାନସଭା ଆସନକୁ ଡି-ଲିମିଟେସନ କମିଟି ଉଚ୍ଛେଦ କରିପାରିବେ ନାହିଁ । ତେବେ ଉକ୍ତ ୫ଟିରୁ ଚାରିଟି ନିୟକୁ ପଟ୍ଟାମୁଣ୍ଡାଇ ବିଧାନସଭା ଆସନରେ ପ୍ରଯୁର୍ଯ୍ୟଥିବା ବେଳେ ଶେଷ ନିୟମଟି ପଟ୍ଟାମୁଣ୍ଡାଇ ପାଇଁ ଉପଯୁକ୍ତ ନଥିଲା । କିନ୍ତୁ ୪ଟି ନିୟମ ପଟ୍ଟାମୁଣ୍ଡାଇ ପ୍ରତି ଉପଯୁକ୍ତ ଥିବାବେଳେ ଡି-ଲିମିଟେସନ କମିଟି କିଭଳି ଭାବେ ନିଜର କ୍ଷମତା ଅପପ୍ରୟୋଗ କରି ନିର୍ବାଚନ ମଣ୍ଡଳୀକୁ ଉଚ୍ଛେଦ କଲେ ତାହା ଅଗଣତନ୍ତ୍ରୀକ ପଦ୍ଧତି ବୋଲି ସେ କହିଥିଲେ ।

ସଂପ୍ରତି ସିମାନିର୍ଦ୍ଧାର କମିଟି ନିୟମ ଅନୁଯାଇ ଜନସଂଖ୍ୟା ଦୃଷ୍ଟିରୁ ପଟ୍ଟାମୁଣ୍ଡାଇ ଆସନରେ ୧ ଲକ୍ଷ ୭୬ ହଜାର ୪୯୪ ଭୋଟର ଥିବାବେଳେ ରାଜନଗରରେ ୧.୭୬.୪୦୪, କେନ୍ଦ୍ରାପଡାରେ ୧.୬୬.୫୩୬, ପଟକୁରାରେ ୧.୭୩.୩୧୧ ଓ ଆଳିରେ ୧.୮୫.୮୯୪ ଭୋଟର ଅଛନ୍ତି । ପଟ୍ଟାମୁଣ୍ଡାଇ ଭୋଟର ସଂଖ୍ୟା ସବାଗ୍ରେ ୨ୟ ସ୍ଥାନ ଥିବା ବେଳେ କିଭଳି ଭାବେ ପଟ୍ଟାମୁଣ୍ଡାଇ ପ୍ରତି ଅବିଚାର କରାଯାଇଛି ତାହା କାହାର ଚକ୍ରାନ୍ତ ବୋଲି ସ୍ପଷ୍ଟ ପ୍ରମାଣିତ କରୁଛି । ଦ୍ୱିତୀୟ ଏହା ଜିଲ୍ଲାର ମଧ୍ୟସ୍ଥଳୀରେ ଅବସ୍ଥିତ । ତୃତୀୟରେ ଜିଲ୍ଲାର କେନ୍ଦ୍ରସ୍ଥଳୀରେ ପଟ୍ଟାମୁଣ୍ଡାଇ ରହିଥିବାରୁ ଗମନାଗମନ ପାଇଁ ରାଜନଗର, ଆଳି, ରାଜକନିକା, ମହାକାଳପଡାବାସୀ ନିର୍ଭର କରନ୍ତି । ଏଠାରେ ଏଡିଜେ କୋର୍ଟ ସମେତ ୪ଟି ଅଦାଲତ ରହିଥିବା ବେଳେ ପଞ୍ଚଟି ମହାବିଦ୍ୟାଳୟ, ୨ଟି ମହିଳା ମହାବିଦ୍ୟାଳୟ, ୨ଟି ସରକାରୀ ଆଇଟିଆଇ, ୨୧ ଜାତୀୟ ବ୍ୟାଙ୍କ ଓ ଉପଖଣ୍ଡସ୍ତରୀୟ ସମସ୍ତ ସରକାରୀ କାର୍ଯ୍ୟାଳୟ ଅବସ୍ଥିତଅଛି । ଚତୁର୍ଥ ଭୌଗଳିକ ଦୃଷ୍ଟି କୋଣରୁ ଏହାର ଉତର-ପୂର୍ବ ଦିଗରେ ବ୍ରାହ୍ମଣୀ ନଦୀ, ପୂର୍ବ-ଦକ୍ଷୀଣରେ ଖରସ୍ରୋତା, ଦକ୍ଷୀଣ-ପଶ୍ଚିମରେ ଗୋବରୀନଦୀ ଓ ପଶ୍ଚିମ-ଉତ୍ତରରେ ବିରୁପାନଦୀର ଚତୃପାର୍ଶ୍ୱରେ ପଟ୍ଟାମୁଣ୍ଡାଇ ଏକ ବିଶାଳ ଭୂଖଣ୍ଡଭାବେ ପ୍ରତିପାଦନ କରିଆସୁଛି । ସିମା ନର୍ଦ୍ଧାରଣର ୫ମ ନିୟମକୁ ଏହା ରାଜ୍ୟ ଶେଷ ସୀମାକୁ ସଂଲଗ୍ନ କରୁନାହିଁ । ମାତ୍ର ଏହି ନିୟମାବଳୀକୁ ଅନୁଧ୍ୟାନ କଲେ ପଟ୍ଟାମୁଣ୍ଡାଇ ନର୍ବାଚନ ମଣ୍ଡଳୀକୁ ଉଚ୍ଛେଦ କରିବାର କୌଣସି ଯଥାଥତା ନଥିବା ସତ୍ତ୍ୱେ କିଭଳି ଭାବେ ଉଚ୍ଛେଦ କରାଗଲା ତାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି ।

ସଂପ୍ରତି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୩୧ଟି ପଞ୍ଚାୟତ ଓ ୨୦ଟି ଓାର୍ଡକୁ ନେଇ ପୌରପରିଷଦର ଭୋଟର ସଂଖ୍ୟା ୨ ଲକ୍ଷ ୧୯ ହଜାରରୁ ଅଧିକଅଛନ୍ତି । ଯଦି ଆଳିର ୧୦ ପଞ୍ଚାୟତକୁ ମିଶାଇବା ତେବେ ତାହା ୨.୭୦କୁ ଅତିକ୍ରମ କରିବ । ଯାହା ଏକ ନୂତନ ବିଧାନସଭା ଆସନ ଗଠନ ପାଇଁ ପ୍ରଯୁଜ୍ୟ । ସରକାର ଓ ଡି-ଲିମିଟେସନ କମିଟି ଅଗ୍ରାଧିକାର ଭିତିରେ ପଟ୍ଟାମୁଣ୍ଡାଇରେ ପୁନଃବିଧାନସଭା ଆସନ ପ୍ରତିଷ୍ଠା କରନ୍ତି ତାହାହେଲେ ଉଭୟ ବ୍ଲକର ୪୧ ପଞ୍ଚାୟତ ସମେତ ପୌରାଞ୍ଚଳବାସୀ ଉପକୃତ ହେବେ । ଯଦି ଉକ୍ତ ବିଷୟ ପ୍ରତି ଉପେକ୍ଷା କରନ୍ତି ତେବେ ଆଗାମିଦିନରେ ଏକ ଜନଆନ୍ଦୋଳନ ଦେଖାଦେବ ବୋଲି ସେ ପ୍ରକାଶ କରିଛନ୍ତି ।

# ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସପିଂ ଅର୍କେଡ଼ କର୍ଣ୍ଣିଭାଲ

**କଟକ,୨୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ମହାନଗର ନିଗମ ଅନ୍ତର୍ଗତ ଦରଘାବଜାର ଠାରେ ଅବସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସପିଙ୍ଗ ଅର୍କେଡ଼ରେ ପ୍ରାୟ ଏକ ମାସରୁ ଉର୍ଦ୍ଧ୍ୱ ଚାଲିଥିବା ଅର୍କେଡ଼ କର୍ଣ୍ଣିଭାଲ, ମହାଆଡମ୍ବରର ସହିତ ସମାପ୍ତ ହୋଇଯାଇଛି । ୨୦୨୫ ଡିସେମ୍ବର ୨୦ ତାରିଖରୁ, ୨୬ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ପ୍ରାୟ ଏକ ମାସ ବ୍ୟାପି ଚାଲିଥିବା ଉକ୍ତ ଉତ୍ସବରେ ସଂଗୀତ, ନୃତ୍ୟ, ଫ୍ୟାସନ ସୋ, ସାଂସ୍କୃତିକ କାର୍ଯକ୍ରମ, ବିଭିନ୍ନ ପ୍ରତିଯୋଗିତା, କ୍ରୀଡା ଓ ମନୋରଞ୍ଜନାତ୍ମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯାହାକି ସମସ୍ତ ବର୍ଗର ଲୋକଙ୍କ ମନକୁ ମୋହିଥିଲା । ଏହି କାର୍ଯକ୍ରମରେ ବିଶେଷ ଆକର୍ଷଣ ଥିଲା, 'ନେତାଜୀ ଷ୍ଟାର ଟ୍ୟାଲେଣ୍ଟ-୨୦୨୬', ଯାହାଦ୍ୱାରା ଉଦୟମାନ ପ୍ରତିଭାମାନେ ନିଜର ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇପାରିଥିଲେ । ନେତାଜୀ ଜୟନ୍ତୀ ଉପଲକ୍ଷେ ଏକ ବିଶାଳ ସ୍ୱଚ୍ଛାକୃତ ରକ୍ତଦାନ ଶିବିରର ମଧ ଆୟୋଜନ କରାଯାଇଥିଲା । ଗଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ, ଅତିଥି ସମ୍ମାନ ଓ ପୁରସ୍କାର ବିତରଣୀ ସମାରୋହ ହୋଇ କର୍ଣ୍ଣିଭାଲର ସମାପ୍ତି ଘୋଷଣା କରାଯାଇଥିଲା । ଉକ୍ତ ଅର୍କେଡ଼ କାର୍ଣ୍ଣିଭାଲର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ସମସ୍ତଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ କରିବା, ସ୍ଥାନୀୟ ପ୍ରତିଭାକୁ ବିକଶିତ କରାଇବା ଓ ସାଂସ୍କୃତିକ, ଦେଶଭକ୍ତି ଏବଂ ସାମାଜିକ ଦାୟିତ୍ୱବୋଧର ଜାଗରଣ କରାଇବା, ଯାହାକି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଫଳ ହୋଇପାରିଛି । ଏହି ଅବସରରେ ଅନ୍ତିମ ଦିବସରେ, ଏନଏସସିବି ଅର୍କେଡ଼ ଦୋକାନୀ ସଂଘର ଅଧ୍ୟକ୍ଷ ତପନ କୁମାର ମହାନ୍ତି ଏନଏସସିବି ଅର୍କେଡ଼ ଦୋକାନୀ ସଂଘର ସଭାପତି ଚେତନ କୁମାର ଟେକବ୍ରିୱାଲ, ଏନଏସସିବି ଦୋକାନୀ ସଂଘର କାର୍ଯ୍ୟକର୍ତ୍ତା ଅଜୟ କୁମାର ଚୌଧୁରୀ ବରଣ୍ୟ ଅତିଥିମାନଙ୍କ ସମେତ ଏନଏସସିବି ଅର୍କେଡ଼ ଦୋକାନୀ ସଂଘର ସମସ୍ତ ମାନ୍ୟଗଣ୍ୟ ସଦସ୍ୟଗଣ ଯୋଗଦାନ କରିଥିଲେ । ଗଣତନ୍ତ୍ର ଦିବସରେ ବିଶେଷ ଆକର୍ଷଣ ଥିଲା, ଓଲିଉଡ଼ କମେଡି କିଙ୍ଗ ପପୁ ପମ୍ପମ ଓ ପ୍ରସିଦ୍ଧ ଗାୟକ ଶଶାଙ୍କ ଶେଖରଙ୍କ ଅଭିନୟ ଓ ସଂଗୀତ, ଯାହାକି ସମସ୍ତଙ୍କୁ ମନୋରଞ୍ଜିତ କରିଥିଲା । ଏନଏସସିବି ଦୋକାନୀ ସଂଘ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ, ପ୍ରଯୋଜକ ଥିଲେ, ଜେଡ ଇଷ୍ଟେଟ ପଇଭେଟ ଲିମିଟେଡ୍, ହର୍ଷପ୍ରିୟା କନଷ୍ଟ୍ରକସନ ପ୍ରାଇଭେଟ ଲିମିଟେଡ୍, କେଶରୀ ଇଷ୍ଟେଟ ପ୍ରାଇଭେଟ ଲିମିଟେଡ୍ । ସହଯୋଗୀ ଥିଲେ, ଆରଏନ କ୍ରିଏସନ, ଭିକି ଡାନ୍ସ ସ୍କୁଲ । ମଲ ମ୍ୟାନେଜର ସଞ୍ଜୟ କୁମାର ଦାସ ଓ ଯଶମନ୍ତ କୁମାର ଶତପଥୀଙ୍କ ସମେତ ସମସ୍ତ କର୍ମଚାରୀ ଓ ଦୋକାନ ମାଲିକଙ୍କ ସହଯୋଗ ପାଇଁ, ଆୟୋଜକମାନେ କୃତଜ୍ଞତା ଜଣାଇଥିଲେ ।

# ବରିଷ୍ଠ ଟ୍ରେନ୍ ମ୍ୟାନେଜର୍ ତ୍ରିନାଥ ସାହୁ ଜଣେ ସାହସୀ ବ୍ୟକ୍ତିଥିଲେ

**• ମୂରଲୀଧର ସାହୁ •**

ବରିଷ୍ଠ ଟ୍ରେନ୍ ମ୍ୟାନେଜର ତ୍ରିନାଥ ସାହୁ ଥିଲେ ଜଣେ ସାହାସୀ, ପରୋପକାରୀ ଓ ଖୁସିବାସିଆ ମଣିଷ । ଛାତ୍ର ଜୀବନରୁ ଏନ୍.ସି.ସି. କ୍ୟାଡେଟ୍ ଭାବେ ଖୁବ୍ ସୁନାମ ଅର୍ଜନ କରିଥିଲେ ଦିଲ୍ଲୀ ଲାଲ୍‌କିଲ୍ଲାରେ ସାଧାରଣତନ୍ତ୍ର ଦିବସ ଅବସରରେ ଓଡ଼ିଶା ଏନ୍.ସି.ସି. ଅଧିକାରୀଙ୍କ ପ୍ୟାରେଡ୍‌ର ନେତୃତ୍ୱ ନେଇଥିଲେ । ଜଣେ ଉତ୍ତମ କ୍ରୀଡ଼ାବିତ୍ ଭାବେ ତାଙ୍କର ଅନେକ ସୁଖ୍ୟାତି ଥିଲା । ୧୯୫୭ ମସିହାରେ ତତ୍କାଳୀନ ଦକ୍ଷିଣ-ପୂର୍ବ ରେଳପଥରେ ଟ୍ରେନ୍‌ଗାର୍ଡ ଭାବେ ଯୋଗଦାନ କରିଥିଲେ । ଜଣେ ନିଷ୍ଠାବାନ୍, ସଚ୍ଚୋଟ ଓ କର୍ମଠ ରେଳ କର୍ମଚାରୀ ଭାବେ ଡିଭିଜନ୍ ଓ ଜୋନାଲ୍‌ସ୍ତରରେ ପୁରସ୍କୃତ ହେବା ସହ ବରିଷ୍ଠ ପ୍ରଶାସକମାନଙ୍କ ପ୍ରଶଂସା ଭାଜନ ହୋଇଥିଲେ । ଛଅଫୁଟ ଦୁଇ ଇଞ୍ଚ ଉଚ୍ଚତା ବିଶିଷ୍ଟ ସୁନ୍ଦର ସ୍ୱାସ୍ଥ୍ୟବାନ ବ୍ୟକ୍ତି ସ୍ୱର୍ଗତ ସାହୁ ସର୍ବଦା ନିଜର ୟୁନିଫର୍ମର ରହୁଥିଲେ, ଯେଉଁଥିପାଇଁ ତାଙ୍କ ତତ୍କାଳୀନ ଭାରତୀୟ ରେଳପଥର ମଣ୍ଡଳ ତତ୍ତ୍ୱାବଧାରକ ଇଂରେଜ ସାହେବ ଜେରାଥ ତାଙ୍କୁ ଉଚ୍ଚ ପ୍ରଶଂସିତ କରିଥିଲେ । ତାଙ୍କର ବ୍ୟକ୍ତିତ୍ୱ ଓ କର୍ତ୍ତବ୍ୟନିଷ୍ଠା ନିମନ୍ତେ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନରେ ଯେତେ ସବୁ ରେଳମନ୍ତ୍ରୀ, ମହାପ୍ରବନ୍ଧକ ସ୍ତରୀୟ ଟ୍ରେନ୍ ଚଳାଚଳ ଶୁଭାରମ୍ଭରେ ନିକଟରେ ରଖିବା ସହ ସେହି ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍ ପରିଚାଳନା ଦାୟୀତ୍ୱ ଦେଉଥିଲେ । ସେ ସର୍ବଦା ନିଜର କନିଷ୍ଠ କର୍ମଚାରୀମାନଙ୍କୁ ଶ୍ରଦ୍ଧା କରିବା ସହ କର୍ତ୍ତବ୍ୟ ସମ୍ପାଦନାରେ ଶିକ୍ଷା ଓ ସହଯୋଗ କରୁଥିଲେ । ତାଙ୍କର ୩୬ ବର୍ଷ ଗାର୍ଡ଼ ଓ ଟ୍ରେନ୍ ମ୍ୟାନେଜର୍ ଚାକିରୀ ସମୟରେ ତାଙ୍କ ପରିଚାଳିତ ଟ୍ରେନ୍‌ର କେବେ ଦୁର୍ଘଟଣା ଘଟିନାହିଁ । ତାଙ୍କ ଚାକିରୀ ଜୀବନରେ ଟ୍ରେନ୍ ଦୁର୍ଘଟଣା କେବେ ସେ ଅନୁଭବ କରିନାହାନ୍ତି । ଖୋର୍ଦ୍ଧା ଓ ଖଡ଼ଗପୁର ରେଳଶାଖାରେ ସେ ଟ୍ରେନ୍ ଗାର୍ଡ଼ ଦାୟୀତ୍ୱରେ ଥିବା ସମୟରେ ତାଙ୍କ ଟ୍ରେନ୍‌ରେ କୌଣସି ଟ୍ରେନ୍ ଦୁର୍ଘଟଣା ହୋଇ ନଥିବାରୁ ଖଡଗ୍‌ପୁର ଡିଭିଜନ୍‌ର ତତ୍‌କାଳନ ବରିଷ୍ଠ ଅପେରଟିଙ୍ଗ୍ ମ୍ୟାନେଜର ଗୁରୁଚରଣ ରୟ ତାଙ୍କୁ ପୁରସ୍କୃତ କରିବା ସହ ଉଚ୍ଚ ପ୍ରଶଂସା କରିଥିଲେ ।

ସ୍ୱର୍ଗତ ସାହୁ ତାଙ୍କ ଚକ୍ଷୁଦାନ କରିଥିଲେ କିନ୍ତୁ ୯୧ ବର୍ଷ ହୋଇଥିବାରୁ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ନିଜେ ସର୍ବଦା ସ୍ୱାସ୍ଥ୍ୟ ସଚେତନ ଓ ସ୍ୱାସ୍ଥ୍ୟବାନ ରହିବା ସହ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସଚେତନତା ଶିକ୍ଷା ପ୍ରଦାନ କରୁଥିଲେ । "ସ୍ୱାସ୍ଥ୍ୟ ହିଁ ସମ୍ପଦ" ଥିଲା ତାଙ୍କ ଜୀବନର ମୂଳମନ୍ତ୍ର । ଖଲିକୋଟ୍ କଲେଜରୁ ସ୍ନାତକ ଡିଗ୍ରୀ ଶେଷ କରି ସ୍ୱର୍ଗତ ସାହୁ ରେଳପଥରେ ଯୋଗଦାନ କରି ୧୯୯୩ ମସିହାରେ ଅବସର ଗ୍ରହଣ କରିଥିଲେ । ଅବସରପରେ ସେ ବ୍ରହ୍ମପୁରର ବିଜିପୁର ଓ ଅନ୍ୟାନ୍ୟ ଅଞ୍ଚଳରେ ବିଭିନ୍ନ ସାମାଜିକ ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ । ନିଜ ଦୁଇଭାଇଙ୍କୁ ମଣିଷ କରିବା ସହ ପରିବାରର ମା ଭିତିସ୍ତମ୍ଭ ଥିଲେ । ତାଙ୍କ ପୈତୃକ ଗ୍ରାମ ଭାଲବା ଠାରେ ଥିବା ନରସିଂହ ଭଗବାନ ମନ୍ଦିର କମିଟିର ସଭାପତି ଥିଲେ । ବୃକ୍ଷ ରୋପଣଠାରୁ ଆରମ୍ଭ କରି ବିଭିନ୍ନ ଧାର୍ମିକ କାର୍ଯ୍ୟରେ ଚଳଚଞ୍ଚଳ ଥିଲେ ।

ଏହି ସୁନ୍ଦର, ସ୍ୱାସ୍ଥ୍ୟବାନ, ପରୋପକାରୀ ବ୍ୟକ୍ତି ଚଳିତମାସ ୨୦ ତାରିଖରେ ଇହଧାମ ତ୍ୟାଗ କଲେ । ମୃତ୍ୟୁ ବେଳକୁ ତାଙ୍କ ନିକଟରେ ତାଙ୍କ ଦୁଇ ସାନଭାଇ, ଭାରତୀୟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଜନସମ୍ପର୍କ ଅଧିକାରୀ ମୂରଲୀଧର ସାହୁ ଓ ଅବସରପ୍ରାପ୍ତ ଡିଫେନ୍‌ସ କର୍ମଚାରୀ ଓ ଜାତୀୟସ୍ତରର କ୍ରୀଡ଼ାବିତ୍ ହେମନ୍ତ କୁମାର ସାହୁଙ୍କ ସହ ପୁଅ କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ାଶିକ୍ଷକ ଈଶ୍ୱରୀ ପ୍ରସାଦ ସାହୁ ଏବଂ ବୋହୁ ସୁନୀତା, ଝିଅ ମଣୀମାଳା, ଜ୍ୱାଇଁ ମୃତ୍ତିକା ସଂରକ୍ଷଣ ବିଭାଗର ଉପ ନିର୍ଦ୍ଦେଶକ ରବି କୁମାର ସାହୁ, ନାତି ଅମିତ୍ ଏବଂ ଡକ୍ଟର ଗୌରବ ଏବଂ ନାତୁଣୀମାନେ ଉପସ୍ଥିତ ଥିଲେ । ତାଙ୍କୁ ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା ।




୩୭୮, ନର୍ଦନ ହାଇଟ୍,ନନ୍ଦନ ବିହାର, ପଟିଆ
ଭୁବନେଶ୍ୱର,ମୋ- ୮୦୯୩୬୭୫୯୧୪

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୩୦ ଜାନୁଆରୀ ୨୦୨୬ ● ଶୁକ୍ରବାର


## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଂଚଳରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଏହି ବ୍ଲକ ବାଘମାରୀ ପଚାଂୟତ ଅମରାବତୀ ଗ୍ରାମର ଅରବିନ୍ଦ ମାଇତିଙ୍କ ପୁଅ ମାନସ ମାଇତି (୨୩)ବୁଧବାର ରାତିରେ ରଶି ଲଗାଇ ଦେଇଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ । ପାରିବାରିକ କଳହକୁ କେନ୍ଦ୍ର କରି ମାନସ ଆତ୍ମହତ୍ୟା କରିଥିବା ନେଇ ପିତା ଅରବିନ୍ଦ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ୩/ ୨୬ରେ ଅପମୃତ୍ୟୁ ମାମଲା ରୁଜୁ କରି ବବ୍ୟବଚ୍ଛେଦ ପାଇଁ ପଠାଇଛି । ଅରବିନ୍ଦଙ୍କ ଏକମାତ୍ର ପୁଅ ଥିଲେ ମାନସ ।

## ସୋଆ-ସିୟୁଓ ମଧ୍ୟରେ ଗବେଷଣା ନିମନ୍ତେ ଏମ୍ଓୟୁ




**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ମଧ୍ୟରେ କୃଷି ବିଜ୍ଞାନ କ୍ଷେତ୍ରରେ ଶୈକ୍ଷିକ, ଗବେଷଣାତ୍ମକ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସହଭାଗିତାକୁ ନେଇ ଏଠାରେ ବୁଧବାର ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି ।

ବୁଝାମଣା ଅନୁଯାୟୀ ସୋଆ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୃଷି ଏବଂ ତତ୍‌ସଂଲଗ୍ନ ବିଭିନ୍ନ କ୍ଷେତ୍ରରେ ଗବେଷଣା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ନେଇ ମିଳିତ ଭାବେ କାର୍ଯ୍ୟ କରିବେ । ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ମଧ୍ୟରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଥିଲା ।

ଏହି ଅବସରରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଏଗ୍ରିକଲ୍‌ଚରାଲ ଏକ୍ସଟେନ୍‌ସନ୍ ଆଣ୍ଡ କମ୍ୟୁନିକେସନ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ବିବୁଧ ପରାଶର, ଆସୋସିଏଟ ପ୍ରଫେସର (ଡକ୍ଟର) ଅଂଶୁମାନ ଜେନା, ଏଗ୍ରୋନୋମି ବିଭାଗର ଆସୋସିଏଟ ପ୍ରଫେସର (ଡକ୍ଟର) ଶୁଭପ୍ରଦ ଦାଶ ଓ ଆଡମିନିଷ୍ଟ୍ରେଟିଭ ଅଫିସର ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ଥିଲେ । ସେହିପରି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୃଷି ବିଭାଗ ମୁଖ୍ୟ ତଥା ଆସୋସିଏଟ୍ ପ୍ରଫେସର ଡକ୍ଟର ମୁଶ୍ରୀ ସିଂହ ଏବଂ ଦୁଗ୍ଧ ବିଜ୍ଞାନ ବିଭାଗ ମୁଖ୍ୟ ତଥା ଆସୋସିଏଟ ପ୍ରଫେସର ଡକ୍ଟର ସୟ କେ. ପ୍ରଧାନ ବୁଝାମଣା ସ୍ୱାକ୍ଷର ସମୟରେ ଉପସ୍ଥିତ ଥିଲେ ।

ବୁଝାମଣା ଅନୁଯାୟୀ ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ଏବଂ ବୈଜ୍ଞାନିକଙ୍କ ମଧ୍ୟରେ ମେଥୋଡଲଜି, ଟେକ୍ନୋଲଜି, ବିଜ୍ଞାନ ଏବଂ ସୂଚନାର ଆଦାନପ୍ରଦାନ ହେବ । ଏଥି ସହିତ ଦୁଇଟି ଅନୁଷ୍ଠାନ ମଧ୍ୟରେ ଲାବୋରେଟୋରୀ ସୁବିଧା ମଧ୍ୟ ବ୍ୟବହାର କରାଯିବାର ନିଷ୍ପତି ନିଆଯାଇଛି ।

## ୨ ହଜାର କୋଟିର ଯାତ୍ରୀ ରାଜସ୍ୱ ଆୟ କରିଛି ପୂର୍ବତଟ ରେଳପଥ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ରେକର୍ଡ ୨୯୯ ଦିନ ମଧ୍ୟରେ ଯାତ୍ରୀ ରାଜସ୍ୱ ଆୟରେ ୨୦୦୦ କୋଟି ଅତିକ୍ରମ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି, ଯାହା ସମଗ୍ର ଜୋନରେ ଯାତ୍ରୀ ଯାତାୟାତରେ ନିରନ୍ତର ଅଭିବୃଦ୍ଧି ଏବଂ ଉନ୍ନତ ରେଳ ସେବାକୁ ପ୍ରତିଫଳିତ କରୁଅଛି । ଏହି ସଫଳତା ବର୍ଷକ୍ରମେ ହେଉଥିବା ଲଗାତାର ଉନ୍ନତିକୁ ଦର୍ଶାଉଛି । ଆହୁରିମଧ୍ୟ, ପୂର୍ବତଟ ରେଳପଥ ୨୦୨୪-୨୫ ରେ ୩୦୮ ଦିନ, ୨୦୨୩-୨୪ରେ ୩୩୧ ଦିନ ଏବଂ ୨୦୨୨-୨୩ ରେ ୩୬୫ ଦିନରେ ୨,୦୦୦ କୋଟି ଅତିକ୍ରମ କରିଥିଲା, ଯାହା ବର୍ଦ୍ଧିତ ଯାତ୍ରୀ ବିଶ୍ୱାସ ଏବଂ ସୁରକ୍ଷା, ସମୟାନୁବର୍ତ୍ତିତା ଏବଂ ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଜୋନର କେନ୍ଦ୍ରିତ ପ୍ରୟାସକୁ ସ୍ପଷ୍ଟ କରୁଛି । ଯାତ୍ରୀ ରାଜସ୍ୱରେ ବୃଦ୍ଧି ଯାତ୍ରୀ ଜୋନଦ୍ୱାରା ନିଆଯାଇଥିବା ଅନେକ ଯାତ୍ରୀ କୈନ୍ଦ୍ରିକ ପଦକ୍ଷେପ ଦ୍ୱାରା ପରିଚାଳିତ ହୋଇଛି । ଡିଜିଟାଲ୍ ଟିକେଟିଂ ପ୍ଲାଟଫର୍ମର ବିସ୍ତାର, ଉନ୍ନତ ଷ୍ଟେସନ ସୁବିଧା ସହିତ ଯାତ୍ରୀ ସୁବିଧା ଏବଂ ଯାତ୍ରା ଅଭିଜ୍ଞତାର ନିରନ୍ତର ଉନ୍ନତିକରଣ ରେଳ ଯାତ୍ରାକୁ ଅଧିକ ସୁବିଧାଜନକ ଏବଂ ସମାବେଶୀ କରିଛି । ପାର୍ବଣ ଋତୁ ଚାହିଦା ପୂରଣ କରିବା ପାଇଁ, ପର୍ବ ଏବଂ ଛୁଟିଦିନଗୁଡ଼ିକରେ ୧,୫୨୩ଟି ସ୍ୱତନ୍ତ୍ର ଟ୍ରେନ୍ ପରିଚାଳିତ ହୋଇଥିଲା । ନିରନ୍ତର ସେବା ବୃଦ୍ଧି ପାଇଁ ୧୯ଟି କୋଚ୍ ସ୍ଥାୟୀ ଭାବରେ ଯୋଡିବା ସହିତ ୪,୦୫୦ଟି ଅତିରିକ୍ତ କୋଚ୍ ସହିତ ୨୦୦ଟି ମେଲ୍/ଏକ୍ସପ୍ରେସ୍ ଟ୍ରେନ୍ ବୃଦ୍ଧି କରି କ୍ଷମତାକୁ ଆହୁରି ସୁଦୃଢ଼ କରାଯାଇଥିଲା । ଯାତ୍ରା ସୁରକ୍ଷା ଏବଂ ସୁବିଧା ବୃଦ୍ଧି ପାଇଁ ଚାଲିଥିବା ପ୍ରୟାସର ଅଂଶ ଭାବରେ, ଚଳିତ ଆର୍ଥିକ ବର୍ଷରେ ଏଲଏଚବି ରେକ୍ ସହିତ ଦୁଇଟି ଟ୍ରେନ୍ ପ୍ରଚଳନ କରାଯାଇଥିଲା । ତିନୋଟି ନୂତନ ଏକ୍ସପ୍ରେସ୍ ସେବା-ବୌଦ୍ଧ-ଭୁବନେଶ୍ୱର-ବୌଦ୍ଧ ଏକ୍ସପ୍ରେସ୍, ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ଏକ୍ସପ୍ରେସ୍, ଏବଂ ବ୍ରହ୍ମପୁର-ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ୍ ପ୍ରଚଳନ ସହିତ ନେଟୱାର୍କ ସମ୍ପ୍ରସାରଣ ଏବଂ ଉନ୍ନତ ଯୋଗାଯୋଗ ହାସଲ କରାଯାଇଥିଲା । ୨୧ଟି ଟ୍ରେନ୍‌କୁ ଅତିରିକ୍ତ ଷ୍ଟପେଜ୍ ପ୍ରଦାନ କରି, ତିନି ଯୋଡା ଟ୍ରେନ୍ ସମ୍ପ୍ରସାରଣ କରି ଏବଂ ଗୋଟିଏ ଯୋଡା ଟ୍ରେନ୍‌ର ଫ୍ରିକ୍ୱେନ୍ସି ବୃଦ୍ଧି କରି ଯାତ୍ରୀଙ୍କ ସୁବିଧାକୁ ଆହୁରି ଉନ୍ନତ କରାଯାଇଥିଲା । ଯାତ୍ରୀ ପରିବହନରେ ଦୃଢ଼ ପ୍ରଦର୍ଶନ ସହିତ, ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷରେ ପଣ୍ୟ ପରିବହନ ଏବଂ ସାମଗ୍ରିକ ଆୟରେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏହି ଜୋନ୍ ୨୦୯.୯୭ ନିୟୁତ ଟନ୍ ରେକର୍ଡ ପଣ୍ୟ ପରିବହନ ହାସଲ କରିଛି, ଯାହା ପୂର୍ବ ବର୍ଷର ସମାନ ସମୟ ତୁଳନାରେ ୧୧% ଅଭିବୃଦ୍ଧି ହାସଲ କରିଛି । ପୂର୍ବତଟ ରେଳପଥ ଏହାର ସବୁଠାରୁ ଦ୍ରୁତତମ ୨୩,୦୦୦ କୋଟି ଟଙ୍କାର ପଣ୍ୟ ପରିବହନ ଆୟ ମଧ୍ୟ ହାସଲ କରିଛି, ଯେତେବେଳେ ମୋଟ ପଣ୍ୟ ପରିବହନ ଆୟ ୨୧,୫୪୩ କୋଟିରୁ ବୃଦ୍ଧି ପାଇ ୨୩,୫୯୫ କୋଟିକୁ ବୃଦ୍ଧି ପାଇଛି, ଯାହା ସାମଗ୍ରିକ ୧୧.୨୧% ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି ।

## 'ନିଶାକୁ ନା' ସଚେତନତା

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ବ୍ଲକ ଅଧିନ ନେତୁଆ ପଞ୍ଚାୟତ ଅଫିସରେ ମିଳିତ ନିଶା ନିବାରଣ ଅଭିଯାନ ଜଳେଶ୍ୱର ଶାଖା ସଂଗଠନ ପକ୍ଷରୁ 'ନିଶାକୁ ନାଁ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ପଞ୍ଚାୟତ ଅଫିସରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜ ସେବୀ ସାବିତ୍ରୀ ଜେନା ସଭାପତିତ୍ୱ କରି ନିଶା ପାନ, ସବୁ ସମସ୍ୟାର ମୁଖ୍ୟ କାରଣ ବୋଲି ଦର୍ଶାଇଥିଲେ । ମୁଖ୍ୟ ଅତିଥି ଭାବେ ସଂଗଠନର ସଭାପତି ଦିଲ୍ଲିପ କୁମାର ଗିରି, ମୁଖ୍ୟ ବକ୍ତା ଭାବେ ଶାଖା ସମ୍ପାଦକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡଃ ଅଜିତ କୁମାର ମହାନ୍ତି, ସମ୍ମାନୀତ ଅତିଥି ଭାବେ ଶୈଳବାଳା ପ୍ରଧାନ, ସମ୍ମାନୀତ ଅତିଥି ଭାବେ ସାବିତ୍ରୀ ଜେନା (ଖ) ଅନ୍ୟତମ ସମ୍ମାନୀତ ଅତିଥି ଭାବେ ସାବିତ୍ରୀ ଜେନା (ଗ) ନିଶା ନିବାରଣ ସମ୍ପର୍କରେ ଆଲୋଚ୍ନା କରିଥିଲେ । ସଭାରେ ବହୁ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଗ୍ରାମବାସୀ, ସଚେତନ ନାଗରିକ ଉପସ୍ଥିତ ହୋଇ ନିଶା ପାନର କୁପରିଣାମ ବିଷୟରେ ସଚେତନ ହୋଇଥିଲେ । ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶିକ୍ଷାର୍ଥୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ପାର୍ଥ ପ୍ରତିମ୍ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ଘରୁ ଚୋରି

**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅଧୀନ ଦିଗାନଗର ଗ୍ରାମର ପଣସିଆ ବଜାର ସ୍ଥିତ ଥିବା ଅବସରପ୍ରାପ୍ତ ଶିକ୍ଷକ ଶତ୍ରୁଘନ ପରିଡାଙ୍କ ବାସଭବନରେ ବୁଧବାର ରାତିରେ ଚୋରି ହୋଇଥିବା ନେଇ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି । ସୂଚନା ମୁତାବକ ଶ୍ରୀ ପରିଡା ଏବଂ ତାଙ୍କ ପରିବାର ସଦସ୍ୟ ବାଲେଶ୍ୱର ଜିଲ୍ଲା କୁରୁଡ଼ା ଅଞ୍ଚଳରେ ତାଙ୍କର ଏକ ନିକଟ ସମ୍ପର୍କୀୟଙ୍କ ବିବାହ ଉତ୍ସବକୁ ଯାଇଥିଲେ । ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ତାଙ୍କ କବାଟ ତାଲା କାଟି ସମସ୍ତ ଆଲମିରା ଭାଙ୍ଗି ନଗଦ ପଞ୍ଚାବନ ହଜାର ଟଙ୍କା ସମେତ ସୁନାରୁପା ଅଳଙ୍କାର ଏବଂ ଅନ୍ୟାନ୍ୟ ଆସବାବ ପତ୍ର ଚୋରି କରିନେଇଛନ୍ତି । ତେବେ ଗୁରୁବାର ସକାଳୁ ତାଙ୍କ ପୁତୁରା ତାଲା ଭଂଗାଯାଇଥିବା ଦେଖି ଶ୍ରୀ ପରିଡାଙ୍କୁ ଏ ବାବଦରେ ଫୋନ୍ ଯୋଗେ ଜଣାଇଥିଲେ । ଶତ୍ରୁଘନ ପରିଡା ଏବଂ ତାଙ୍କ ପରିବାର ସଦସ୍ୟ ଘରକୁ ଫେରିବା ପରେ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ତେବେ ସେ ଏନେଇ ଆଜି ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି । ଏତଲାକୁ ଆଧାର କରି ବୈଶିଙ୍ଗା ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରଖିଛି । ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ସାହାଯ୍ୟରେ ତନାଘନା କରି ଫେରିଛନ୍ତି । ତେବେ ବୈଶିଙ୍ଗା ଥାନା ଅଞ୍ଚଳରେ ଚୋରି ବୃଦ୍ଧି ପାଉଥିବା ବେଳେ ପୁଲିସର ବିଫଳତା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଭୈମୀ ଏକାଦଶୀ: ମାଧବାନନ୍ଦଙ୍କ ପୀଠରେ ଭକ୍ତଙ୍କ ଭିଡ଼

**ନିଆଳି/ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**



ଆଜି ହେଉଛି ପବିତ୍ର ଭୈମୀ ଏକାଦଶୀ । ଚଳଚଞ୍ଚଳ ହୋଇ ଉଠିଛି ମହାପ୍ରଭୁ ଜଗନ୍ନାଥଙ୍କ ମାମୁ ଘର କଟକ ଜିଲ୍ଲା ନିଆଳି ବ୍ଲକ ମାଧବ ଗ୍ରାମସ୍ଥିତ ମାଧବାନନ୍ଦ ଜୀଉଙ୍କ ପୀଠ । ଭୈମୀ ଏକାଦଶୀରେ ପ୍ରାଚୀ ନଦୀରେ ବୁଡ ପକାଇ ମାଧବାନନ୍ଦଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୂଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ନିଆଳିର ଆରାଧ୍ୟ ଦେବତା ମାଧବାନନ୍ଦଙ୍କ ପୀଠରେ ଭୈମୀ ଏକାଦଶୀ ଯାତ୍ରା ପ୍ରତିବର୍ଷ ପରି ଚଳିତ ବର୍ଷ ଆଜି (ଗୁରୁବାର) ଅନୁଷ୍ଠିତ ହୋଇଯାଇଛି ।

ଆଜି ପ୍ରତ୍ୟୁଷରୁ ମାଧବାନନ୍ଦଙ୍କ ନୀତିକାନ୍ତି ସହକାରେ ପୂଜା ଅର୍ଚ୍ଚନା କରାଯାଇଛି । ଭୈମୀ ଏକାଦଶୀ ଦିନରେ ମାଧବାନନ୍ଦଙ୍କ ପାଖେ ଲାଗି ହୋଇଛି ପ୍ରମୁଖ ଭୋଗ ଚୁଡା, ଗୁଡ, ନଡିଆ ଏବଂ କଦଳୀ । ସକାଳ ସମୟରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରାଚୀ ନଦୀରେ ବୁଡ଼ ପକାଇବା ସହ ମାଧବାନନ୍ଦଙ୍କ ନିକଟରେ ଭୋଗ ଲଗାଇଛନ୍ତି । ପ୍ରାଚୀ ନଦୀରେ ବୁଡ଼ ପକାଇଲେ କୋଟି ଜନ୍ମର ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ଯାହାକୁ ନେଇ ରାତ୍ର ୩ଟାଠାରୁ ବୁଡ ପକାଇବା ସହିତ ମାଧବାନନ୍ଦଙ୍କ ଦର୍ଶନ କରିଛନ୍ତି ଭକ୍ତ । ମଧ୍ୟରାତ୍ରରେ ସୁନାବେଶ ପରେ ମହାଦୀପ ମନ୍ଦିର ଉପରକୁ ଉଠିଥିଲା । ମାଧବାନନ୍ଦ ଜୀଉ ପୀଠକୁ ଦୁର୍ଗା ମାଧବ ପୀଠ ବୋଲି ମଧ୍ୟ କୁହାଯାଏ । ଜଗନ୍ନାଥଙ୍କ ମାମୁ ଘର ରୂପେ ମାଧବାନନ୍ଦ ଜୀୟୁ ବୋଲି ବିବେଚନା କରାଯାଏ ।

ଏହି ଅବସରରେ ଆଜି ପୁରୀ ଶ୍ରୀକ୍ଷେତ୍ରରୁ ସେବାୟତ ଓ ଶ୍ରଦ୍ଧାଳୁମାନେ ଫୁଲମୂଳ ଭାର ଧରି ଆସିଛନ୍ତି ମାମୁଁଘର ନିଆଳୀର ମାଧବାନନ୍ଦ ଜୀୟୁଙ୍କ ପୀଠକୁ । ଏହି ଭାର ସହିତ ପୁରୀରୁ ଆସିଛନ୍ତି ମହାପ୍ରଭୁଙ୍କ ବରିଷ୍ଠ ସେବାୟତ ବିନାୟକ ଦାଶ ମହାପାତ୍ର,ମାଧବାନନ୍ଦ ଜୀୟୁ ମନ୍ଦିର ଟ୍ରଷ୍ଟର ଉପଦେଷ୍ଟା ରାମକୃଷ୍ଣ ମହାପାତ୍ର, ଉପ-ସଭାପତି ମୀନାକ୍ଷୀ ପୃଷ୍ଟି, ସଂପାଦକ ସତ୍ୟନାରାୟଣ ସେନାପତି, ଗୋପ ମାଧବାନନ୍ଦ ବିକାଶ ପରିଷଦ ସମିତି ସଭାପତି ବନ ରଂଜନ ପଟ୍ଟନାୟକ, ନାରୀ ନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ବରିଷ୍ଠ ପ୍ରବଚକ ବିଧ୍ୟାଧର ସେନାପତି, ଶିକ୍ଷାବିତ୍ ଦମୟନ୍ତୀ କୁମାରୀ ସେନାପତି, ସେବାୟତ ପ୍ରଦୀପ୍ତ କୁମାର ମହାପାତ୍ର, ମାଧବାନନ୍ଦ ଜୀୟୁ ମନ୍ଦିର ହେଡଟାରୀ ଟ୍ରଷ୍ଟି ପ୍ରଶାନ୍ତ କୁମାର ଦେବ ଗୋସ୍ୱାମୀ ପ୍ରମୁଖ ଚାରିଛକ ଠାରେ ପଂହିବା ପରେ ନିଆଳୀ ବ୍ଲକ ଯାଦବ ସଂଘର ସଭାପତି ତଥା ସମିତିସଭ୍ୟ କେଦାରନାଥ ବେହେରା ତାଙ୍କ ବାସଗୃହ ନିକଟରେ ଭାରକୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ପରେ ଏକାନ୍ତ ଆଶ୍ରମଠାରେ ମଠାଧିଶ ନନ୍ଦ

### ପୁରୀରୁ ଆସିଲା ଫଳଭାର

ବାବା ସ୍ୱାଗତ କରିଥିଲେ । ଏକାନ୍ତ ଆଶ୍ରମ ନିକଟରୁ ମାଧବ ସେବାୟତ ତ୍ରିଲୋଚନ ପୁଷ୍ପାଳକ, ଭାସ୍କର ପୁଷ୍ପାଳକ, ନିଆଳୀ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ଚାରିଛକ ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର, ସମାଜସେବୀ ଦେବେନ୍ଦ୍ର ଦାଶ, ଯୋଗେନ୍ଦ୍ର ଦାସ, ବସନ୍ତ ଦାସ, ସୁକାନ୍ତ ସାହୁ, ଅରକ୍ଷିତ ଭୋଇ, ଶିଶିର କୁମାର ନାୟକ ପ୍ରମୁଖ ଭାର ନେଇ ଆସୁଥିବା ସେବାୟତ ଓ ଶ୍ରଦ୍ଧାଳୁମାନଙ୍କ ସହିତ ସାମିଲ ହୋଇଥିଲେ । ଭାର ଯାତ୍ରା ମାଧବ ମନ୍ଦିର ନିକଟରେ ପହଂଚିବା ପରେ ମାଧବାନନ୍ଦ ଜୀୟୁଙ୍କ ଉଦ୍ଦେଶ୍ୟରେ ଆସିଥିବା ଭାରସବୁକୁ ମାଧବା ନନ୍ଦ ମନ୍ଦିର ଟ୍ରଷ୍ଟକୁ ପ୍ରଦାନ କରାଯାଇଥିଲା । ଏହି ଭାରରେ ମାଧବାନନ୍ଦ ଜୀୟୁଙ୍କ ଲାଗି ଖଣ୍ଡୁଆ ପାଟ ସହ ୮ରୁ ଅଧିକ ଭାରରେ ତୁଳସୀ, ଚନ୍ଦନ, କସ୍ତୁରୀ ଓ ଫଳ ଆଦି ରହିଥିଲା । ମାଧବ ଠାରେ କଟକ ଉପ-ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ୱତି ରଂଜନ ଦେଓ, ନିଆଳୀ ତହସିଲଦାର ତାରେଣୀ ରଂଜନ ରାୟ, ଏସଡିପିଓ ବିଜୟ କୁମାର ମଲ୍ଲିକ, ନିଆଳୀ ଆଇଆଇସି ରାଜେନ୍ଦ୍ର ମହାପାତ୍ର, ସରପଂଚ ବାବୁରାମ ମଲ୍ଲିକ, ଜ୍ଞାନ ରଂଜନ ମହାନ୍ତି, ବିଜୟ ପରିଡା, ପିତାମ୍ବର ରାଉତ କୈଳାଶ ମୁଦୁଲି ପ୍ରମୁଖ ଉପସ୍ଥିତଥିଲେ ।

ମାଧବାନନ୍ଦଙ୍କ ପ୍ରସିଦ୍ଧ ଭୋଗ ହେଉଛି ଚୁଡ଼ାଘଷା । ସେଥିପାଇଁ ଚୁଡ଼ା, ଗୁଡ଼, ଗୋଲ ମରିଚ, ଭାସ୍କର, କଦଳୀ ମାଧବାନନ୍ଦଙ୍କ ନିକଟରେ ଭୋଗ ଲାଗି ହୋଇଥାଏ । ଏହି ଏକାଦଶୀରେ ମାଧବାନନ୍ଦ ଜୀଉ ମନ୍ଦିର ବିକାଶ ପରିଷଦ ସମେତ ତ୍ରିଲୋଚନ ପୁଷ୍ପାଳକ, ସୁରେଶ ପୁଷ୍ପାଳକ, ନ୍ୟାୟବ୍ରତ ରାଉତ, ପିତାମ୍ବର ରାଉତ, ତ୍ରିଲୋଚନ ବେହେରା, ଆଦିତ୍ୟ ପାଣି, ସରପଞ୍ଚ ବାବୁରାମ ମଲିକ, ସୁଧୀର ପୁଷ୍ପାଳକ, ପ୍ରଦୀପ୍ତ ସ୍ୱାଇଁ, କଳ୍ପତରୁ ବାଳା ସ୍ୱାଇଁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ହଜାର ହାଜର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ସୁରକ୍ଷା ଦୃଷ୍ଟିକୋଣରୁ ନିଆଳି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ ବାଙ୍କୀ ଗସ୍ତରେ ଆସି ଡମପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଉପଖଣ୍ଡର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସଂପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ ଓ କିପରି ସମସ୍ତ କାର୍ଯ୍ୟକୁ ଧାର୍ଯ୍ୟ ସମୟ ଭିତରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବାଙ୍କୀ ତହସିଲର ଅପରାଜିତା ପରିଡ଼ା, ନିରୂପମା ପଲେଇ, ରଘୁନାଥ ସେଠୀ, ତପନ ବେହେରା ପ୍ରମୁଖଙ୍କୁ ବସୁନ୍ଧରା ଯୋଜନା ଏବଂ ଡମପଡ଼ା ତହସିଲର ପଦନପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ମିଶାଇ ୫ଜଣଙ୍କୁ ଜିଲ୍ଲାପାଳଙ୍କୁ ସ୍ଥାୟୀ ପଟ୍ଟା ବଣ୍ଟନ କରିଥିଲେ । ଏହାପରେ ଜିଲ୍ଲାପାଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପାଥପୁର, ହରିରାଜପୁର ଗ୍ରାମବାସୀଙ୍କ ସାମୂହିକ ସମସ୍ୟା ସଂପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା, ଡମପଡ଼ା ବିଡିଓ ଅଂଶୁମାନ ଦାସ, ବାଙ୍କୀ ତହସିଲଦାର ଅଶେଷ ନାୟକ, ଡମପଡ଼ା ତହସିଲଦାର ବୈଶାଖି ଲେଙ୍କାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଅଭୟାରଣ୍ୟ ସୁରକ୍ଷା ଆଳରେ ରେଞ୍ଜରଙ୍କ ଅତ୍ୟାଚାର

**ନୀଳଗିରି:ଏକ୍ସପ୍ରେସ୍ ନ୍ୟୁଜ୍**



ବାଲେଶ୍ୱର ଜିଲ୍ଲା ନୀଳଗିରିରେ ଥିବା କୁଲଡିହା ଅଭୟାରଣ୍ୟ ସୁରକ୍ଷା

### ଆନ୍ଦୋଳନ ଚେତାବନୀ

ନାମରେ ନିରୀହ ଅଧିବାସୀମାନଙ୍କ ଉପରେ କୁଲଡିହା ରେଞ୍ଜରଙ୍କ ବିନା କାରଣରେ ଅକଥନୀୟ ଅତ୍ୟାଚାର, ମୋକଦ୍ଦମା ରୁଜୁ ମାନବିକତାର ହତ୍ୟା କରିବା, ବିଦ୍ୟୁତ୍ ସକ୍ ଲଗାଇ ଭୟଭୀତ କରିବା ଫଳରେ ଆଦିବାସୀ ଲୋକଙ୍କ ଭିତରେ କୋହୁଆ ଭୟ ସୃଷ୍ଟି ହେବା ସହିତ କ୍ରୋଧ ଓ ବିଦ୍ରୋହର ବହ୍ନି ଲେଲିହାନ ଶିଖା ଭଳି ବ୍ୟାପିବାରେ ଲାଗିଥିବା ଦେଖାଯାଇଛି । ଯାହାକି ଆଗାମୀ ଦିନରେ ନୀଳଗିରିର ଆଦିବାସୀମାନେ ଏହାର ଦୃଢ଼ ଜବାବ ଦେବେ । ଆଜି ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷାମଞ୍ଚ ପକ୍ଷରୁ କାଣ୍ଡ ପଞ୍ଚାୟତରେ ଖୋଲିଆ ଠାରେ ବିରାଟ ଆଦିବାସୀମାନଙ୍କ ଆଗାମୀ ଦିନର ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ର ଉପସ୍ଥିତ ରହି ରେଞ୍ଜରଙ୍କ ମନମାନି କାର୍ଯ୍ୟକୁ ବିରୋଧ କରିବା ସହିତ ଏହା ବିରୁଦ୍ଧରେ ଦୃଢ଼ ପ୍ରତିବାଦ ପାଇଁ ସଜାଗ ରହିବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ସଭାରେ କାଣ୍ଡଗରଡିହି ପଞ୍ଚାୟତର ପୂର୍ବତନ ସରପଞ୍ଚ ଯୋଗାନନ୍ଦ ଦାଶ, ସତ୍ୟଜିତ ଦାସ, ଜ୍ୟୋତିର୍ମୟ ରାଉତ, ନିହାର ରଞ୍ଜନ ଜେନା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । କୁଲଡିହା ରେଞ୍ଜର ଯଦି ନିଜର ଆଭିମୁଖ୍ୟ ପରିବର୍ତ୍ତନ ନକରନ୍ତି ତେବେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷାମଞ୍ଚ ପକ୍ଷରୁ ଆଗାମୀ ଫେବୃଆରୀ ମାସ ଦିତୀୟ ସପ୍ତାହରୁ କୁଲଡିହା ରେଞ୍ଜ ଅଫିସ ଆଗରେ ଗଣଧାରଣା ଦିଆଯିବ ବୋଲି ଆଜି ବୈଠକରେ ନିଷ୍ପତି ହୋଇଛି । ତେବେ ଉକ୍ତ ଆନ୍ଦୋଳନ ପ୍ରସ୍ତୁତି ପରିପ୍ରେକ୍ଷୀରେ ଆଦିବାସୀମାନେ ଗାଁକୁ ଗାଁ ଗଣ୍ଡି ବୁଲାଇବା ଆରମ୍ଭ କରିଦେଇଥିବା ବେଳେ ଜଣେ ଅଧିବାସୀ ନେତା ନିଜ ନାମ ଗୋପନ ରଖିବାକୁ ଅନୁରୋଧ କରି କହିଛନ୍ତି । ବେଳହୁଁ ସାବଧାନ ନ ହେଲେ, ଆଗାମୀ ଦିନରେ ମହାମହିମ ରାଷ୍ଟ୍ରପତିଙ୍କ ବାଲେଶ୍ୱର ଗସ୍ତ ଅବସରରେ ତାଙ୍କୁ ସାକ୍ଷାତ କରି ଦୁଃଖ ଜଣାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ସ୍ୱରେଜ ଲାଇନ ପ୍ରକଳ୍ପ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୪ ନମ୍ବର ୱାର୍ଡର ନଖରା ଗ୍ରାମରେ ଦୀର୍ଘଦିନ ଧରି ପ୍ରତୀକ୍ଷିତ ସ୍ୱରେଜ ଲାଇନ ପ୍ରକଳ୍ପର ଶିଳାନ୍ୟାସ ସମ୍ପନ୍ନ ହୋଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଏହି ପ୍ରକଳ୍ପକୁ ୱାଟକୋ ବିଭାଗ ଦ୍ୱାରା ପରିଚାଳନା କରାଯାଉଛି । ଗ୍ରାମର ବୟୋଜ୍ୟେଷ୍ଠ ଓ ବରିଷ୍ଠ ଗ୍ରାମବାସୀଙ୍କ ଦ୍ୱାରା ପୂଜାର୍ଚ୍ଚନା ସହ ଶିଳାନ୍ୟାସ କରାଯାଇଥିଲା । ପ୍ରାୟ ୨ କିଲୋମିଟର ବ୍ୟାପ୍ତିରେ ନିର୍ମାଣ ହେବାକୁ ଥିବା ଏହି ସ୍ୱରେଜ ଲାଇନ ମାଧ୍ୟମରେ ୱାର୍ଡବାସୀଙ୍କ ନିଷ୍କାସିତ ଜଳ ସିଧାସଳଖ ସ୍ୱରେଜ ପ୍ରଣାଳୀରେ ପ୍ରବାହିତ ହେବ, ଫଳରେ ଅଞ୍ଚଳ ପରିଷ୍କାର ଓ ସ୍ୱଚ୍ଛ ରହିବ । ଏହି ଅବସରରେ ୱାର୍ଡ କର୍ପୋରେଟର ସୁକୁମାର ସାହୁ ଉପସ୍ଥିତ ଥିଲେ । ସେଥିସହ ଗ୍ରାମର ବରିଷ୍ଠ ମୁରବି ଧୀରେନ୍ଦ୍ର ସାହୁ, ଘନଶ୍ୟାମ ସାହୁ, ସୁଜିତ ସାହୁ, ରବିନ୍ଦ୍ର ସାହୁ, ପ୍ରାଣକୃଷ୍ଣ ଓଝା, ପ୍ରେମାନନ୍ଦ ସାହୁ, ଚନ୍ଦ୍ରକାନ୍ତ ସାହୁଙ୍କ ସହ ବିନୋଦ ଭୋଇ, କମଳାକାନ୍ତ ସାହୁ, ବିଶ୍ୱଜିତ ସ୍ୱାଇଁ, ଜିତୁ ସାହୁ, ମନୋରଞ୍ଜନ ସାହୁ, ଅଲେଖ ସାହୁ, ଅଶୋକ ଭୋଇ ଓ ନଖରା ଗ୍ରାମର ଅନେକ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଦୀର୍ଘ ଦିନ ପରେ ଗ୍ରାମରେ ପାଣି ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ ହେବାରୁ ଗ୍ରାମବାସୀ ଅତ୍ୟନ୍ତ ଆନନ୍ଦ ଓ ସନ୍ତୋଷ ପ୍ରକାଶ କରିଛନ୍ତି ।

## ଅଷ୍ଟମ ପ୍ରହର ନାମଯଜ୍ଞ

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକ ନିକଟସ୍ଥ ଯାହାଙ୍ଗିରପୁର ଗ୍ରାମର ଗ୍ରାମଦେବତୀ ମା ଦୁଲ୍ଲାଦେଇ ପିଠେ ୪୧ତମ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଛି । ଜାହାଙ୍ଗିରପୁର ଗ୍ରାମର ସମସ୍ତ ଗ୍ରାମବାସୀ ଉଦ୍ୟମରେ ବହୁ ଆଡ଼ମ୍ବରରେ ୪୧ବର୍ଷ ହେବ ଏହି ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇ ଆସୁଛି । ଏହି ନାମଯଜ୍ଞରେ ଆଖପାଖ ବିଭିନ୍ନ ଗ୍ରାମରୁ ହଜାର ହଜାର ଭକ୍ତ ବୃନ୍ଦ ଯୋଗ ଦେଇଥିଲେ । କର୍ତ୍ତା ଭାବେ ବାମଦେବ ସାହୁ କର୍ତ୍ତ ଭାବେ ଅରୁନ୍ଧତୀ ସାହୁ, ମୁଖ୍ୟ ପୂଜକ ସୌରଭ କ୍ରୀଷ୍ଣ ଦାସ, ଏକାନ୍ତ ଆଶ୍ରମର ନନ୍ଦବାବା ଓ ପୁନାବାବା ପ୍ରମୁଖ ଯୋଗଦେଇ ଘଣ୍ଟ, କାହାଳି ବାଜି ଶୋଭାଯାତ୍ରାରେ ପାଣି ତୋଳା ଯାଇ ଅଧିବାସ କର୍ମ କରାଯାଇଥିଲା । ଅଧିବାସ ଦିନ ଓଡିଶା ସରକାର ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ନାମଯଜ୍ଞରେ ଆଖପାଖ ବିଭିନ୍ନ ଗ୍ରାମର ସଂକୀର୍ତନ ମଣ୍ଡଳୀ ଯଥା ମଥୁରିଡ଼ିଆ, ପଧାନସାହି, ଟୋଲା, ନାଛିଗାଁ, କରୁଣା, ନାଗପୁର, ଗୋପ, ହୀରାପାଟଣା ଓ ରତନପୁର ଗ୍ରାମର କୀର୍ତନ ମଣ୍ଡଳୀ ଯୋଗ ଦେଇଥିଲେ ।

## ଶ୍ରୀଜଗନ୍ନାଥ କେବଳ ଭାବଗ୍ରାହୀ ନୁହନ୍ତି ସେ ମଧ୍ୟ ଭାବଦାତା



ମଧୁରମ୍ ମଧୁରାଧିତି ଓ ମଣିମା ଶୁଣିମା ହେଉ ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀଜଗନ୍ନାଥ କେବଳ ଭାବଗ୍ରାହୀ ନୁହନ୍ତି ସେ ଭାବଦାତା । ମଣିଷ କ୍ଷେତଭର୍ତ୍ତି ଅମଳ କରି ଗୋଦାମ ଭର୍ତ୍ତି କରି ନେଇପାରେ । ମହଣ ମହଣ ସୁନା ରୂପା ଠୁଳ କରିପାରେ ହେଲେ ଭାବର ତୁଳସୀ ଚାରାଟିଏ ନିଜ ମନ ଅଗଣାରେ ପୋତି ପାରେନାହିଁ ଯଦି ପ୍ରଭୁଙ୍କ ପାଖେ ସମର୍ପିତ ନଥାଏ । ଶ୍ରୀଜଗନ୍ନାଥ ହେଉଛନ୍ତି ଭାବର ଠାକୁର । ସେ ଯେମିତି ଭାବର ଚୁମ୍ବକୀୟ ଶକ୍ତିରେ ଭକ୍ତଙ୍କୁ ଆକର୍ଷିତ କରି ପାରନ୍ତି ସେମିତି ଭକ୍ତଙ୍କ ଭାବର ରଜ୍ଜୁରେ ବନ୍ଧା ପଡ଼ିଯାଆନ୍ତି । ସେ ସର୍ବରହସ୍ୟମୟ ଠାକୁର ବୋଲି କହିଛନ୍ତି ମୁଖ୍ୟଅତିଥି ମନୋଜ କୁମାର ମହାପାତ୍ର । ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନର ମିଳିତ ଆନୁକୂଲ୍ୟରେ ସଭାପତି ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ୨୧୨ତମ ଆଲୋଚନାଚକ୍ର 'ଭାବର ଠାକୁର ଶ୍ରୀଜଗନ୍ନାଥ' ଶୀର୍ଷକରେ ଅନୁଷ୍ଠିତ ସଭାରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ବନଜ ଦେବୀଙ୍କ ଭାବପୂର୍ଣ୍ଣ ଗଦ୍ୟପୁସ୍ତକ 'ମଣିମା ଶୁଣିମା ହେଉ' ଓ ଚିତ୍ରଶିଳ୍ପୀ ବଳଦେବ ମହାରଥୀଙ୍କ ଚିତ୍ର ଓ ଗଦ୍ୟର ପୁସ୍ତକ 'ମଧୁରମ୍ ମଧୁରାଧିତି' ପୁସ୍ତକ ସଭାରେ ଲୋକାର୍ପିତ ହେବା ଅବସରରେ ମୁଖ୍ୟବକ୍ତା ଅସିତ ମହାନ୍ତି ଦୁଇଟି ପୁସ୍ତକର ସମୀକ୍ଷା କରି କହିଲେ ଯେ ଦୁଇଟିଯାକ ପୁସ୍ତକ ଭାବ ଉପରେ ଆଧାରିତ ହୋଇଥିବାରୁ ଜ୍ଞାନବର୍ଦ୍ଧକ ହୋଇ ମଧ୍ୟ ହୃଦୟକୁ ଛୁଇଁପାରିଛି । କାରଣ ଭାବ ହିଁ ହୃଦୟ ରସ, ଜୀବନରସ, ଭାବ ହିଁ ଆଲୋକ, ଭାବ ହିଁ ଶକ୍ତି । ତେଣୁ ଦୁଇଟି ପୁସ୍ତକ ଶ୍ରୀଜଗନ୍ନାଥ ସାହିତ୍ୟକୁ ଦୁଇଟି ଅମୂଲ୍ୟ ଉପହାର । ଲେଖିକା ବନଜ ଦେବୀ ତାଙ୍କ ଜୀବନରେ ରଥଯାତ୍ରା ଉପଲକ୍ଷେ ପ୍ରତିବର୍ଷ ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ପୁସ୍ତକ ପାଇଁ ଲେଖୁଥିବା 'ସାଆନ୍ତକୁ ଚିଟାଉ' ଶୀର୍ଷକରେ ଭାବପୂର୍ଣ୍ଣ ରଚନାକୁ ନେଇ ଯେଉଁ ପୁସ୍ତକ ପ୍ରକାଶ କରିଛନ୍ତି ତାହା ତାଙ୍କୁ ବହୁତ ଆନନ୍ଦ ଦେଇଛି । ତାହା ପ୍ରଭୁଙ୍କୁ ଏକ ଭାବର ମାଳା ଗୁନ୍ଥି ପିନ୍ଧାଇଲା ପରି ସନ୍ତୋଷ ଦେଇଛି । ଏହିପରି ଚିତ୍ରଶିଳ୍ପୀ ବଳଦେବ ମହାରଥୀ କ୍ରମାଗତ ୨୨ ବର୍ଷ ଧରି ରଥଯାତ୍ରା ଉପଲକ୍ଷେ ରଥାରୁଢ଼ ଶ୍ରୀଜଗନ୍ନାଥଙ୍କୁ ନେଇ ପ୍ରକାଶ ପାଉଥିବା ପୁସ୍ତକ ପାଇଁ ଯେଉଁ ପ୍ରଚ୍ଛଦପଟ୍ଟ ଅଙ୍କନ କରି ପ୍ରଚ୍ଛଦ ବିଷୟରେ ବିଶେଷ ଗଦ୍ୟ ରଚନା କରିଥାନ୍ତି ସେହି ଚିତ୍ର ଓ ଗଦ୍ୟର ସମାହାରରେ ପ୍ରକାଶିତ ପୁସ୍ତକ ଲୋକାର୍ପଣ ତାଙ୍କୁ ପ୍ରଭୁଙ୍କ ପାଖେ ସମର୍ପଣ ଭାବର ପୁଲକ ପ୍ରଦାନ କରୁଛି ବୋଲି ଭାବପ୍ରବଣ ହୋଇ ବ୍ୟକ୍ତ କରିଥିଲେ । ସଭାପତି ଡାକ୍ତର ଅଶୋକ କୁମାର ମହାପାତ୍ର ଶ୍ରୀଜଗନ୍ନାଥ କେବଳ ଭକ୍ତ ଦାସିଆ ବାଉରୀ, ବନ୍ଧୁ ମହାନ୍ତି, ରଘୁ ଅରକ୍ଷିତ, ଭକ୍ତ ସାଲବେଗଙ୍କ ଭାବଡୋରିରେ ବନ୍ଧା ପଡ଼ିନଥାନ୍ତି ସେ ମଧ୍ୟ ଶଙ୍କରାଚାର୍ଯ୍ୟ, ନାନକ, କବୀର, ଚୈତନ୍ୟ ଆଦି ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁମାନଙ୍କୁ ଭକ୍ତିର ଡୋରିରେ ଟାଣି ଅଣିଥାନ୍ତି ଯାହା ଫଳରେ ପ୍ରାୟ ବିଶିଷ୍ଟ ଧର୍ମଗୁରୁମାନେ ପୁରୀ ଆସି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଭାବଡୋରିରେ ବନ୍ଧାହୋଇ ମଠ ସ୍ଥାପନ କରି ଶ୍ରୀଜଗନ୍ନାଥଙ୍କର ନିକଟତର ହୋଇଛନ୍ତି । ସଭା ପ୍ରାରମ୍ଭରେ ସଂପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ ଓ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ । ପ୍ରାରମ୍ଭରୁ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ ଶ୍ରୀମତୀ ଭୁବନେଶ୍ୱରୀ ବେହେରା, ମିନତୀ ମିଶ୍ର, ଭବକୃଷ୍ଣ ମହାନ୍ତି ଓ ଅବିନାଶ ଅନୁପମ । ସଭାରେ ବହୁ ଜଗନ୍ନାଥପ୍ରେମୀ ଯୋଗ ଦେଇଥିଲେ ।

## ଆଗ୍ରୀଆ ମହୋତ୍ସବ ଉଦଯାପିତ



**ବେତନଟୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ବ୍ଲକ୍ ଆଗ୍ରିଆସ୍ଥିତ ବୀଣାପାଣୀ ଯୁବକ ସଂଘର ୨୩ ବର୍ଷ ପୂର୍ତ୍ତି ଉପଲକ୍ଷେ ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଆଗ୍ରିଆ ମହୋତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଏହି ମହୋତ୍ସବରେ ସଂଗୀତ ଓ ନୃତ୍ୟ, ତର୍କ, ସାଧାରଣ ଜ୍ଞାନ, ଗଳ୍ପ ଲିଖନ ଭଳି ବହୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କ ସହ ବିଶିଷ୍ଟ ସମାଜସେବୀ, ଧର୍ମ ରକ୍ଷା, ଖେଳ, ବୃକ୍ଷରୋପଣ, ସାମାଜିକ କାର୍ଯ୍ୟ, ଅଙ୍ଗନବାଡି ଦିଦି, ସଂଗୀତମାନଙ୍କୁ ଶେଷ ସନ୍ଧ୍ୟାରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରସ୍କାର ବିବରଣୀ ଉତ୍ସବରେ ଅତିଥି ଭାବରେ ଓଡ଼ିଶା ଚଳଚ୍ଚିତ୍ରର ସୁପରଷ୍ଟାର ଓ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦାନ କରି ସଙ୍ଗୀତରେ ଦର୍ଶକ ମାନଙ୍କୁ ଝୁମିଥିଲେ । ସମ୍ମାନୀତ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସରପଞ୍ଚ ମିନତି ସିଂ, କ୍ଲବର ସଭାପତି ଶିବନାରାୟଣ ଘୋଷ, ସମ୍ପାଦକ ଜୀବନ କୁମାର ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷକ ଅନୁକୂଳ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ । ସେହିପରି ଶେଷ ରାତିରେ କଟକର ଏଟ୍ରାସ୍କନ ଲାଇଭ୍ ମେଲୋଡି ଗ୍ରୁପ୍ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିସହ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଯୁବକ ସଂଘର ପ୍ରମୋଦ ନାୟକ, ଜିତେନ୍ଦ୍ର ପରିଡ଼ା, ବ୍ରହ୍ମାନନ୍ଦ ପରିଡ଼ା, ରଞ୍ଜନ ପରିଡ଼ା, ଚନ୍ଦନ ଦାସ, ଚନ୍ଦନ ସେଠୀ, ରଞ୍ଜିତ ବାରିକ, ଶ୍ରୀଧର ଦେହୁରୀ, ତପସ୍ୱୀ ରାଉତ, ପ୍ରଦୀପ ଦାସ, ସୁମନ୍ତ ପରିଡ଼ା, ବିରୋକିଶୋର ବିଶ୍ୱାଳ, ବିକାଶ ଦାସ, ଦିଲ୍ଲୀପ ମହାନ୍ତି, ଅରୂପ ରଞ୍ଜୀନ ଲେଙ୍କା, ରାକେଶ ମହାନ୍ତ, କେଶବ ନାଥ, ସୁଶାନ୍ତ ପରିଡ଼ା, ହରିଶ ପ୍ରଧାନ, ଯଶୋବନ୍ତ ମହାନ୍ତି, ସୁଶାନ୍ତ ଭାଇ, ପ୍ରକାଶଜ୍ୟୋତି ପ୍ରଧାନ, ସଞ୍ଜୀବ କୁମାର ଜେନା, ଅଶୋକ ବେହେରା, ସୁଶାନ୍ତ ବାରିକ, ବିଶ୍ୱଜିତ ପରିଡ଼ା, ସୁଜିତ ଜେନା, ପିତବାସ ଦେହୁରୀ, ଇନ୍ଦ୍ରଜିତ ଓଝା, ବିକ୍ରମ ନାଥ, ସରୋଜ ଦେହୁରୀ, ତରଣୀ ପଣ୍ଡିତ, ହିମାଂଶୁ ପଣ୍ଡିତ, ନରୋତ୍ତମ ମହାନ୍ତ, ସୁଜିତ ଜେନା, ବିଜୟ ଜେନା, ଶୁଭମ୍ ନାୟକ, ନରେନ୍ଦ୍ର ପରିଡ଼ା, ମନୋରଞ୍ଜନ ରାଉତ, ପ୍ରଦୀପ ଜେନା, ଜିତେଶ ନାୟକ, ଧୀରଜ ସାହାଣୀ, ଅଜିତ ବେହେରା, ଭବାନୀଶଙ୍କର ପରିଡ଼ା, ସତ୍ୟପ୍ରିୟ ପ୍ରଧାନ, ରବୀନ୍ଦ୍ର ମହାନ୍ତି, ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**କେନ୍ଦ୍ରାପଡା:ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ୨୫ ତାରିଖ ରବିବାର ମାର୍ଶାଘାଇ ବ୍ଲକ ପିକରାଳୀସ୍ଥିତ କପିଳ ମୁନି ଉଚ୍ଚ ବିଦ୍ୟାଳୟର ୧୯୮୬ ମସିହା ବ୍ୟାଚ ବିଦ୍ୟାର୍ଥୀମାନଙ୍କର ଏକ ବନ୍ଧୁ ମିଳନ ପାରାଦୀପ ନେହେରୁ ବଙ୍ଗଳା ସମୁଦ୍ର ତଟରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବନ୍ଧୁମିଳନକୁ ଇଂ. ସଂଗ୍ରାମ କେଶରୀ ସାମଲ, ଧିରେନ କୁମାର ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ଚି□ରଞ୍ଜନ ପରିଡ଼ା, ନବଘନ ବେହେରା, ଖଗେଶ୍ୱର ନାୟକ, ସନ୍ତୋଷ କୁମାର ଦାସ, ସଞ୍ଜୁକ୍ତା ବେଉରା, ପୁଷ୍ପାଞ୍ଜଳି ପଣ୍ଡା, ସୁଜାତା ଦାସ, ଅଶ୍ୱିନୀ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ । ୨୦୧୮ ମସିହାରୁ ଏହିପରି ବ୍ୟାଚ ବନ୍ଧୁମିଳନ ଆୟୋଜିତ ହେଉଛି ଓ ଅଞ୍ଚଳର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ।

## ୨୭ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲାର ସମସ୍ତ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ, ଜିଲ୍ଲା ସ୍ତରୀୟ ବିଭିନ୍ନ ଅଧିକାରୀଗଣ, ଅଧ୍ୟାପିକା, ନରସିଂହ ସ୍ୱୟଂଶାସିତ ମହାବିଦ୍ୟାଳୟ, ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନର ଅଧକ୍ଷ, ସରକାରୀ ବହୁମୁଖୀ ଅନୁଷ୍ଠାନର ଅଧ୍ୟାପକ ଇତ୍ୟାଦି ଯୋଗଦାନ କରି ଏହି ନିଯୁକ୍ତି ମେଳାକୁ ସଫଳ କରିବା ଉଦ୍ଦେଶ୍ୟରେ ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଆସନ୍ତା ଫେବୃଆରୀ ୨୭ ତାରିଖରେ ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟ ପରିସରରେ ଏହି ନିଯୁକ୍ତି ମେଳା ଅନୁଷ୍ଠିତ ହେବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ଏହି ନିଯୁକ୍ତି ମେଳାରେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥାର ନିଯୁକ୍ତିଦାତାଙ୍କ ସମେତ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହ ଅନୁବନ୍ଧିତ ଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାର ଅଧିକାରୀମାନଙ୍କୁ ଯୋଗଦେବା ପାଇଁ ନିଷ୍ପତି ହୋଇଛି । ଜିଲ୍ଲାର ସମସ୍ତ ବ୍ଲକର ନିଯୁକ୍ତି ଆଶାୟୀ ଯୁବକ ଯୁବତୀମାନେ ଯେଭଳି ବହୁଳ ସଂଖ୍ୟାରେ ଏହି ବୃହତ ନିଯୁକ୍ତି ମେଳାର ଅଂଶ ଗ୍ରହଣ କରି ସୁଯୋଗ ନେଇପାରିବେ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ବିଡିଓ ଏବଂ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିଯୁକ୍ତି ମେଳା ସମ୍ବନ୍ଧରେ ଗ୍ରାମାଞ୍ଚଳରେ ରହୁଥିବା ନିଯୁକ୍ତି ଆଶାୟୀମାନେ ଯେଭଳି ବ୍ୟାପକ ଭାବେ ସଚେତନ ହୋଇ ଏହାର ସୁଯୋଗ ନେଇପାରିବେ ସେଥିପାଇଁ ବ୍ଲକର କାର୍ଯ୍ୟକର୍ତ୍ତାମାନଙ୍କ ଜରିଆରେ ପ୍ରଚାର ପ୍ରସାର ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଏହାସହ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ, ଶିକ୍ଷ ତାଲିମ୍ କେନ୍ଦ୍ର ଏବଂ ଡିପ୍ଲୋମା ପାଠ୍ୟକ୍ରମ ଥିବା ଅନୁଷ୍ଠାନଗୁଡ଼ିକର ଛାତ୍ରଛାତ୍ରୀମାନଙ୍କୁ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ ପାଇଁ ସୂଚନା ପ୍ରଦାନ ନିମନ୍ତେ ନିଷ୍ପତି ହୋଇଛି । ଯାଜପୁର ଜିଲ୍ଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ବୃହତ୍ କଂପାନୀଗୁଡ଼ିକୁ ମଧ୍ୟ ଅଂଶ ଗ୍ରହଣ କରିବା ପାଇଁ ନିଷ୍ପତି ନିଆଯାଇଛି । ନିଯୁକ୍ତି ମେଳା ସମୟରେ ଆଇନ ଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ, ସ୍ୱାସ୍ଥ୍ୟ ସେବା ପାଇଁ ମେଡିକାଲ୍ ଟିମ୍ ଓ ଆମ୍ବୁଲାନ୍ସ ଯୋଗାଇଦେବାକୁ ଆଲୋଚନା ହୋଇଥିଲା । ସେହିଭଳି ଅଗ୍ନି ନିର୍ବାପକ ସୁରକ୍ଷା ପାଇଁ ସଂପୃକ୍ତ ବିଭାଗର କର୍ମଚାରୀମାନେ ମୁତୟନ ରହିବେ । ନିଯୁକ୍ତି ମେଳା ସମୟରେ ପାନୀୟ ଜଳ ଯୋଗାଣ ସହ ପରିମଳ ଓ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ନିଷ୍ପତି ହୋଇଛି । ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଏହି ନିଯୁକ୍ତି ମେଳାରେ ସହଯୋଗ କରିବେ । ଏହି ବୈଠକ ଶେଷରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାରଳା କ୍ରିକେଟ: ସେମିରେ ଢେଙ୍କାନାଳ

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**




ନରେନ୍ଦ୍ର ଷ୍ଟାଡିୟମରେ ଗୁରୁବାର ଦିନ ହୋଇଥିବା ଚତୁର୍ଥ କ୍ୱାର୍ଟର ଫାଇନାଲ କ୍ରିକେଟ ମ୍ୟାଚରେ ଢେଙ୍କାନାଳ କ୍ରିକେଟ କ୍ଲବ ଓ ଈଗଲ ସ୍ପୋର୍ଟିଂ ମେଣ୍ଟାଶାଳ ଭୁବନେଶ୍ୱର ସାମ୍ନାସାମ୍ନି ହୋଇଥିଲେ । ଏହି ମ୍ୟାଚରେ ଢେଙ୍କାନାଳ ଟସ୍ ଜିତି ପ୍ରଥମ ବ୍ୟାଟିଂ କରିଥିଲା ଓ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୨୧ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଦ୍ୱିତୀୟରେ ବ୍ୟାଟିଂ କରି ଈଗଲ ସ୍ପୋର୍ଟିଂ ୨୦ ଓଭର ଖେଳି ୬ ଉଇକେଟ ହରାଇ ୧୨୧ ରନ କରି ମ୍ୟାଚକୁ ବରାବର ସ୍ଥିତିରେ ଡ୍ର କରିଥିଲେ । ତତ୍ପରେ ଉଭୟ ଦଳର କ୍ୟାପଟେନ ଓ ଅମ୍ପୟାରଙ୍କ ଆଲୋଚନା ହେବା ପରେ ଉଭୟ ଦଳ ତିନି ଗୋଟି ଲେଖା ବଲ ବା ସୁପର ଓଭର ଖେଳିବେ । ଉଭୟଙ୍କ ଭିତରେ ଟସ ପଡ଼ିବା ପରେ ଈଗଲ ସ୍ପୋର୍ଟିଂ ପ୍ରଥମ ବ୍ୟାଟିଂ କରି ତିନି ବଲରେ ଏକ ରନ କରି ଦୁଇ ଗୋଟି ଉଇକେଟ ହରାଇଥିଲା । ପରେ ଢେଙ୍କାନାଳ ଟିମ୍ ଦୁଇ ରନ ସଂଗ୍ରହ କରି ସୁପର ଓଭରରେ ବାଜିମାତ କରିବା ସହ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି । ଦଳ ପକ୍ଷରୁ ଆଲୋକ ସାହୁ ୪ ଓଭର ପକାଇ ୧୨ ରନ ଦେଇ ୩ଟି ଉଇକେଟ ହାସଲ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ । ଡ୍ୟାନସିଂ ଅଂପେୟାର ବବୁଲ ସାହୁ ଓ ଷ୍ଟାଇଲସ ଅଂପେୟାର ଦିବ୍ୟଦର୍ଶୀ ଛାଟୋଇ ଖେଳ ପରିଚାଳନା କରିଥିଲେ । ଏହି ମ୍ୟାଚରେ ବିଡ଼ିଓ ସସ୍ମିତା ବେହେରା, ଓଡ଼ିଶା କର୍ମଜୀବି ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖା ଅସ୍ତରଙ୍ଗ ପ୍ରେସ୍ କ୍ଲବର ସଭାପତି ତଥା ଓଡ଼ିଶା ଏକ୍ସପ୍ରେସର ବରିଷ୍ଠ ସାମ୍ବାଦିକ ଶରତ ପରିଡ଼ା, ସାମ୍ବାଦିକ ଆର୍ଯ୍ୟ ବିଶ୍ୱାଳ, କଲ୍ୟାଣ ପାଣ୍ଠିର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରମୋଦ ଦାସ, ସାମ୍ବାଦିକ ସମିର ବେହୁରା, ସାମ୍ବାଦିକ ପ୍ରଶାନ୍ତ ବାରିକ ଓ ଅନ୍ୟମାନଙ୍କ ମଧ୍ୟରେ ନଟ କିଶୋର ମହାନ୍ତି, ଚୈତନ୍ୟ ମହାନ୍ତି, ସଭାପତି ଯୁଗୋଳ କିଶୋର ମହାନ୍ତି, ଉପଦେଷ୍ଟା ଦିବାକର ଛାଟୋଇ ସମ୍ପାଦକ ସନ୍ତୋଷ କୁମାର କାଣ୍ଡି, ଉପ ସଭାପତି ପ୍ରକାଶ କୁମାର ବେହେରା, କ୍ୟାସିୟର ଦ୍ରୁପଦ ଭୋଳ (ମଣ୍ଟୁ), ଜିତେନ୍ ବଡ଼ିଆ, ଜ୍ୟୋତି ରଞ୍ଜନ ଦାକ୍ଷିତ ପ୍ରମୁଖ ଉପସ୍ଥିତ ରହି ପ୍ରାଇଜ ପ୍ରଦାନ କରିଥିବା ମିଡ଼ିଆ ସେଲ ସମ୍ପାଦକ ପ୍ରକାଶ କୁମାର ନାୟକ ସୂଚନା ଦେଇଛନ୍ତି ।

## ରେଳବାଇରେ ଇଣ୍ଟରଭ୍ୟୁ

ରେଳବାଇ ଚାକିର ପାଇଁ ଇଣ୍ଟରଭ୍ୟୁ ଦେବାକୁ ଯାଇଥିବା ପ୍ରାର୍ଥୀକୁ ପ୍ୟାନେଲ୍‌ରେ ଥିବା ଅଫିସର ପଚାରିଲେ- ସେହି ଏକା ଲାଇନ୍‌ରେ ଯଦି ଦୁଇଟି ଟ୍ରେନ୍ ଆସିଯାଏ ତା'ହେଲେ ତୁମେ କ'ଣ କରିବ ?

ପ୍ରାର୍ଥୀ- ନାଲିବତି ଦେଖାଇବି।

ଅଫିସର- ନାଲିବତି ଯଦି ନାହିଁ, ତା'ହେଲେ କ'ଣ କରିବ ?

ପ୍ରାର୍ଥୀ- ତା'ହେଲେ ଟର୍ଚ୍ଚ ଦେଖାଇବି।

ଅଫିସର- ଯଦି ଟର୍ଚ୍ଚ ନାହିଁ ?

ପ୍ରାର୍ଥୀ- ତା'ହେଲେ ମୋ ନାଲି ସାର୍ଟ ଖୋଲି ହଲେଇବି।

ଅଫିସର- ଯଦି ସାର୍ଟର ରଙ୍ଗ ନାଲି ନୁହେଁ, ତା'ହେଲେ କ'ଣ କରିବ ?

ପ୍ରାର୍ଥୀ- ତା'ହେଲେ ଆମ ଘରକୁ ଯାଇ ମୋ ସାନଭାଇକୁ ଡାକିଆଣିବି। ମୋ ଭାଇ କହୁଥିଲା ଯେ ସେ ଟ୍ରେନ୍ ଆକ୍ସିଡେଣ୍ଟ ଦେଖିନି।




# କମ୍ପାନୀ କ'ଣ ସରକାରଙ୍କ ବାପ: ପିସିସି ସଭାପତି

## ଜଗତସିଂହପୁର ଜିଲ୍ଲାରେ କଂଗ୍ରେସର ପଦଯାତ୍ରାକୁ ଅପୂର୍ବ ଜନସମର୍ଥନ

**ଭୁବନେଶ୍ୱର,୨୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲାରେ ଜଙ୍ଗଲ ଅଧିକାର ଆଇନର ହଜାର ହଜାର ଏକ ଜଙ୍ଗଲଜମି ଜେଏସଡବ୍ଲୁ କମ୍ପାନୀକୁ ହସ୍ତାନ୍ତର କରି ସ୍ଥାନୀୟ ଲୋକଙ୍କ ଜୀବନଜୀବିକାକୁ ସଂକଟରେ ପକାଇବା ବିରୋଧରେ ଏରସମା ଅଞ୍ଚଳରେ ପଦଯାତ୍ରାକରି ପିସିସି ସଭାପତି ଭକ୍ତ ଚରଣ ଦାସ ଢ଼ିଙ୍କିଆ ଠାରେ ପହଞ୍ଚି ଏକ ବିଶାଳ ଜନସମାବେଶକୁ ଉଦବୋଧନ ଦେଇଥିଲେ। ଉଦବୋଧନ ଦେଇ କହିଥିଲେ ଯେ ତତ୍‌କାଳୀନ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ନିୟମଗିରି ପର୍ବତ ଧ୍ୱଂସକରି ଖଣିଜ ସମ୍ପଦ ଉତ୍ତୋଳନ କରିବେ। ନିୟମଗିରିରେ ବସବାସ କରୁଥିବା ଆଦିବାସୀ ସମୁଦାୟ ବିସ୍ଥାପିତ ହୋଇ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହୋଇଥାନ୍ତେ। କିନ୍ତୁ ସରକାରଙ୍କ ଏହି ନିତି ବିରୁଦ୍ଧରେ ଦୁର୍ବାର ଆନ୍ଦୋଳନ ଆରମ୍ଭ ହେଲା ଶେଷରେ ସୁପ୍ରିମକୋର୍ଟ ମଧ୍ୟ ସରକାରଙ୍କ ଏହି ଉଦ୍ୟମକୁ ରଦ୍ଦ କଲେ। ସେତେବେଳେ ଆପଣଙ୍କୁ ଅଞ୍ଚଳକୁ ଆସିବାପାଇଁ ମୋର ବହୁତ ଇଚ୍ଛାଥିଲା। ମୁଁ ସେହି ଆନ୍ଦୋଳନରେ ଆଦିବାସୀ ଗାଁ ଗାଁରେ ଶୋଉଥିଲି। ଆଦିବାସୀମାନଙ୍କୁ ଜାଗୃତ କରୁଥିଲି ଏବଂ ଆମ୍ଭମାନଙ୍କ ମିଳିତ ଅହିଂସାତ୍ମକ ବିରୋଧ ଯୋଗୁଁ ସରକାର ଖଣିଖନନ ପାଇଁ ସକ୍ଷମ ହୋଇନଥିଲା। ସୁନ୍ଦରଗଡ଼ ରାଜଗାଙ୍ଗପୁରଠାରେ ଠିକ ଏଭଳି ସରକାର ଏବଂ ଖଣି କମ୍ପାନୀଙ୍କ ବେନିୟମ କାର୍ଯ୍ୟପାଇଁ ୧୦ ହଜାର ଆଦିବାସୀ ଏବଂ ସାଧାରଣ ଜନତା ଏକତ୍ରିତ ହୋଇ ରାସ୍ତାରେ ବସି ଆନ୍ଦୋଳନ କରିଛନ୍ତି। ଆମେ ଯାଇ ସେମାନଙ୍କ ସାଙ୍ଗରେ ଆନ୍ଦୋଳନରେ ମିଶିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିଛି। କଂଗ୍ରେସ ଛାଡ଼ିବ ନାହିଁ। ନ୍ୟାୟ ନମିଳିଲା ପର୍ଯ୍ୟନ୍ତ ସହଯୋଗ ଜାରି ରହିବ। ଯେଉଁମାନେ ବିସ୍ଥାପିତ ହେବେ ସେମାନଙ୍କ ଜମି ବଦଳରେ ଜମି, ଘର ବଦଳରେ ଘର ଓ ଜୀବିକା ବଦଳରେ ଜୀବିକା ନଦେଲା ପର୍ଯ୍ୟନ୍ତ ବିସ୍ଥାପନର ପ୍ରଶ୍ନ ଉଠୁନାହିଁ। ଆମ ନେତା ରାହୁଲ ଗାନ୍ଧୀଙ୍କ ଉଦ୍ୟମରେ ୨୦୧୩ ରେ ସରକାର ବଜାର ଦରରେ ଜମି ମୂଲ୍ୟ ପୈଠ କରିବାପାଇଁ ଆଇନ କରିଥିଲେ। ତେବେ ଯେଉଁ ସରକାରକୁ ଆମେ ଭୋଟ ଦେଇଛୁ, ନିର୍ବାଚିତ କରିଛୁ, ସରକାର ଗଢ଼ିଛୁ ସେହି ସରକାର ଆମ ଜମି, ଜଳ, ଜଙ୍ଗଲକୁ କିଭଳି ହିସାବରେ ଏହି ସରକାର ଖଣି କମ୍ପାନୀଙ୍କ ହାତରେ ଟେକି ଦେଉଛନ୍ତି। ବୋଧହୁଏ ସରକାର ଚିନ୍ତା କରୁଛନ୍ତି ସାଧାରଣ ଜନତାଙ୍କ କାମ ଓ ଅଧିକାର କେବଳ ଭୋଟ ଦେବା। ସମ୍ବିଧାନ ଆମକୁ ଅଧିକାର ଦେଇଛି ଯୁବକ, ଛାତ୍ର ଜାଗନ୍ତୁ, ମା ମାଟିର ଡାକରା ଆସିଛି ସତସିଂହର ବଳ ନେଇ ଅଗେଇ ଆସନ୍ତୁ ଏବଂ ନିଜର ଅଧିକାର ହାସଲ କରିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖନ୍ତୁ। ଏହି ଧରାପୃଷ୍ଠ ଆମର ଏଥରେ ଯାହା ଅଛି ଆମମାନଙ୍କ। ଗରିବ, ଦଳିତ, ବଞ୍ଚିତ ଏବଂ ସମାଜରେ ଶେଷରେ ଥିବା ବ୍ୟକ୍ତି ନ୍ୟାୟ ପାଇବା ଉଚିତ। କମ୍ପାନୀ କ'ଣ ସରକାରଙ୍କ ବାପ? ଯାହା ଚାହିଁବେ ତାହା ସମର୍ପ ଦେବେ? ୨୨୨ ମିଲିୟନଟନ କୋଇଲା ଉତ୍ପାଦନ ହେଉଛି କିନ୍ତୁ ୨୦୨ ମିଲିୟନ ଟନ ବାହାରକୁ ରପ୍ତାନୀ ହେଉଛି। ଆମେ କେବଳ ୨୦ ଟନ ବ୍ୟବହାର କରୁଛୁ। ଯେଉଁମାନେ ଆମଠୁ କୋଇଲା ନେଉଛନ୍ତି ସେମାନେ କୋଇଲାରୁ ବିଜୁଳି କରି ଚାଷୀଙ୍କୁ ମାଗଣା ବିଜୁଳି ପ୍ରଦାନ କରୁଛନ୍ତି। ଆମେ ଉତ୍ପାଦନକାରୀ ହୋଇସୁଦ୍ଧା ଆମ ଚାଷୀଙ୍କ ଠାରୁ କଷ୍ଟସାଧ୍ୟ ବିଜୁଳି ମୂଲ୍ୟ ଆଦାୟ କରୁଛୁ। କଳକାରଖାନା ମନଇଚ୍ଛା ପ୍ରଦୁଷଣ କରୁଛନ୍ତି। ସରକାରଙ୍କର କୌଣସି କଟକଣା ନାହିଁ। ୧୫୦-୨୦୦ ବର୍ଷ ଧରି ବସବାସ କରୁଥିବା ଲୋକଙ୍କୁ ସରକାର ପଟାଦେଉ ନାହିଁ। ଯାହା ସେମାନଙ୍କ ଅଧିକାର ପରିସରଭୁକ୍ତ। ନିୟମଗିରିର ଆଦିବାସୀମାନେ ଅସ୍ତ୍ରଶସ୍ତ୍ର ଧରି ବୁଲନ୍ତି। କିନ୍ତୁ ଆପଣ ଶୁଣିନଥିବେ ସେମାନେ କେବେ କାହାପ୍ରତି ହିଂସାତ୍ମକ ବ୍ୟବହାର କରିଅଛନ୍ତି। ରାଜ୍ୟର ସମସ୍ତ ପାହାଡ଼ ପର୍ବତ ଅଞ୍ଚଳରେ ରହୁଥିବା ନିରୀହ ଆଦିବାସୀ ସମୂହଙ୍କୁ ଆଜି ସରକାରଙ୍କ ତରଫରୁ ଦୁର୍ଦ୍ଦଶାର ସମ୍ମୁଖିନ ହେବାକୁ ପଡୁଛି। ଶିଳ୍ପପତିମାନଙ୍କ ପାଇଁ ନିରୀହ ଆଦିବାସୀଙ୍କୁ ଅନ୍ୟାୟ ଏବଂ ବର୍ବରୋଚିତ ଢ଼ଙ୍ଗରେ ବିସ୍ଥାପନ କରାଯାଉଛି। ନାଥୁରାମ ଗଡ଼ସେ ଯେ ଗାନ୍ଧୀଜୀଙ୍କ ହତ୍ୟାକାରୀ ସିଏ ବିଜେପିର ହିରୋ। ସେମାନଙ୍କ ବିଚାର ହିଂସାତ୍ମକ। ସେଥିପାଇଁ ସେମାନେ ସାଧାରଣ ଜନତାଙ୍କ ପ୍ରତି ଏଭଳି ନିଷ୍ଠୁର ବ୍ୟବହାର କରିପାରୁଛନ୍ତି। ମୁଁ ଆପଣଙ୍କୁ ଏତିକି କହିବାକୁ ଚାହେଁ ଆପଣ ଏକଜୁଟ ହୁଅନ୍ତୁ। ଏହି ମାଟି, ପାଣି, ପବନ ଆପଣଙ୍କ ନିଜର ଏହି ଅଞ୍ଚଳ ସେମାନଙ୍କୁ ଛାଡ଼ିବାକୁ ପଡ଼ିବ। ଆପଣଙ୍କୁ ନୁହେଁ। ମୁଁ ଆପଣଙ୍କୁ ଅନୁରୋଧ କରୁଛି ଅହିଂସାତ୍ମକ ଉପାୟରେ ଅଧିକାର ଓ ନ୍ୟାୟ ପାଇଁ ଆନ୍ଦୋଳନ କରନ୍ତୁ। କଂଗ୍ରେସ ଦଳ ଆପଣଙ୍କୁ ସବୁ କ୍ଷେତ୍ରରେ ସହଯୋଗ ଏବଂ ସମର୍ଥନ କରିବ।

ଢ଼ିଙ୍କିଆରେ ଆୟୋଜିତ ଏହି ବିଶାଳ ସମାବେଶରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ଦେବୀ ପ୍ରସାଦ ନାୟକ, ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ପିନାକୀ ନାରାୟଣ ଦାସ, ପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ନଟବାର ବାରିକ, ନିରଞ୍ଜନ ନାୟକ ଏବଂ ଅନେକ ମହିଳା ନେତ୍ରୀଙ୍କ ସମେତ ହଜାର ହଜାର କଂଗ୍ରେସ କର୍ମୀ ଏବଂ ସାଧାରଣ ଜନତା ଉପସ୍ଥିତ ଥିଲେ।



### ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ ବ୍ୟାପକ ଅନିୟମିତତା

## ମିଥ୍ୟା ସତ୍ୟପାଠ ଉପରେ ମାମଲା ଲଢୁଛି ଗଣଶିକ୍ଷା ବିଭାଗ

**ଭୁବନେଶ୍ୱର,୨୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବେସରକାରୀ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ପ୍ରଦାନ ନିମନ୍ତେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରଦାନ କରାଯାଉଥିବା ଏନ୍‌ଓସିରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ହେଉଥିବା ଘଟଣା ଏବେ ନଜରକୁ ଆସିଛି। ବିଭାଗୀୟ ନିୟମାବଳୀକୁ ଉଲ୍ଲଂଘନ କରି ଏନ୍‌ଓସି ପ୍ରଦାନ ଏବଂ ବହୁ ବର୍ଷ ଧରି ଏନ୍‌ଓସି ନବୀକରଣ ନକରି ବେସରକାରୀ ବିଦ୍ୟାଳୟ ଚାଲୁଥିବା ଘଟଣା ସୁଚନା ଆଇନ୍ ଅଧିକାର ତଥ୍ୟ ଦ୍ୱାରା ହସ୍ତଗତ ହୋଇଛି ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ମିଥ୍ୟା ସତ୍ୟପାଠ ଉପରେ ଗଣଶିକ୍ଷା ବିଭାଗ ହାଇକୋର୍ଟରେ ମାମଲା ଲଢୁଥିବା ଘଟଣା ସାମ୍ନାକୁ ଆସିଛି। ସମସ୍ତ ବିଭାଗୀୟ ଅଧିକାରୀ ଏ ସମ୍ବନ୍ଧରେ ଜାଣି ମଧ୍ୟ ଚୁପ୍ ହୋଇ ବସିଛନ୍ତି ବୋଲି ରାଷ୍ଟ୍ରୀୟ ମାନବାଧିକାର ସାମ୍ମୁଖ୍ୟର ସଭାପତି ରମେଶ ଭାରତୀ ଏବଂ ଆବାହକ ଭୁମୋହନ ବେବର୍ତ୍ତା। ପଟ୍ଟନାୟକ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ବେସରକାରୀ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ଅର୍ଥାତ୍ ନବମ ଦଶମ ଶ୍ରେଣୀ ଖୋଲିବା ନିମନ୍ତେ ଗଣଶିକ୍ଷା ବିଭାଗ ତରଫରୁ ସର୍ତ୍ତମୂଳକ ଏନ୍‌ଓସି ପ୍ରଦାନ କରାଯାଉଛି। ଗଣଶିକ୍ଷା ବିଭାଗର ସଚିବଙ୍କ ଅଧକ୍ଷତାରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଏନ୍‌ଓସି ପ୍ରଦାନ ନିମନ୍ତେ ଧାର୍ଯ୍ୟ ବିଭିନ୍ନ ନିୟମାବଳୀକୁ ତର୍ଜମା କରି ସର୍ତ୍ତମୂଳକ ଏନ୍‌ଓସି ପ୍ରଦାନ କରନ୍ତି, ଯାହାକି ପ୍ରତ୍ୟେକ ବର୍ଷ ନବୀକରଣ କରିବା କଥା। କିନ୍ତୁ ଆଶ୍ଚର୍ଯ୍ୟର କଥା ସୁଚନା ଅଧିକାର ଆଇନ୍ ଅନୁଯାୟୀ ମିଳିଥିବା ତଥ୍ୟ ଅନୁଯାୟୀ ରାଜ୍ୟରେ ବହୁ ବେସରକାରୀ ବିଦ୍ୟାଳୟ ବିନା ଏନ୍‌ଓସିରେ ଚାଲିଛି ଏବଂ ରାଜଧାନୀ ଭୁବନେଶ୍ୱରରେ ଏହାର ସଂଖ୍ୟା ସର୍ବାଧିକ ଏବଂ ବିଦ୍ୟାଳୟ ଗୁଡ଼ିକ ଜାଲର କାଗଜପତ୍ର ମାଧମରେ ସିବିଏସଇ ସହ ଅନୁବନ୍ଧିତ ମଧ ହୋଇଛନ୍ତି। ଭୁବନେଶ୍ୱର ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଖଣ୍ଡଗିରୀ ଦୀର୍ଘ ୨୨ ବର୍ଷ ହେଲା ବିନା ଏନ୍‌ଓସିରେ ଚାଲିଛି ଏବଂ ଏକ ଘଟଣାରେ ସରକାରଙ୍କ ବିଭିନ୍ନ ନିର୍ଦ୍ଦେଶକୁ ଅବମାନନା କରୁଥିବାରୁ ୨୦୨୩ ମସିହାରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସୁପାରିଶ କ୍ରମେ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ବସି ସ୍କୁଲ୍‌ର ଏନ୍‌ଓସି ପ୍ରତ୍ୟାହାର କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ସ୍କୁଲ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ବିରୋଧରେ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍କୁଲ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ଏକ ଅନ୍ତରୀଣ ଆଦେଶ ଦେଇଥିଲେ ଯେଉଁ ମାମଲା ଏପର୍ଯ୍ୟନ୍ତ ବିଭାଗ ଲଢୁଛି।

ଏଠି ପ୍ରଶ୍ନ ଉଠୁଛି ଯେତେବେଳେ ସ୍କୁଲର ଦୀର୍ଘ ବର୍ଷ ହେଲା ଏନ୍‌ଓସି ହିଁ ନାହିଁ ତେବେ ଗଣଶିକ୍ଷା ବିଭାଗକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏନ୍‌ଓସି ପ୍ରତ୍ୟାହାର କରିବା ନିମନ୍ତେ ସୁପାରିଶ କଲା କେମିତି ? ଏହିଭଳି ବହୁ ଅନିୟମିତତା ବର୍ତ୍ତମାନ ସାମ୍ନାକୁ ଆସୁଛି ଏବଂ ବିଭାଗୀୟ ଅଧିକାରୀ ଏସମ୍ପର୍କରେ କୌଣସି ଉତ୍ତର ରଖି ପାରୁନାହାଁନ୍ତି। ମାନବାଧିକାର ସାମ୍ମୁଖ୍ୟ ତରଫରୁ ଏହି ଅନିୟମିତତା ସଂପର୍କରେ ଗଣଶିକ୍ଷା ବିଭାଗର ସଚିବଙ୍କୁ ତଥ୍ୟ ପ୍ରମାଣ ସହ ଅଭିଯୋଗ ପତ୍ର ଦିଆଯାଇଛି ଏବଂ ଯଦି ଏହା ଉପରେ ଆବଶ୍ୟକୀୟ ପଦକ୍ଷେପ ନ ନିଆଯାଏ ତାହେଲେ ଛାତ୍ରଛାତ୍ରୀ, ଅଭିଭାବକମାନଙ୍କ ବୃହତ୍ତର ସ୍ୱାର୍ଥକୁ ନଜରରେ ରଖି ଆଗାମୀ ସମୟରେ ଆଇନ୍‌ର ସାହାଯ୍ୟ ନିଆଯିବ ବୋଲି ସାମ୍ମୁଖ୍ୟର ସଭାପତି ଶ୍ରୀ ଭାରତୀ ଜଣାଇଛନ୍ତି। ଆଜିର ବିବୃତ୍ତିରେ ଆବାହକ ଭୁମୋହନ ପଟ୍ଟନାୟକ, ତପନ ପତି, ଆଡଭୋକେଟ୍ ନିଳକଣ୍ଠ ରଥ, ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ନବୀନବାବୁ ସମ୍ପୂର୍ଣ୍ଣ ସୁସ୍ଥ, ଉତ୍ତରାଧିକାରୀ କାହିଁକି ?

**ଭୁବନେଶ୍ୱର,୨୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କିଏ କାହାକୁ ସନ୍ତୁଷ୍ଟ କରିବାକୁ କିମ୍ବା କେଉଁ ପରିପ୍ରେକ୍ଷୀରେ କିଏ କ'ଣ କହୁଛି ତାଙ୍କୁ ପଚାରିଲେ ସେ ତାଙ୍କ ମତାମତ ଦେଇ ପାରିବେ। କଳିକେଶ ନରାୟଣ ସିଂହଦେଓଙ୍କୁ ବିଜେଡି ଦାୟିତ୍ୱ ଦେବା ପ୍ରସଙ୍ଗରେ ଏଭଳି ପ୍ରତିକ୍ରିୟା ରଖିଛନ୍ତି ବିଜେଡି ବିଧାୟକ ସାରଦା ଜେନା। ସେ କହିଛନ୍ତି, ନବୀନ ବାବୁ ହେଉଛନ୍ତି ବିଜେଡିର ସର୍ବମାନ୍ୟ ନେତା। ନବୀନ ବାବୁ ସମ୍ପୂର୍ଣ୍ଣ ସୁସ୍ଥ ଓ ସକ୍ରିୟ ଅଛନ୍ତି। ଆଉ ଲଗାତାର ବିଧାୟକମାନଙ୍କ ସହ ବୈଠକ ବି କରୁଛନ୍ତି। ନବୀନ ତ ଫିଟ୍ ଅଛନ୍ତି ତ ପୁଣି ଉତ୍ତରାଧିକାରୀ କଥା କାହିଁକି ଉଠୁଛି ବୋଲି ପ୍ରଶ୍ନ କରିଛନ୍ତି ଶାରଦା ଜେନା।

ସେ ଆହୁରି କହିଛନ୍ତି ଯେଉଁମାନେ ଉଠାଉଛନ୍ତି ସେମାନେ କେଉଁ ଉଦ୍ଦେଶ୍ୟରେ ଉଠାଉଛନ୍ତି ସେମାନେ ଉତ୍ତର ଦେଇ ପାରିବେ। କଳିକେଶ ସାଙ୍ଗଠନିକ ଦାୟିତ୍ୱରେ ତ ରହିଛନ୍ତି ପୁଣି ନେତୃତ୍ୱ କ'ଣ ଦିଆଯିବ। ସେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ। ସେ ରାଜ୍ୟ ଦାୟିତ୍ୱରେ ଅଛନ୍ତି। କିଏ କେଉଁ ପରିପ୍ରେକ୍ଷୀରେ କହିଛି ତାର ତର୍ଜମା କରାଯାଉଛି। ତର୍ଜମା ପରେ ଆକ୍ସନ ନିଆଯିବ କି ନାହିଁ ଶୃଙ୍ଖଳା କମିଟି ଓ ସଭାପତି ନିଷ୍ପତ୍ତି ନେବେ ବୋଲି ସାରଦା ଜେନା କହିଛନ୍ତି।

## ୮ ହତ୍ୟା ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍

**କେନ୍ଦୁଝର,୨୯।୧: ଏକ୍ସପ୍ରେସ୍ ନ୍ୟୁଜ୍**

ମଲ୍ଲି ଜେନା ହତ୍ୟା ମାମଲାରେ ୮ଜଣ ଅଭିଯୁକ୍ତଙ୍କୁ ୧୦ ବର୍ଷ ଲେଖାଏଁ ଜେଲ୍ ଦଣ୍ଡ ଶୁଣାଣି। ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଶାଳଦେଇ ଗାଁର ବହୁ ଚର୍ଚ୍ଚିତ ମଲ୍ଲି ଜେନା ହତ୍ୟାକାଣ୍ଡ ଘଟଣାର ଚୁଡ଼ାନ୍ତ ରାୟ ପ୍ରକାଶ ପାଇଛି। ହତ୍ୟା ଘଟଣାରେ ଅଭିଯୁକ୍ତ ମଦନ ମୋହନ ସାହୁ, ହରେକୃଷ୍ଣ ବୋଇତେଇ, ଅମରେଶ ରାଉତ, ସନ୍ତୋଷ ସାହୁ, ବଳରାମ ବେହେରା, ମାନସ ରଞ୍ଜନ ବେହେରା, ଭାଗିରଥୀ ପଲ୍ଲେଇ, ଅଞ୍ଜନ ରାଉତ ଏହି ୮ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି କୋର୍ଟ।

ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଓ ଦୈରା ଜଜ୍ ଏହି ମାମଲାର ରାୟ ଶୁଣାଇ ଆଜି ସମସ୍ତ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୩ ମାସ ଦଣ୍ଡାଦେଶ ଶୁଣାଇଛନ୍ତି ମାନ୍ୟବର ଅଦାଲତ। ସୂଚନାଯୋଗ୍ୟ ଯେ, ୨୦୨୩ ମସିହା ମାର୍ଚ୍ଚ ମାସ ୨୨ ତାରିଖରେ ଶାଳଦେଇ ବାଲିଘାଟକୁ କେନ୍ଦ୍ରକରି ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ରରେ ମଲ୍ଲି ଜେନାଙ୍କୁ ଆକ୍ରମଣ କରିଥିଲେ। ଏନେଇ ରାମଚନ୍ଦ୍ରପୁର ଥାନାରେ ଏତେଲା ଦେଇଥିଲେ ମଲ୍ଲି। କଟକ ବଡ଼ ଡାକ୍ତରଖାନାଠାରେ ସେହି ମାସ ୨୯ ତାରିଖରେ ଚିକିତ୍ସାଧିନ ଅବସ୍ଥାରେ ମଲ୍ଲିଙ୍କର ମୃତ୍ୟୁ ହୋଇଥିଲା।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ତାନ୍ତ୍ରିକ ଗିରଫ

**କଟକ,୨୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ତନ୍ତ୍ର ପୂଜା କରି ପରିବାରର ରିଷ୍ଟ ଖଣ୍ଡନ କରିବାର ପ୍ରତିଶୃତି ଦେଇ ଏକ ବନ୍ଦ ଘରେ ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ସ୍ଥାନୀୟ ପୁରୀଘାଟ ଥାନା ପୋଲିସ ଜଣେ ଭଣ୍ଡ ତାନ୍ତ୍ରିକକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ, ଜଗତସିଂହପୁର ଜିଲ୍ଲା ବିରିଡ଼ି ଅଂଚଳର ଜଗନ୍ନାଥ ନାୟକ । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

ସୂଚନା ମୁତାବକ, ସ୍ଥାନୀୟ ସାଆନ୍ତସାହିର ଜଣେ ଯୁବତୀଙ୍କ ଘରେ ଆର୍ଥିକ ସମସ୍ୟା ଓ ପାରିବାରିକ ବିବାଦ ଲାଗି ରହିଥିଲା । ଏଥିପାଇଁ ଯୁବତୀଜଣକ ଖୁବ ଚିନ୍ତାରେ ଥିଲେ । ଏହି ସମୟରେ ଜଣେ ସଂପର୍କୀୟଙ୍କ ପରାମର୍ଶ ଅନୁଯାୟୀ ଯୁବତୀଜଣକ ଜଗତସିଂହପୁର ଜିଲ୍ଲା ବିରିଡ଼ି ଅଂଚଳର ତାନ୍ତ୍ରିକ ଜଗନ୍ନାଥ ନାୟକଙ୍କୁ ଯୋଗାଯୋଗ କରିଥିଲେ। ଏହା ପରେ ତାନ୍ତ୍ରିକ ଜଗନ୍ନାଥ ଉକ୍ତ ଯୁବତୀଙ୍କ ଘର ଭିତରେ ତନ୍ତ୍ର ପୂଜା କରି ରିଷ୍ଟ ଖଣ୍ଡନ କରିବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ପାଖାପାଖି ୭୦ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ତାନ୍ତ୍ରିକ କହିଥିଲେ। ଯୁବତୀ ଜଣକ ଏଥିପାଇଁ ରାଜି ହୋଇଯାଇଥିଲେ। ଏହି ପୂଜାର୍ଚ୍ଚନା ପାଇଁ ଯୁବତୀଙ୍କ ଠାରୁ ତାନ୍ତ୍ରିକ ଜଗନ୍ନାଥ ପ୍ରଥମେ ୨୫ହଜାର ଟଙ୍କା ନେଇଥିଲା । ଏହା ପରେ ତାନ୍ତ୍ରିକ ଯୁବତୀଙ୍କ ଘରେ ଆସି ପୂଜାର୍ଚ୍ଚନା କରିଥିଲା। ବନ୍ଦ ଘରେ ରିଷ୍ଟ ଖଣ୍ଡନ ପୂଜାର୍ଚ୍ଚନା ଚାଲିଥିଲା। ଏହି ସମୟରେ ଯୁବତୀଙ୍କୁ ବନ୍ଦ ଘର ଭିତରେ ଏକୁଟିଆ ପାଇ ତାନ୍ତ୍ରିକ ଅସଦାଚରଣ କରିବାର ଅଭିଯୋଗ ହୋଇଥିଲା । ଯୁବତୀ ଜଣକ ଚିତ୍କାର କରିବାକୁ ତାନ୍ତ୍ରିକ ଘଟଣା ସ୍ଥଳ ଛାଡ଼ି ଫେରାର ହୋଇଯାଇଥିଲା । ପରେ ଯୁବତୀ ଜଣକ ସ୍ଥାନୀୟ ପୁରୀଘାଟ ଥାନାରେ ଅସଦାଚରଣ ନେଇ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତନାଘନା ଆରମ୍ଭ କରିଥିଲା । ପୋଲିସ ଅଭିଯୁକ୍ତ ଜଗନ୍ନାଥକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି ।

## ୨୬ ହଜାର କୋଟିର ପ୍ରକଳ୍ପ ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ

**କଟକ,୨୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

୨୬ ହଜାର କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କଲେ ହାଇକୋର୍ଟ। ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ବିନା କେତେକ ନିର୍ଦ୍ଦିଷ୍ଟ ସଂସ୍ଥାଙ୍କୁ କାମ ଦେବାର ଯେଉଁ ମସୁଧା ହୋଇଥିଲା, ତା ଉପରେ ଅଦାଲତି ଛାଟ ବାଜିଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଓପେପା ବା ଓଡିଶା ପ୍ରାଇମେରୀ ଏଜୁକେସନ ପ୍ରୋଗ୍ରାମ ଅଥରିଟିର ନିର୍ଦ୍ଦେଶକ ଦେଇଥିବା କାର୍ଯ୍ୟାଦେଶ କାର୍ଯ୍ୟକାରୀ ହୋଇପାରିବନି ବୋଲି କୋର୍ଟ କହିଛନ୍ତି।

ସୁଶ୍ରୀ ସଂଗୀତା ଷଡ଼ଙ୍ଗୀ ଦାୟର କରିଥିବା ମାମଲାରେ ଉଲ୍ଲେଖ କରିଛନ୍ତି ଯେ, ବିଭିନ୍ନ ସ୍କୁଲର ଭିତ୍ତିଭୂମି ସଜାଡିବା ଲାଗି ଓପେପା ନିର୍ଦ୍ଦେଶକ ପ୍ରାୟ ୨୬ ହଜାର କୋଟି ଟଙ୍କାର କାର୍ଯ୍ୟାଦେଶ ବାଣ୍ଟିଛନ୍ତି। ଯାହା ପୂର୍ବରୁ ବିଭାଗୀୟ ସଚିବ ଏବଂ ପରିଚାଳନା କମିଟିର ଅଧକ୍ଷ ଭାବେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଆବଶ୍ୟକ। କିନ୍ତୁ ସେଭଳି ଅଉପଚାରିକତା ପୂରଣ ନକରି ନିର୍ଦ୍ଦେଶକ ଓପେପା ଏକପାଖିଆ ଭାବେ କେତେକ ନିର୍ଦ୍ଦିଷ୍ଟ ସଂସ୍ଥାଙ୍କୁ ଅନୁଗ୍ରହ ଦେଖାଇଛନ୍ତି, ଯାହା ଆଇନସିଦ୍ଧ ନୁହେଁ। ଏପରି ହେଲେ ଓପେପାରେ କାର୍ଯ୍ୟରତ ଆଉଟସୋର୍ସ କର୍ମଚାରୀ ମାନେ ବୃତ୍ତି ହରାଇବାର ଆଶଙ୍କା ମଧ୍ୟ ରହିଛି।

ତେଣୁ ଏଭଳି ବେଆଇନ କାର୍ଯ୍ୟ ଉପରେ ରୋକ ଲଗାଇବାକୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଯାହାର ପ୍ରାରମ୍ଭିକ ଶୁଣାଣି କରି କୋର୍ଟ ସ୍ଥଗିତାଦେଶ ଜାରୀ କରିବା ସହ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଫେବୃଆରୀ ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଦିନ ଧାର୍ଯ୍ୟ ହୋଇଛି।

## ଗୁରୁ ନରହରି ଦାସଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା,୨୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୌରାଞ୍ଚଳର ସ୍ଥିତ ବଳଦେବ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରାକ୍ତନ ଯଶସ୍ୱୀ ଗୁରୁ ସ୍ୱର୍ଗତ ନରହରି ଦାସଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁର ସଭାପତି ପ୍ରାକ୍ତନ ଅଧକ୍ଷ ଅଜୟ କୁମାର ସାମଲ ଏଥିରେ ସଭାପତିତ୍ୱ କରି ଗୁରୁଙ୍କର ଯଶ ଗାନ କରିଥିଲେ । ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ତ୍ରିପାଠୀ ଗୁରୁଙ୍କ ସହିତ ୬ ବର୍ଷର ଅଙ୍ଗେନିଭା କଥା ବଖାଣିଥିଲେ । ବିଭିନ୍ନ ବ୍ୟାଚର ଛାତ୍ର ମାନେ ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଶ୍ରଦ୍ଧାସୁମନ ପ୍ରଦାନ କରିବା ସଙ୍ଗେସଙ୍ଗେ ଗୁରୁଙ୍କ ଶିକ୍ଷାଦାନ ଓ ପୁତ୍ରବତ୍ ଭଲପାଇବା କଥା ବର୍ଣ୍ଣନା କରିଥିଲେ । ସେମାନେ ହେଲେ ଡ. ଉପେନ୍ଦ୍ର ନାଥ ପ୍ରଧାନ, ଅଧିବକ୍ତା ଧୀରେନ୍ କୁମାର ସାହୁ, ବ୍ରଜସୁନ୍ଦର ଦାସ, କାଉନସିଲର ପ୍ରଦୀପ୍ତ କୁମାର ଜେନା, ମନିନ୍ଦ୍ର କୁମାର ରାଉତ, ସୁନିଲ ମହାଲିକ୍, ସତ୍ୟମ ଦାସ, କ୍ଷୀରୋଦ ସାହୁ, ରବିନ୍ଦ୍ର ନାଥ ବାରିକ, ରଞ୍ଜନ ମିଶ୍ର, ବୀରକିଶୋର ସାହୁ, ବିଶ୍ୱଜିତ ଦାସ, ତପନ ଦାସ, ସ୍ୱର୍ଗତ ଦାସଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଂପ୍ରତି ପ୍ରଧାନ ଶିକ୍ଷକ ରୁବିନା ପ୍ରଧାନ, ସହକର୍ମୀ ବୃନ୍ଦ । ଶିକ୍ଷା କର୍ମଚାରୀ ଓ ଛାତ୍ର ଛାତ୍ରୀମାନେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସ୍ୱର୍ଗତ ଦାସଙ୍କ ଶ୍ୟାମସୁନ୍ଦରପୁର ବାସଭବନକୁ ସାନ୍ତ୍ୱନା ମୂଳକ ଶୋକ ବର୍ତ୍ତା ପ୍ରେରଣ କରାଯାଇଥିଲା । ବରିଷ୍ଠ ରାଷ୍ଟ୍ରଭାଷା ଶିକ୍ଷକ ତପନକୁମାର ଦାଶ ଧନ୍ୟାବାଦ ଅର୍ପଣ କରିଥିଲେ ।

## ମୃତ୍ୟୁ ସହାୟତା ଟଙ୍କା ହଡ଼ପ

**ଜଳେଶ୍ୱର,୨୯।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ମ୍ୟୁନିସିପାଲଟିର ୮ନଂ ୱାର୍ଡ ପଂଚୁଘଣ୍ଟାର ସ୍ୱର୍ଗତ ଦାକ୍ଷିଣ ହେମ୍ବ୍ରମଙ୍କ ପତ୍ନୀ ରାଇବାରୀ ହେମ୍ବ୍ରମ(୫୦) ସ୍ୱାମୀର ମୃତ୍ୟୁ ପରେ ପାଇଥିବା ସରକାରୀ ସହାୟତା ଅର୍ଥକୁ ବ୍ୟାଙ୍କରୁ ହଡପ ହୋଇଥିବା ଅଭିଯୋଗ ହୋଇଛି। ୫ବର୍ଷ ତଳେ ସ୍ୱାମୀ ଦାକ୍ଷିଣ ପାଣିରେ ବୁଡି ମୃତ୍ୟୁ ହୋଇଥିବା ବେଳେ ସରକାରୀ ନିୟମ ଅନୁଯାୟୀ ୪ଲକ୍ଷ ଟଙ୍କା ସ୍ତ୍ରୀ ରାଇବାରୀ ପାଇଥିଲେ। ମାତ୍ର ରାଇ ନିରକ୍ଷର ଥିବାରୁ ଉକ୍ତ ୪ଲକ୍ଷ ଟଙ୍କା ୟୁନିୟନ ବ୍ୟାଙ୍କରେ ଜମା ହୋଇଥିଲା। ଦାକ୍ଷିଣ ହେମ୍ବ୍ରମ ସେହି ଗାଁର ବିଶିଷ୍ଟ ବ୍ୟବସାୟୀ ହରିହର ମହାପାତ୍ରଙ୍କ ନିକଟରେ ଟ୍ରାକ୍ଟର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବାରୁ ବ୍ୟାଙ୍କ ଖାତା ଓ ଏଟିଏମ୍ ଇତ୍ୟାଦି ନିଜ ପାଖରେ ରଖିଥିବା ମୃତକଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ପର୍ଯ୍ୟାୟ କ୍ରମେ ତାଙ୍କ ଅଗୋଚରରେ ବ୍ୟାଙ୍କ ଖାତାରୁ ସମସ୍ତ ଟଙ୍କା ଉଠାଣ ହୋଇଥିବା ସଙ୍ଗୀନ ଅଭିଯୋଗ ହୋଇଛି। ପରେ ରାଇବାରୀ ସମସ୍ତ ଘଟଣା ଜାଣି ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ତେଣୁ ତାର ସମସ୍ତ ଟଙ୍କା ଫେରି ପାଇବା ସହତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଭିଜିଲାନ୍ସ ଜାଲରେ...

ରହିଛି। ଭିଜିଲାନ୍ସ ସୂଚନା ମୁତାବକ, ହେପାଟୋଲୋଜି ବିଭାଗକୁ ଚିକିତ୍ସା ଉପକରଣ ଯୋଗାଣ ପାଇଁ ଅଂଶଗ୍ରହଣକାରୀ ବିଡ଼ରଙ୍କ ଠାରୁ ବେଆଇନ ଟଙ୍କା ସଂଗ୍ରହ ସଂପର୍କରେ ବିଶ୍ୱସ୍ତ ସୂଚନା ଆଧାରରେ ଏସସିବି ମେଡ଼ିକାଲର ହେପାଟୋଲୋଜି ବିଭାଗର ଆସୋସିଏଟ ପ୍ରଫେସର ଡା ସନାତନ ବେହେରାଙ୍କୁ କାଠଗୋଲା ସାହି-ମେଡ଼ିକାଲ ରୋଡ଼ଠାରେ ଓଡ଼ିଶା ଭିଜିଲାନ୍ସର ଏକ ଦଳ ଦ୍ୱାରା ଅଟକା ଯାଇଥିଲା। ଡା ବେହେରା ତାଙ୍କ ହିରୋହୁଣ୍ଡା ଆକ୍ଟିଭା ସ୍କୁଟରରେ ବେନାମୀ ଟଙ୍କା ନେଇ ତାଙ୍କ ଆବାସିକ ସରକାରୀ କ୍ୱାଟରକୁ ଯାଉଥିବା ସମୟରେ ଭିଜିଲାନ୍ସ ଟିମ ଦ୍ୱାରା ତାଙ୍କୁ ଅଟକା ଯାଇଥିଲା। ଅଟକାଯିବା ସମୟରେ ଡା ବେହେରାଙ୍କ ନିକଟରୁ ୨ଲକ୍ଷ ୬୩ହଜାର ବେଆଇନ ଟଙ୍କା ମିଳିଥିଲା । ଡା ବେହେରା ସନ୍ତୋଷଜନକ ଭାବରେ ହିସାବ ଦେଇପାରି ନଥିବାରୁ ତାଙ୍କ ନିକଟରୁ ଟଙ୍କା ଭିଜିଲାନ୍ସ ଟିମ ଦ୍ୱାରା ଜବତ କରାଯାଇଥିଲା । ଏହା ପରେ ଡା ବେହେରାଙ୍କୁ ଅଟକାଇ ତାଙ୍କ ସହ ସଂପୃକ୍ତ ୩ଟି ସ୍ଥାନରେ ଆୟ ବର୍ହିଭୂତ ସଂପତ୍ତି ଠୁଳ ଆଶଙ୍କାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି । ଏହି ଘଟଣାରେ କଟକ ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନ ଅଧୀନରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

### ୟୁଜିସିର ନୂଆ...

ପଢ଼ନ୍ତି ଏବଂ ରହନ୍ତି। ତଥାପି ଆମେ ଏବେ ବି ଜାତିଗତ ବୈଷମ୍ୟ ସହିତ ସଂଘର୍ଷ କରୁଛୁ।'

ୟୁଜିସିର ନୂଆ ନିୟମ ଅନୁଯାୟୀ, ପ୍ରତ୍ୟେକ କଲେଜ ଏକ ସମାନ ସୁଯୋଗ କେନ୍ଦ୍ର (ଇଓସି) ପ୍ରତିଷ୍ଠା କରିବ। ଇଓସି ଶିକ୍ଷା, ଫି ଏବଂ ଭେଦଭାବ ସମ୍ପର୍କରେ ଅସୁବିଧାଗ୍ରସ୍ତ ଏବଂ ସୀମାନ୍ତ ଛାତ୍ରମାନଙ୍କୁ ସହାୟତା ପ୍ରଦାନ କରିବ। ପ୍ରତ୍ୟେକ କଲେଜ ଅଧକ୍ଷଙ୍କ ଅଧକ୍ଷତାରେ ଏକ ସମାନତା କମିଟି ରହିବ। କମିଟିରେ ଏସ୍ସି,ଏସ୍ଟି, ଓବିସି, ମହିଳା ଏବଂ ଦିବ୍ୟାଙ୍ଗମାନଙ୍କୁ ସାମିଲ କରାଯିବ। କମିଟିର କାର୍ଯ୍ୟକାଳ ଦୁଇ ବର୍ଷ ହେବ। କଲେଜରେ ଏକ ସମାନତା ସ୍କ୍ୱାଡ୍ ମଧ୍ୟ ରହିବ, ଯାହା ଭେଦଭାବ ଉପରେ ନଜର ରଖିବ। ଭେଦଭାବର ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ଏକ ବୈଠକ ବାଧ୍ୟତାମୂଳକ ହେବ। ୧୫ ଦିନ ମଧ୍ୟରେ କଲେଜ ଅଧକ୍ଷଙ୍କୁ ଏକ ରିପୋର୍ଟ ଦାଖଲ କରାଯିବ। କଲେଜ ଅଧକ୍ଷ ସାତ ଦିନ ମଧ୍ୟରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବେ। ଇଓସି ପ୍ରତି ଛଅ ମାସରେ କଲେଜକୁ ରିପୋର୍ଟ କରିବେ। ଜାତିଗତ ଭେଦଭାବ ଉପରେ କଲେଜକୁ ପ୍ରତିବର୍ଷ ୟୁଜିସି କୁ ଏକ ରିପୋର୍ଟ ଦାଖଲ କରିବାକୁ ପଡିବ। ୟୁଜିସି ଏକ ଜାତୀୟ ମନିଟରିଂ କମିଟି ପ୍ରତିଷ୍ଠା କରିବ। ନିୟମ ଉଲ୍ଲଂଘନ କଲେ କଲେଜର ଅନୁଦାନ ବନ୍ଦ ହୋଇପାରେ। କଲେଜର ଡିଗ୍ରୀ, ଅନଲାଇନ୍ ଏବଂ ଡିଷ୍ଟାନ୍ସ କୋର୍ସ ଉପରେ ରୋକ ଲଗାଯାଇପାରେ। ଗମ୍ଭୀର ମାମଲାରେ ୟୁଜିସିର ମାନ୍ୟତା ରଦ୍ଦ ହୋଇପାରେ।

### ଭାରତର ଜିଡିପି...

ବର୍ଷରେ ଏହା ଆହୁରି ଦୃତ ହୋଇ ୭.୪% ପର୍ଯ୍ୟନ୍ତ ପହଞ୍ଚିବାର ଅନୁମାନ କରାଯାଉଛି।

ସିଇଏ କହିଛନ୍ତି ଯେ ଏହି ଅଭିବୃଦ୍ଧି ସୁଦୃଢ଼ ଘରୋଇ ମୌଳିକ ତତ୍ତ୍ୱ ଦ୍ୱାରା ସମର୍ଥିତ, ଯେଉଁଥିରେ ବ୍ୟବହାର (ବ୍ୟୟ) ଏବଂ ନିବେଶ ଅନ୍ତର୍ଭୁକ୍ତ। 'ବ୍ୟକ୍ତିଗତ ବ୍ୟବହାର ଖର୍ଚ୍ଚ ଅଭିବୃଦ୍ଧି ଦୃଢ଼ ରହିଛି, ଦ୍ୱାଦଶରୁ ୨୦ତମ ଆର୍ଥିକ ବର୍ଷ ) ରେ ୬.୮% ରୁ ୨୫ତମ ଆର୍ଥିକ ବର୍ଷରେ ୭.୨% କୁ ବୃଦ୍ଧି ପାଇଛି, ଏବଂ ୨୬ ତମ ଆର୍ଥିକ ବର୍ଷ ରେ ଏହା ସାମାନ୍ୟ ୭.୦% କୁ ହ୍ରାସ ପାଇବ। ନିବେଶ କାର୍ଯ୍ୟକଳାପ ମଧ ବୃଦ୍ଧି ପାଇଛି। ଗ୍ରସ୍ ଫିକ୍ସ କ୍ୟାପିଟାଲ ଫର୍ମେସନ୍ ର ଅଭିବୃଦ୍ଧି ଦ୍ୱାଦଶରୁ ୨୦ ତମ ଆର୍ଥିକ ବର୍ଷରେ ୬.୩% ରୁ ୨୫ ତମ ଆର୍ଥିକ ବର୍ଷ ରେ ୭.୧% କୁ ବୃଦ୍ଧି ପାଇଛି, ଏବଂ ୨୬ତମ ଆର୍ଥିକ ବର୍ଷରେ ୭.୮% ରେ ପହଞ୍ଚିବ। ଏହା ଲଗାତାର ପୁଞ୍ଜି ନିର୍ମାଣକୁ ଦର୍ଶାଉଛି।'

### ସୁନେତ୍ରା ହେବେ...

ପ୍ରଫୁଲ ପଟେଲ ଏବେ ଅସ୍ଥାୟୀ ଭାବେ ଦଳର ମଙ୍ଗ ଧରିପାରନ୍ତି। ପରେ ଏନସିପି (ଏସପି) ସହ ଏନସିପି ଦଳ ମିଶିବା ନେଇ ଆଲୋଚନା ହୋଇପାରେ। ଉଲ୍ଲେଖଯୋଗ୍ୟ ଯେ, ପୌର ନିର୍ବାଚନ ଆରମ୍ଭ ହେବା ପରଠାରୁ ଅଜିତ ପାୱାର ଏନସିପି (ଏସପି) ସହ ତାଙ୍କ ଦଳକୁ ମିଶାଇବାପାଇଁ କଥାବାର୍ତ୍ତା ଆରମ୍ଭ କରିଥିଲେ। ତେବେ ୨ ଏନସିପି ଗୋଷ୍ଠୀ ଏକାଠି ହେବା ପ୍ରସଙ୍ଗରେ ଉତ୍ତର ରଖି ଜିରୱାଲ କହିଛନ୍ତି, ୨ ଏନସିପି ଗୋଷ୍ଠୀ ଏକାଠି ହୋଇ ସାରିଛନ୍ତି। ସମସ୍ତେ ଏହା ହୃଦ୍‌ବୋଧ କରିଥିବା ସେ କହିଛନ୍ତି।

### ଗୁଟ୍‌ଖା ବେପାରରେ...

ଆଦାୟ ହେବାରେ ଲାଗିଛି । ବର୍ତ୍ତମାନ ଏହି ବଡ ବଡ ଗୁଟ୍‌ଖା ବେପାରୀମାନେ କୌଣସି ପ୍ରକାରେ ବ୍ୟବସାୟ ଚଳାଇବାପାଇଁ ଉଦ୍ୟମ କରୁଛନ୍ତି । ପ୍ରଥମେ ଗୁଟ୍‌ଖା ଲୁଚାଇ ଚଡା ଦରରେ ବଜାରକୁ ଛାଡୁଥିବାବେଳେ ସରକାରଙ୍କ କଡା ଆଭିମୁଖ୍ୟକୁ ଦେଖି ଏବେ ଛୋଟ ଛୋଟ ଦୋକାନୀଙ୍କୁ ମୋହରା କରିଛନ୍ତି । ଇତି ମଧ୍ୟରେ କିଛି ବଡ ବେପାରୀ ଛୋଟ ବ୍ୟବସାୟୀଙ୍କୁ ଧରି ଆଇନ୍‌ଗତ ଲଢେଇ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଆଗାମୀ ଦିନରେ ସରକାରଙ୍କର ଆଭିମୁଖ୍ୟ କିଭଳି ରହିବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

### ସାମାନ୍ୟ ଧୂଳି...

କିଛି ସମୟ ପରେ ଗୋଠ ମାଲିକ ଓ ତାଙ୍କ ପରିବାର ସଂଘବଦ୍ଧ ଭାବେ ଆସି ଧାନ ଅମଳ ମେସିନକୁ ବନ୍ଦ କରିବାକୁ କହିଥିଲେ। ଯାହାକୁ ବିଜୟ ବିରୋଧ କରିଥିଲେ। ଶେଷରେ ମଇଁଷି ଗୋଠ ମାଲିକ ଓ ପରିବାର ଲୋକେ ବିଜୟଙ୍କୁ ଆକ୍ରମଣ କରିଥିଲେ। ଯେଉଁଥିରେ ବିଜୟ ଗୁରୁତର ହୋଇପଡିଥିଲେ। ଏହାପରେ ପରିବାର ଲୋକେ ତୁରନ୍ତ ବିଜୟଙ୍କୁ ତିହିଡ଼ି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ବିଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ସେପଟେ ବିଜୟଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଛି। ତେଣୁ ଅଭିଯୁକ୍ତଙ୍କୁ ଉଚିତ୍ ଦଣ୍ଡ ବିଧାନ ପାଇଁ ବିଜୟଙ୍କ ସଂପର୍କୀୟ ପୋଲିସ ନିକଟରେ ଗୁହାରି କରିଛନ୍ତି।

### ବାଣୀକ୍ଷେତ୍ରରୁ...

ଏଯାଏ ସରକାର ଏଥିପ୍ରତି ଅଣଦେଖା କରି ଏହି ଉପକୂଳ ଜିଲ୍ଲାଗୁଡ଼ିକର ପର୍ଯ୍ୟଟନ ବିକାଶରେ ବାଧକ ସାଜିଛନ୍ତି କହିଲେ ଭୁଲ୍ ହେବ ନାହିଁ ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି । ଏଥିସହିତ ସାଂପ୍ରତିକ ଡ଼ବଲ ଇଂଜନ ସରକାର ଅବିଳମ୍ବେ ତିନୋଟି ଜିଲ୍ଲାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯାଜପୁରର ମା' ବିରଜାଙ୍କ ପୀଠ ତଥା ବିରଜାକ୍ଷେତ୍ରରୁ କେନ୍ଦ୍ରାପଡ଼ାର ସିଦ୍ଧ ଶ୍ରୀବଳଦେବଜୀଙ୍କ ପବିତ୍ର ତୁଳସୀ କ୍ଷେତ୍ର ଦେଇ ଜଗତସିଂହପୁରର ମା ଶାରଳାଙ୍କ ପୀଠ ତଥା ବାଣୀକ୍ଷେତ୍ରକୁ ଏକ ସ୍ୱତନ୍ତ୍ର ରାଜପଥ ନିର୍ମାଣ କରିବାକୁ ପଦକ୍ଷେପ ନେବାପାଇଁ ଅନେକ ଦାବି କରିଛନ୍ତି । ଏହା ଉପକୂଳ ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ କରିଡ଼ର ଭାବେ ଜିଲ୍ଲାବାସୀଙ୍କ ବିକାଶ ସହିତ ରାଜ୍ୟ ଅର୍ଥନୀତିକୁ ବଳ ଦେବ ବୋଲି ମଧ୍ୟ କୁହାଯାଇଛି ।

### ଅଫିସରଙ୍କ...

ଶତକଡା ୫ ଅଂଶ କାଟି ରଖିଛନ୍ତି । ତେବେ ଦେଢ ବର୍ଷ ହେବ କାମ ସରିଥିଲେ ମଧ ଟଙ୍କାଟିଏ ନପାଇ ନିଜ ହାତରୁ ପ୍ରକଳ୍ପ ରକ୍ଷଣାବେକ୍ଷଣ ଦାୟିତ୍ୱ ମୁଣ୍ଡେଇ ଥିବା ଏହି ଠିକାଦାର ମାନେ ଏବେ ବାପ ରଣ ଢ଼ିଙ୍କି ଗିଳ ଅବସ୍ଥାରେ ପଡିଛନ୍ତି । ବଡ ବଡ ଠିକାଦରମାନଙ୍କୁ ଟଙ୍କା ନିୟମିତ ଦିଆ ଯାଉଥିବା ବେଳେ ଗ୍ରାମାଂଚଳର ଏହି ଛୋଟ ଠିକାଦାର ମାନଙ୍କୁ ବିଭାଗୀୟ ଅଧିକାରୀ ମାନେ ଶୋଷଣ କରୁଥିବାରୁ ବାଧ ହୋଇ ଇଚ୍ଛାପୁରୁ ଆର ଡବ୍ଲ୍ୟୁ ଏସ ଏସ ଅଫିସ ସମୁଖରେ ଗଣ ଧାରଣା ଦେଇଛନ୍ତି।ଏବଂ ବକେୟା ବିଲ୍ ପଇଠ ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହି ଧାରଣାରେ ମନୋରଂଜନ ପଣ୍ଡା, ବିକାଶ ପରିଡା, ସୁଶାନ୍ତ ବେହେରା, ଅଞ୍ଜନ ପଣ୍ଡା, ପବିତ୍ର ରଂଜନ ସାହୁ, ସ୍ମୃତି ରଂଜନ ବଳ, ସୁବ୍ରତ ସାହୁ, ଲଳିତ ଲେଙ୍କା, ଅସିମ ଜଗତି, ଜୟ ପ୍ରକାଶ ସେଠୀ, ଲକ୍ଷ୍ମୀଧର ସ୍ୱାଇଁ, ଅର୍ପଣ ବେହେରା ଓ ପ୍ରଶାନ୍ତ ବାରିକ ପ୍ରମୁଖ ଠିକାଦାର ମାନେ ଧାରଣାରେ ବସିଛନ୍ତି ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das  ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ  Chief Editor : Umapada Bose  ମୁଖ୍ୟ ସମ୍ପାଦକ : ଉମାପଦ ବୋଷ